# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ ପତ୍ରିକା

ନବମ ସଂଖ୍ୟା ୧ ମାର୍ଚ୍ଚ ୨୦୨୩



ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

Publisher :
Newtra Creations,Bhubaneswar

ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

Mob : 9438621925 / 9937128547

Website: www.newtracreations.com / www.cspursahityasansad.com Email : cspursahityasansad@gmail.com

# ଚନ୍ଦ୍ରଶେଖରପୁର୍ ସାହିତ୍ୟ ସଂସଦ

# ଇ-ପତ୍ରିକା

ନବମ ସଂଖ୍ୟା
୧ ମାର୍ଚ୍ଚ ୨୦୨୩

**ଉପଦେଷ୍ଟା :**
ପ୍ରଫେସର୍ ଅଭୟ କୁମାର ବେହେରା
ପ୍ରଫେସର ଅଶୋକ କୁମାର ମହାନ୍ତି
ଡକ୍ଟର୍ ସଂଘମିତ୍ରା ଭଞ୍ଜ

**ମୁଖ୍ୟ ସମ୍ପାଦକ :**
ବସନ୍ତ ମାଝି

**ସମ୍ପାଦକ :**
ସରୋଜ କୁମାର ଶତପଥୀ

**ସମ୍ପାଦନା ମଣ୍ଡଳୀ :**
ପ୍ରଫେସର୍ ବୀଣାପାଣି ତ୍ରିପାଠୀ
ଯଶୋବନ୍ତ ସେଠୀ
ବିଦ୍ୟାଧର ଗୁରୁ
କ୍ଷଣପ୍ରଭା ମହାନ୍ତି

**ଅଳଙ୍କରଣ ଓ ପ୍ରଚ୍ଛଦ :**
ସରୋଜ କୁମାର ଶତପଥୀ

**ପ୍ରକାଶକ :**
ନ୍ୟୁଟ୍ରା କ୍ରିଏସନ୍ସ,
ପ୍ଲଟ୍ ନଂ -୫, ଜୟଦେବ ନଗର,
ଲୁଇସ୍ ରୋଡ୍, ଭୁବନେଶ୍ୱର-୦୨
ମୋ - ୯୯୩୭୧୨୮୫୪୭

**ସମ୍ପର୍କ :**
ସମ୍ପାଦକ: ଇ-ପତ୍ରିକା,
୭/୧୩-ଟାଇପ୍ 'ବି'(ରିଭାଇଜ୍ଡ)
ୟୁନିଟ୍ -୯, ଭୁବନେଶ୍ୱର-୨୨
ଫୋନ -୯୪୩୮୬୨୧୯୨୫/୯୯୩୭୧୨୮୫୪୭
e-mail: epatrika@cspursahityasansad.com
website : www.cspursahityasansad.com

**Patron:**
Prof. Avaya Kumar Behera
Prof. Ashok Kumar Mohanty
Dr. Sanghamitra Bhanja

**Chief Editor :**
Basanta Majhi

**Editor :**
Saroj Kumar Satpathy

**Editorial Board :**
Prof. Binapani Tripathy
Jashobanta Sethi
Bidyadhar Guru
Kshyanaprabha Mohanty

**Illustration & Cover design :**
Saroj Kumar Satpathy

**Publisher :**
Newtra Creations
Plot no-5, Jayadev Nagar
Bhubaneswar - 751002
Mob : 9937128547

**Contact :**
Editor - ePatrika,
7/13- Type 'B' (Revised), Unit-9,
Bhubaneswar - 751022
Mob : 9438621925 / 9937128547
Email : epatrika@cspursahityasansad.com
website : www.cspursahityasansad.com



## ସମ୍ପାଦକୀୟ...





# ସଂସ୍କୃତିର ଜୟଯାତ୍ରା

ବ୍ୟକ୍ତିଗତ ଜୀବନ ଠାରୁ ଆରମ୍ଭ କରି ସାମାଜିକ ଜୀବନର ବିଭିନ୍ନ କାର୍ଯ୍ୟଧାରା ମଧ୍ୟରେ ସଂସ୍କୃତି ପରିବ୍ୟାପ୍ତ । ଚେତନା ଜଗତ ଠାରୁ ନାନ୍ଦନିକ କାର୍ଯ୍ୟକଳାପ ମଧ୍ୟରେ ସଂସ୍କୃତିର ଦୃଶ୍ୟ ପରିସ୍ଫୁଟ ହୋଇଥାଏ । ସଂସ୍କୃତି ବିନା କୌଣସି ଜାତି ନିଜର ପରିଚୟ ସୃଷ୍ଟି କରିପାରେ ନାହିଁ । ସଂସ୍କୃତି ହେଉଛି ଏକ ପ୍ରବାହମାନ ଧାରା । ଏହି ଧାରା ହେଉଛି ସାମାଜିକ ଜୀବନର ଅବିଚ୍ଛେଦ୍ୟ ଶକ୍ତି ଏବଂ ଚେତନା ବିକାଶର ଆଧାର । ସାଂସ୍କୃତିକ ଜୀବନଧାରା ହେଉଛି ଅର୍ଥନୈତିକ ଓ ସାମାଜିକ ଜୀବନ ଧାରାର ଉପରି ସୌଧ । ଅର୍ଥନୈତିକ ଓ ସାମାଜିକ ଜୀବନଧାରାରେ ପରିବର୍ତ୍ତନ ଘଟିଲେ ସଂସ୍କୃତି ର ମଧ୍ୟ ପରିବର୍ତ୍ତନ ଘଟିଥାଏ । ସାଂପ୍ରତିକ ସମାଜରେ ମାନବିକ ମୂଲ୍ୟବୋଧର ଅବକ୍ଷୟ, ନୈତିକ ମୂଲ୍ୟବୋଧର ଅବକ୍ଷୟ ଏବଂ ସାଂସ୍କୃତିକ ଚେତନାର ଅବକ୍ଷୟ ଆମ ସମସ୍ତଙ୍କ ପାଇଁ ଏକ ଦୃଢ଼ ଆହ୍ୱାନ ସୃଷ୍ଟି କରିଛି । ଇତିହାସ ର ଉତ୍‌ଥାନ - ପତନ ଭିତର ଦେଇ ମାନବ ସଭ୍ୟତାର ବିକାଶ ଘଟିଛି ଏବଂ ସଂସ୍କୃତିର ମଧ୍ୟ ପରିବର୍ତ୍ତନ ଘଟିଛି ।

ଆମର ଅର୍ଥନୈତିକ ଓ ସାମାଜିକ ଜୀବନଧାରା ଯେତେ ଅଧିକ ଉନ୍ନତ ହେବ ଆମ ସଂସ୍କୃତି ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସେତିକି ଉନ୍ନତିର ଶିଖରରେ ପହଞ୍ଚ ପାରିବ ଏବଂ ସୃଷ୍ଟି ହେବ ସଂଖ୍ୟାଧିକ ସାଂସ୍କୃତିକ ପ୍ରତିଭା । ଏହି ପ୍ରତିଭାମାନେ ବାସ୍ତବତାରୁ ରସଦ ଗ୍ରହଣ କରି ନାନ୍ଦନିକ ଶିଳ୍ପକଳାକୁ ସମୃଦ୍ଧ କରିବେ । ସେହି ସୃଜନଶୀଳ ପ୍ରତିଭାମାନଙ୍କୁ କେବଳ ପରିଚିତ କରାଇବା ଆମ "ଇ-ପତ୍ରିକା" ର ଦାୟିତ୍ୱ ନୁହେଁ, ବରଂ ସେମାନଙ୍କ ଉନ୍ନତ ଚେତନାକୁ ଜନମାନସ ନିକଟରେ ପହଞ୍ଚାଇବାର ଗୁରୁ ଦାୟିତ୍ୱକୁ ବହନ କରିଚାଲିଛି ।

"ଇ-ପତ୍ରିକା" ତରଫରୁ ଆପଣ ମାନଙ୍କୁ ବହୁ ରଙ୍ଗର ଗଣପର୍ବ "ହୋଲି" ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । **"ହୋଲି ପର୍ବ"** ଆପଣମାନଙ୍କ ପାଇଁ ଉତ୍ସବ ମୁଖର ହେଉ ଏବଂ ଭାଇଚାରାର ସଂସ୍କୃତି ଆହୁରି ବଳଶାଳୀ ହେଉ । ଏହା ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

■■■

**ସରୋଜ କୁମାର ଶତପଥୀ**
**ସମ୍ପାଦକ**



# ମୁଖଶାଳା



| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | ସରୋଜ କୁମାର ଶତପଥୀ | ୦୩ |
| | **ବ୍ୟାକରଣ ବିଭାଗ** | | |
| ୨. | ବିଶେଷଣ | ଡ. ଦେବାଶିଷ ମହାପାତ୍ର | ୦୭ |
| | **ଗଦ୍ୟ ବିଭାଗ** | | |
| ୩. | ଘରଣୀ | ଛନ୍ଦା ମିଶ୍ର | ୧୩ |
| ୪. | ଧର୍ମଗଡ ହସ୍ପିଟାଲରେ ଏକ ଅଭୁଲା ଘଟଣା | ଡା. ଘନଶ୍ୟାମ ଜୈନ | ୧୫ |
| ୫. | କପଟ ପ୍ରଶଂସା | ଶଶାଙ୍କ ଶେଖର ମିଶ୍ର | ୧୮ |
| ୬. | ଆଶ୍ରୟ | ଅଧ୍ୟାପକ ଅଜୟ ପଟ୍ଟନାୟକ | ୧୯ |
| ୭. | ଅମୈଥୁନୀ ସୃଷ୍ଟି : ଭ୍ରାନ୍ତି ନା ବାସ୍ତବତା ? | ମୀନୁ ହୋତା | ୨୨ |
| ୮. | କପିମ୍ କୁତ୍ୱା | ବିରଞ୍ଚି ମିଶ୍ର | ୨୪ |
| ୯. | ମା' ର ଦୁଃଖ ଓ ବାପାର ମନ | ଡ. ସୁଚେତା ରାଉତ | ୨୫ |
| ୧୦. | ଅନ୍ଧକାର | ପ୍ରମୋଦ କୁମାର ମହାପାତ୍ର | ୨୬ |
| ୧୧. | ଭଲ ଲୋକଙ୍କୁ ଦେଖିବା ପାଇଁ ଭଲ ଦୃଷ୍ଟିଭଙ୍ଗୀ ରଖିବା ଦରକାର | ଧ୍ରୁବଚରଣ ଘିବେଲା | ୨୯ |
| ୧୨. | ସାବତ ମାଆ | କୁଞ୍ଜ ବିହାରୀ ସାହୁ | ୩୧ |
| | **ପଦ୍ୟ ବିଭାଗ** | | |
| ୧୩. | ବସନ୍ତ ଆସିଛି | ବିଦ୍ୟାଧର ଗୁରୁ | ୩୭ |
| ୧୪. | ଋତୁରାଜ ବସନ୍ତ | ଡ. ପ୍ରିୟମ୍ବଦା ସାମଲ | ୩୮ |
| ୧୫. | ବସନ୍ତ ରାସ | ସ୍ୱର୍ଣ୍ଣଲତା ମହାପାତ୍ର | ୩୯ |
| ୧୬. | ରୂପସୀ ଋତୁ | ବାସନ୍ତୀ ବାରିକ୍ | ୪୦ |
| ୧୭. | ଆମ୍ବ | ଶୁଭଶ୍ରୀ ସିଂ | ୪୧ |
| ୧୮. | ବସନ୍ତର ଆଗମନୀ | ବିନୋଦିନୀ ଗଉଡ଼ | ୪୨ |
| ୧୯. | ବୁଦ୍ଧିଜୀବୀ | ଅଞ୍ଜଳି ଆଚାର୍ଯ୍ୟ | ୪୩ |
| ୨୦. | ତଥାପି ମୁଁ ମଣିଷ | ବସନ୍ତ ମାଝି | ୪୪ |
| ୨୧. | କଥା ପଦେ | ପ୍ର. ବୀଣାପାଣି ତ୍ରିପାଠୀ | ୪୫ |
| ୨୨. | ଗୋ ଧୂଳିର ବର୍ଣ୍ଣବିଭା-୨ | ମାନଗୋବିନ୍ଦ ବାରିକ୍ | ୪୬ |
| ୨୩. | ଅନ୍ତଃକରଣର ଶୁଦ୍ଧି | ଡ. ପ୍ରବୀଣା ପରିଡ଼ା | ୪୭ |
| ୨୪. | ଫୁଲେଇ ଫଗୁଣ | ବିପିନ୍ ମହାନ୍ତି | ୪୮ |
| ୨୫. | ଲୋକ ଚିହ୍ନବାର୍ତ୍ତା ଶିଖା | ସରୋଜ କୁମାର ଶତପଥୀ | ୪୯ |
| ୨୬. | ଅସଲ ଚେହେରା | ମୋହନ ମଜୀଠିଆ | ୫୦ |
| ୨୭. | ଫଗୁଣ ଲୋ | ଗୀତା ପଟ୍ଟନାୟକ | ୫୧ |

# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୮. | ରାଜା-ରାଣୀ କଥା | ଯଶୋବନ୍ତ ସେଠୀ | ୫୨ |
| ୨୯. | ଛାୟା | ମନୋରମା ମିଶ୍ର | ୫୩ |
| ୩୦. | ଆଲୁଅ ଅନ୍ଧାର | ବିଶ୍ୱମିତ୍ରା ମିଶ୍ର | ୫୪ |
| ୩୧. | ଭୋଦେଇ କିଆ | ବସନ୍ତ କୁମାର ଦାସ | ୫୫ |
| ୩୨. | ନୂତନ ପୁରାତନ | ଶମ୍ଭୁନାଥ ରାଉଳ | ୫୬ |
| ୩୩. | ଅଦିନ ମଳୟ | ବିଜୟଲକ୍ଷ୍ମୀ ପଟ୍ଟନାୟକ | ୫୭ |
| ୩୪. | ଘର | ନିହାରୀକା ରାୟବରାଳ | ୫୮ |
| ୩୫. | ମୁଗ୍ଧ ପ୍ରେମିକ | ସିଦ୍ଧାର୍ଥ କୁମାର ମହାପାତ୍ର | ୫୯ |
| ୩୬. | ମୁଁ ପୁଣି ଫେରି ଆସେ | ଜାହ୍ନବୀ ଚୌଧୁରୀ | ୬୦ |
| ୩୭. | ଅବତାର | ଜ୍ୟୋତିପ୍ରକାଶ ଗଡତ୍ୟା | ୬୧ |
| ୩୮. | ସାଥି | ଯୋଗେଶ ମିଶ୍ର | ୬୨ |
| ୩୯. | ଆହତ ସ୍ୱପ୍ନ | ଯଜ୍ଞଦତ୍ତ ସାମନ୍ତ ରାୟ | ୬୩ |
| ୪୦. | ମନେ ପଡ଼ିଯାଅ ତୁମେ | ବୀରେଶ୍ୱର ମହାନ୍ତି | ୬୪ |
| ୪୧. | ଗାଆଁ କୁ ମୁଁ ଯାଇଥିଲି | ପୁଷ୍ପଲତା ମିଶ୍ର | ୬୫ |
| ୪୨. | ଆଉ୍ କିଏ | ନୀରଜ ଦାଶ୍ ଶର୍ମା | ୬୬ |
| ୪୩. | ମୋର୍ ବାପାର୍ ଜନମ୍ ଦିନ୍ | ପ୍ରଜ୍ଞା ଦର୍ଜୀ ମହାପାତ୍ର | ୬୭ |
| ୪୪. | ହାରିବିନି | କବିତା ନାୟକ | ୬୮ |
| ୪୫. | ବନ୍ଧୁର ବନ୍ଧୁତା | ସ୍ମିତା ରଥ | ୬୯ |
| ୪୬. | ଅଲିଖିତ ଚୁକ୍ତି | ଡ. ମନୋରଞ୍ଜନ ବିଶୋୟୀ | ୭୦ |
| ୪୭. | ମାଁ ବାପ୍ | ଅଳକା ଦାଶ୍ | ୭୧ |
| ୪୮. | ଦୁଃଖୀ | କରିସ୍ମା ତ୍ରିପାଠୀ | ୭୨ |
| ୪୯. | ଯୁଦ୍ଧର ବେଳ ଏ ନୁହେଁ | ଭୁବନେଶ୍ୱର ବିଶି | ୭୩ |
| ୫୦. | ପବିତ୍ର ବନ୍ଧନ | ନିକୁଞ୍ଜ କୁମାର ଘୋଷ | ୭୪ |
| ୫୧. | ନୈବେଦ୍ୟ ପ୍ରଭୁଙ୍କୁ | ଶ୍ରୀମତୀ ଗୋପା ଦାଶ | ୭୫ |
| ୫୨. | ପ୍ରେୟସୀ ଗୋ ତୁମେ | ପୀତାମ୍ବର ଭୋଇ | ୭୬ |
| ୫୩. | ଇ - ପତ୍ରିକା ର ଫେବୃୟାରୀ ସଂଖ୍ୟା ର କିଛି ସ୍ମୃତି | | ୭୭ |




# ବ୍ୟାକରଣ ବିଭାଗ



# ବିଶେଷଣ

ଡ. ଦେବାଶିଷ ମହାପାତ୍ର



ବିଶେଷ୍ୟ ପଦକୁ ଯିଏ ବିଶେଷିତ ବା ଗୁଣାନ୍ୱିତ କରେ, ତାହାକୁ ବିଶେଷଣ କୁହାଯାଏ । ବିଶେଷ୍ୟର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ଆଦି ବିଶେଷ୍ୟ ପଦର ନିର୍ଦ୍ଦେଶକ ପଦ ଅର୍ଥରେ ବିଶେଷଣ ପଦର ବ୍ୟବହାର ହୋଇଥାଏ। 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ରେ କୁହାଯାଇଛି- "ବିଶେଷ୍ୟର ଗୁଣ ବା ଅବସ୍ଥା ଏବଂ ବିଶେଷଣ ତିନିପ୍ରକାର । ଯଥା: କ) ବିଶେଷ୍ୟର ବିଶେଷଣ-ମିଷ୍ଟଫଳ, ଖ) ବିଶେଷଣ ବିଶେଷଣ- ପରମ ଧାର୍ମିକ, ଗ) କ୍ରିୟାର ବିଶେଷଣ- ଶୀଘ୍ର ଯାଉଅଛି" (ପ*ମଖଣ୍ଡ, ପୃ-୫୭୪୬) ଆମେ କହିପାରିବା ଯେ, ବିଶେଷଣ ପଦ ବିଶେଷ୍ୟ ପଦର ଗୁଣ, ଅବସ୍ଥା, ସଂଖ୍ୟା, ବା ପରିମାଣକୁ ପ୍ରକାଶ କରିଥାଏ । ପିତା, ମିଠା, ସୁନ୍ଦର, ଶାନ୍ତଶିଷ୍ଟ, ସାଧୁ, ଦୁଷ୍ଟ, ନୂଆ, ପୁରୁଣା, ଉଜ୍ଜ୍ୱଳ, ଉତ୍ତପ୍ତ, ବଡ଼, ଭଲ, ଖରାପ, ଭଙ୍ଗା ବହୁତ ଆଦି ବିଶେଷଣର ଉଦାହରଣ । ବିଶେଷ୍ୟ ବା ସର୍ବନାମପଦର ଗୁଣ, ଅବସ୍ଥା, ଭାବ ଆଦିର ନିର୍ଦ୍ଦେଶକ ପଦ ଅର୍ଥରେ ବିଶେଷଣ ପଦର ବ୍ୟବହାର ହୋଇଥାଏ। ଆମେ କହିପାରିବା ଯେ, ଯେଉଁପଦ ଅନ୍ୟ ପଦର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ଆଦିର ପ୍ରକାଶ କରିଥାଏ ତାହା ବିଶେଷଣ । ବିଶେଷଣ କହିଲେ ବୁଝାଯାଏ, ପଦର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ବା ନିର୍ଦ୍ଦିଷ୍ଟତାର ପ୍ରକାଶ । ଆଉଟିକେ ବୁଝାଇ କହିଲେ କୁହାଯାଇପାରେ, ଯେଉଁ ପଦ ଅନ୍ୟପଦର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ଓ କୌଣସି ନିର୍ଦ୍ଦିଷ୍ଟତା ପ୍ରକାଶ କରେ ସେହି ପଦକୁ ବିଶେଷଣ କୁହାଯାଇଥାଏ । ଏହା ସାଧାରଣତଃ ଦୁଇପ୍ରକାରର - **ନାମ ବିଶେଷଣ** ଓ **ଭାବ ବିଶେଷଣ** ।

## ନାମ ବିଶେଷଣ :

ବିଶେଷ୍ୟ ଓ ସର୍ବନାମପଦକୁ ବିଶେଷିତ କରୁଥିବା ବିଶେଷଣ ପଦକୁ ଆମେ ନାମ ବିଶେଷଣ କହିଥାଉ । ଏହା ବିଶେଷ୍ୟର ବିଶେଷଣ, ସର୍ବନାମର ବିଶେଷଣ, ସଂଖ୍ୟାବାଚକ ବିଶେଷଣ ଓ ପୂରଣବାଚକ ବିଶେଷଣ ଏହିପରି କ୍ରମରେ ବୁଝାଯାଇପାରେ -

**ବିଶେଷ୍ୟର ବିଶେଷଣ :** ବୀର ଗଜପତି
ଚତୁରୀ କିଶୋରୀ
ଲୋହିତ ହ୍ରଦ
ସୁନ୍ଦର ପୁଅ
ବୁଦ୍ଧିମାନ ଛାତ୍ର

**ସର୍ବନାମର ବିଶେଷଣ :** ସେ ସରଳ ।
ତୁ ଦୁଷ୍ଟ ।
ଆପଣ ସଙ୍କୋଚ ।
ଆମେ ଧର୍ମଭୀରୁ ।
ସେମାନେ ଗାନ୍ଧିବାଦୀ ।

**ସଂଖ୍ୟାବାଚକ ବିଶେଷଣ :** ଶ୍ରୀମନ୍ଦିରରେ ବାଇଶି ପାହାଚ ।
ବାରମାସରେ ତେର ଯାତ୍ରା ।
ଶ୍ରୀକ୍ଷେତ୍ରର ଅଠରନଳା ପ୍ରସିଦ୍ଧ ।

**ପୂରଣବାଚକ ବିଶେଷଣ :** ପ୍ରାପ୍ତି ତୃତୀୟଶ୍ରେଣୀରେ ପଢ଼େ ।
ପଙ୍କଜ ପ*ମଥର ପାଲା ଦେଖିଲା ।
ଭାଗବତର ଦଶମ ସ୍କନ୍ଦଟି ତତ୍ତ୍ୱପୂର୍ଣ୍ଣ ।

**ଗୁଣବାଚକ ବିଶେଷଣ :**

ସତ୍ୟବାଦୀ, ଭୋକିଲା, ଜନପ୍ରିୟ, ବିକାଶଶୀଳ, ଦୟାଳୁ, ମଧୁର, ଉଚ୍ଚ, ଅବୋଧ, ନିରୀହ, ଜ୍ଞାନୀ, ନମ୍ର, ବ୍ୟସ୍ତ, ଶୀତଳ, ଉତ୍ତପ୍ତ, ରାଗୀ, ଭଲ, ଖଟା, ମିଠା, ପିତା, ନିର୍ମଳ, ଉଜ୍ଜ୍ୱଳ ।

ଜ୍ଞାନୀ ବ୍ୟକ୍ତିମାନେ ନମ୍ରତା ପ୍ରଦର୍ଶନ କରନ୍ତି ।

**ଅବସ୍ଥାବାଚକ ବିଶେଷଣ :**

ଲୁଣିଆ, ଭଙ୍ଗା, କୋହଲା, ମେଘୁଆ, ଓଦା, ପାଣିଆ, ତଟକା, ପାଚିଲା, କାଦୁଆ, ସଜ, ଖାଲୁଆ, ଚିରା, ନୂଆ, ଛିଣ୍ଡା, ଗରମ, ହିଂସ୍ର, ବୃଦ୍ଧ, ଦଦରା ।

ଦଦରା ନାଆରେ ନଈ ପାରହେବା କଠିନ ।

**ସଂଖ୍ୟାବାଚକ ବିଶେଷଣ :**

ଅସଂଖ୍ୟ, ଅଗଣିତ, ଶହେ, ହଜାରେ, ଚାଳିଶ, ଶତ, ପଚାଶ, ପାଞ୍ଚ, ସହସ୍ର, ଗୋଟିଏ ।

ଗୋଟିଏ ଲକ୍ଷ୍ୟରେ ସାଧନା କଲେ ସଫଳତା ମିଳେ ।

**ପରିମାଣବାଚକ ବିଶେଷଣ :**

ଅଳପ, ଅମାପ, ବହୁତ, କମ୍, ବେଶି, ଟୋପାଏ, ବସ୍ତାଏ, ସାମାନ୍ୟ, ଢୋକେ, ପ୍ରଚୁର, ପୋଷେ, ଆଞ୍ଜୁଳାଏ, ଗୁଡ଼ାଏ, ଟିକେ, ଅସରାଏ, ଲିଟରେ ।

ଲିଟରେ କ୍ଷୀରର ଦର ଚଉରାଳିଶ ଟଙ୍କା ।

**ପୂରଣବାଚକ ବିଶେଷଣ :**

ପଞ୍ଚମ, ତୃତୀୟ, ଷଷ୍ଠ, ଅଷ୍ଟମ, ଦଶମ, ପ୍ରଥମ, ଏକାଦଶ ।

ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା ।

**କ୍ରିୟା ବିଶେଷଣ :**

ଚଞ୍ଚଳ, ସଅଳ, ମନ୍ଦମନ୍ଦ, ମିଞ୍ଜିମିଞ୍ଜି, ହୁତୁହୁତୁ, ଘୁଘୁ, ଶୋଇଲା, ଚାଲିଲା ।

ଶୋଇଲା ପୁଅର ଭାଗନାହିଁ ।

| ବିଶେଷ୍ୟ | ବିଶେଷଣ | | |
|---|---|---|---|
| ଅକ୍ଷର | ଆକ୍ଷରିକ | ଜନ୍ମ | ଜନ୍ମିତ |
| ଅଙ୍ଗ | ଆଙ୍ଗିକ | ଝଙ୍କାର | ଝଙ୍କାରିତ |
| ଅର୍ଥ | ଆର୍ଥିକ | ତେଲ | ତେଲିଆ |
| ଅନୁମାନ | ଆନୁମାନିକ | ଦୁଧ | ଦୁଧିଆ |
| ଅନୁଭବ | ଅନୁଭବୀ | ଦେହ | ଦୈହିକ |
| ଅଂଶ | ଆଂଶିକ | ଦେବ | ଦୈବିକ |
| ଅଧୁନା | ଆଧୁନିକ | ଧର୍ମ | ଧାର୍ମିକ |
| ଅଭିଧାନ | ଆଭିଧାନିକ | ନିର୍ଦ୍ଦେଶ | ନିର୍ଦ୍ଦେଶିତ |
| ଅଭିଳାଷ | ଅଭିଳଷିତ | ପରସ୍ପର | ପାରସ୍ପରିକ |
| ଆକର୍ଷଣ | ଆକର୍ଷଣୀୟ | ପରଂପରା | ପାରମ୍ପରିକ |
| ଆଧାର | ଆଧାରିତ | ପାପ | ପାପୀ |
| ଇନ୍ଦ୍ରଜାଲ | ଐନ୍ଦ୍ରଜାଲିକ | ପାଉଁଶ | ପାଉଁଶିଆ |
| ଈଶ୍ୱର | ଈଶ୍ୱରୀୟ | ପୁରାଣ | ପୌରାଣିକ |
| ଉତ୍କଳ | ଉତ୍କଳୀୟ | | |
| ଉତ୍କଣ୍ଠା | ଉତ୍କଣ୍ଠିତ | ପ୍ରକୃତି | ପ୍ରାକୃତିକ |
| ଉପନିବେଶ | ଔପନିବେଶିକ | ପ୍ରବନ୍ଧ | ପ୍ରାବନ୍ଧିକ |
| ଓଜନ | ଓଜନିଆ | ପ୍ରସଙ୍ଗ | ପ୍ରାସଙ୍ଗିକ |
| କଳଙ୍କ | କଳଙ୍କିତ | ପ୍ରଚାର | ପ୍ରଚାରିତ |

| | | | |
|---|---|---|---|
| କଳୁଷ | କଳୁଷିତ | ଫଳ | ଫଳିତ |
| କାୟା | କାୟିକ | ବଚନ | ବାଚନିକ |
| କୋଳଥ | କୋଳଥିଆ | ବାଣିଜ୍ୟ | ବାଣିଜ୍ୟିକ |
| ଗନ୍ଧ | ଗନ୍ଧିଆ | ବିବାହ | ବୈବାହିକ |
| ଗ୍ରହଣ | ଗ୍ରହଣୀୟ | ବିପ୍ଳବ | ବୈପ୍ଳବିକ |
| ଚରିତ୍ର | ଚରିତ୍ରିକ | ବିଦେଶ | ବୈଦେଶିକ |
| ଜଗତ | ଜାଗତିକ | ବିଷୟ | ବୈଷୟିକ |
| ସମୁଦ୍ର | ସାମୁଦ୍ରିକ | ବେଦ | ବୈଦିକ |
| ସଙ୍କେତ | ସାଙ୍କେତିକ | ମର୍ମ | ମାର୍ମିକ |
| ସମାଜ | ସାମାଜିକ | ମାସ | ମାସିକ |
| ସମୟ | ସାମୟିକ | | |

**ଭାବ ବିଶେଷଣ :**

କ୍ରିୟାକୁ ବିଶେଷିତ କରୁଥିବା ବିଶେଷଣ ପଦକୁ ଭାବ ବିଶେଷଣ କୁହାଯାଏ । ବାକ୍ୟ ଓ ଅବ୍ୟୟକୁ ବିଶେଷିତ କରୁଥିବା ବିଶେଷଣ ପଦ ମଧ୍ୟ ଭାବ ବିଶେଷଣ ପର୍ଯ୍ୟାୟଭୁକ୍ତ । ଯେମିତିକି –

ତୁ ନାଥ ପରମ ଦୟାଳୁ ।
ଠିକ୍ ସାଧୁମହାତ୍ମା ଭଳି ସେ ଲାଗିଲେ ।

**୧) ଗୁଣବାଚକ ବିଶେଷଣ :**

ଯେଉଁ ବିଶେଷଣ ପଦ ବିଶେଷ୍ୟପଦର ଗୁଣ ପ୍ରକାଶ କରିଥାଏ ତାହାକୁ ଗୁଣବାଚକ ବିଶେଷଣ କୁହାଯାଏ। ଏହାକୁ ମଧ୍ୟ ବିଶେଷ୍ୟର ବିଶେଷଣ ଭାବେ ଅଭିହିତ କରାଯାଏ ।

କ) କବୀର ଜଣେ ପ୍ରସିଦ୍ଧ ସନ୍ଥ ।
ଖ) ଶ୍ରୀଦେବୀଙ୍କୁ ରୂପର ରାଣୀ କୁହାଯାଏ ।

**୨) ଅବସ୍ଥାବାଚକ ବିଶେଷଣ :**

ଯେଉଁ ବିଶେଷଣପଦ ବିଶେଷ୍ୟପଦର ଅବସ୍ଥାକୁ ସୂଚଇ ଥାଏ ତାହାକୁ ଅବସ୍ଥାବାଚକ ବିଶେଷଣ କୁହାଯାଏ । ଯେମିତିକି –

ସୁସ୍ଥଦେହ ପଚାମାଛ
ସଜ ପରିବା ବରଷାପାଗ
ପାଚିଲା କଦଳୀ ଦୁର୍ବଳଦେଉଳ

**୩) ପରିମାଣବାଚକ ବିଶେଷଣ :**

ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ପରିମାଣକୁ ବୁଝାଏ ତାହାକୁ ପରିମାଣବାଚକ ବିଶେଷଣ କୁହାଯାଏ ।

ଟୋପାଏ ସିନ୍ଦୁର ପ୍ରଚୁର ଟଙ୍କା
ବସ୍ତାଏ ଚାଉଳ ବୋଝେ ପରିବା
ଅଳପଧନ ବହୁତ କଳରା
ଆଞ୍ଜୁଳାଏ ଫୁଲ

**୪) କ୍ରିୟା ବିଶେଷଣ :**

ଯେଉଁ ବିଶେଷଣ ପଦ କ୍ରିୟାପଦକୁ ବିଶେଷିତ କରେ ଅଥବା କ୍ରିୟାର ଗୁଣ ଅବସ୍ଥାକୁ ପ୍ରକାଶ କରେ ତାହାକୁ କ୍ରିୟାବିଶେଷଣ କୁହାଯାଏ । ଯେମିତିକି –

ହୁତୁହୁତୁ ଜଳୁଛି ।
ମନ୍ଦମନ୍ଦ ବହୁଛି ।
ଜୋର୍‌ରେ ଆସୁଛି ।
ଧିରେ ଯାଉଛି ।

ବକ୍‌ବକ୍ କରୁଛି ।

**୫) ତୁଳନାତ୍ମକ ବିଶେଷଣ :**

ଦୁଇ ବା ଦୁଇରୁ ଅଧିକ ବିଶେଷ୍ୟପଦ ମଧ୍ୟରେ ତୁଳନା କରିବାପାଇଁ ଯେଉଁ ବିଶେଷଣ ପଦର ବ୍ୟବହାର କରାଯାଏ ତାହାକୁ ତୁଳନାତ୍ମକ ବିଶେଷଣ କୁହାଯାଏ । ଯେମିତିକି-

କନିଷ୍ଠ  କ୍ଷୁଦ୍ରତମ
ବରିଷ୍ଠ  ଉଚ୍ଚତର
ଗରିଷ୍ଠ  ମହୀୟାନ
କ୍ଷୁଦ୍ରତର  ଉଚ୍ଚତମ

**୬) କ୍ରିୟାଜ ବିଶେଷଣ :**

କ୍ରିୟାରୁ ଜାତ ବା କ୍ରିୟାରୁ ଗଠନ ହୋଇଥିବା ବିଶେଷଣ ପଦ କୌଣସି ପଦ ବିଶେଷ୍ୟ ପଦକୁ ବିଶେଷିତ କରୁଥିଲେ ତା-ହାକୁ କ୍ରିୟାଜ ବିଶେଷଣ କୁହାଯାଏ । ଯେମିତିକି -

ଜଳନ୍ତା ନିଆଁ
ଜୀଅନ୍ତା ମାଛ
ଉଡ଼ନ୍ତା ଚଢ଼େଇ
କହିବା ଲୋକ
ପଢ଼ିଥିବା ପାଠ

ବିଶେଷଣ ବିଶେଷ୍ୟର ବିଶେଷତା ପ୍ରକାଶକ ତଥା ବିଶେଷ୍ୟ ଗୁଣସୂଚକ । ଗଠନ ଭିତ୍ତିରେ ବିଶେଷଣ, ବିଶେଷ୍ୟର ଠିକ୍ ପୂର୍ବରୁ ଅବସ୍ଥାପିତ ହୋଇ ବିଶେଷ୍ୟ ସହିତ ଏକପଦରେ ପ୍ରକାଶ ପାଏ । ବିଶେଷଣ+ ବିଶେଷ୍ୟ= ଭଲଲୋକ, ଦୁଷ୍ଟପିଲା, ନାଲି ଫୁଲ, ବିଶେଷଣ+ ବିଶେଷଣ+ ବିଶେଷ୍ୟ- ଭାରି ଭଲ ଲୋକ, ଅତି ଦୁଷ୍ଟପିଲା, ଗାଢ଼ ନାଲିଫୁଲ । ବିଶେଷ୍ୟର ବିଶେଷଣ ଭାବରେ ଅବସ୍ଥାପିତ କେତେକ ସର୍ବନାମର ଶବ୍ଦରୂପକୁ ଆମେ ସାର୍ବନମିକ ବିଶେଷଣ କହୁ । ଯେମିତିକି- ଏତେ ଲୋକ, କେଡ଼େ କଥା, କୋଉଠାର ଝିଅ । ଏହାଛଡ଼ା ସଂଖ୍ୟାବାଚକ ବିଶେଷଣ ଅନ୍ୟ ବିଶେଷଣର ଏକ ଉପବିଭାଗ । ସଂଖ୍ୟା ବାଚକ ବିଶେଷ ଦୁଇ ପ୍ରକାରର - ଗଣନ ସଂଖ୍ୟା ଓ ପୂରଣ ବାଚକ ସଂଖ୍ୟା । ଗଣନ ସଂଖ୍ୟାଗୁଡ଼ିକ ତିନିଭାଗରେ ବିଭକ୍ତ - ମୂଳସଂଖ୍ୟା, ଦଶକ ସଂଖ୍ୟା ଓ ଯୌଗିକ ସଂଖ୍ୟା । ଏକାଠାରୁ ନଅ ପର୍ଯ୍ୟନ୍ତ ମୂଳସଂଖ୍ୟା, ଦଶକଗୁଡ଼ିକ ମୂଳସଂଖ୍ୟା ଗୁଡ଼ିକରେ ଶୂନଯୋଗହୋଇ ଗଠିତ ଓ ଯୌଗିକ ସଂଖ୍ୟାଗୁଡ଼ିକ ବାକ୍ୟ ସହିତ ମୂଳସଂଖ୍ୟା ଗୁଡ଼ିକୁ କ୍ରମିକ ଭାବରେ ଯୁକ୍ତ କରି ଗଠିତ । ଯଥା: ମୂଳସଂଖ୍ୟା- ଏକ, ଦୁଇ, ତିନି, ଚାରି । ଦଶକସଂଖ୍ୟା= ଦଶ, କୋଡିଏ, ତିରିଶ, ଚାଳିଶ । ଯୌଗିକ ସଂଖ୍ୟା- ଏଗାର, ବାର, ତେର, ଚଉଦ । ପୂରଣବାଚକ ସଂଖ୍ୟାରେ ମୂଳ ସଂଖ୍ୟାଗୁଡ଼ିକ ବ୍ୟବ-ହାର ହେଲେ ଶବ୍ଦ ରୂପରେ କିଛି ପରିବର୍ତ୍ତନ ହୋଇଥାଏ। ଯେମିତିକି-ମୂଳସଂଖ୍ୟା-ଏକ, ପୂରଣବାଚକ ସଂଖ୍ୟା- ପ୍ରଥମ ।

■■■

ଓଲ୍ଡ ଟାଉନ୍ , ଭୁବନେଶ୍ୱର



# ଭାଷା, ସାହିତ୍ୟ ଓ ସଂସ୍କୃତି ର ବିକାଶ ଦିଗରେ
# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ବିଭିନ୍ନ ପ୍ରଗତିମୂଳକ ପଦକ୍ଷେପ

ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

ଚିହ୍ନ

ଆଳାପ

ମାନବୀ

ଅଙ୍କୁର

ଇ-ପତ୍ରିକା

# ଗଦ୍ୟ ବିଭାଗ



# ଘରଣୀ
## ଛନ୍ଦା ମିଶ୍ର



ରାତି ରେ ଘର କୁ ଡେରି ରେ ଫେରି ଥିବା ରୁ ସକାଳୁ ଉଠି ବାକୁ ଖୁବ୍ ଡେରି କରି ଦେଲା ରମେଶ। ଅବଶ୍ୟ ରବିବାର, ତେଣୁ ଅଫିସ ଯିବା ର ଟେନସନ୍ ନାହିଁ। ହେଲେ ଦିନ ବାରଟା ବେଳେ ଶେଯ ରୁ ଉଠି ସସ୍ମିତା କୁ ଘରେ ନ ପାଇ ତା ମୁଣ୍ଡ ବିଗିଡି ଗଲା। ଘର ଦ୍ୱାର ସବୁ ଅସ୍ତ ବ୍ୟସ୍ତ ହୋଇ ପଡ଼ିଚି । ରୋଷେଇ ଘର ଠୁ ନେଇ ବାଥ୍ ରୁମ୍ ଓ ପଡ଼ିଶା ଘରେ ଦେଖି ସାରିଲାଣି। ଫୋନ କରି କରି ଥକି ଗଲାଣି। ମୁହଁ ଧୋଇ ପକେଇ ପାଖ ପରିବା ଦୋକାନ ଓ ମନ୍ଦିର ଆଦି ରେ ଖୋଜି ଆସିଲାଣି। ଆଉ ବାପ ଘର କୁ ଚାଲି ଗଲା କି?

ସକାଳେ, ଅଫିସ ଗଲା ବେଳେ କହି ଥିଲା, "ମୋ ରାଣ, ଆଜି ମଦ ପିଇବ ନାହିଁ, ଆଗ କଥା ଅଲଗା ଥିଲା, ଏବେ ପରା ଛୁଆ ଟିଏ ଘର କୁ ଆସିବ.. ଯଦି ଜାଣିବ, ବାପା ତାର ମଦୁଆ, ତାହେଲେ କଣ ହେବ କୁହତ.."

ରମେଶ କଥା ଦେଇ ଥିଲା ଆଉ ପିଇବ ନାହିଁ ବୋଲି । ତେବେ ଅଫିସ ସାରି ସୁରେଶ୍ କୁ ଦେଖି, ନିଜକୁ ସମ୍ଭାଳି ପାରିଲାନି। ତା ସହ ଚାଲିଗଲା ବାର କୁ। ସେଠି ପିଉ ପିଉ ସୁରେଶ୍ କୁ ସସ୍ମିତା ର ରାଣ କଥା କହି ଆହୁରି ଯୋଡ଼ିଲା ଯେ, " ଶ.. ମାଇକିନା ମତେ ଜବତ କରିବାକୁ ବସିଛି, ମୁଁ ତ ହାତ ରେ ଚୁଡ଼ି ପିନ୍ଧିଛି, ଆଉ ଯଦି ତା' ବୋପା ର ପିଉ ଥାନ୍ତି କେତେ କୁହନ୍ତା.."

ତା ମଦ ପିଆ କୁ ନେଇ ସସ୍ମିତା ଭାରି ଅଶାନ୍ତି । ଟିକିଏ କଥା ରେ କହେ "ମୁଁ ଯଦି ଆଗରୁ ଏ ବିଷୟ ରେ ଜାଣି ଥାନ୍ତି ତୁମକୁ କେବେ ବି ବାହା ହୋଇ ନ ଥାନ୍ତି ।" ଏହା ଶୁଣି, ଚିଡି ଯାଇ ରମେଶ କହେ, କାଇଁ ମତେ କଣ ଝିଅ ଅଭାବ ହେଉଥିଲା। ସସ୍ମିତା ରାଗେ" ନାଇଁ ମତେ ପୁଅ ଅଭାବ ହେଲା ଯେ ତମ ଭଳି ମଦୁଆ କୁ ବାହା ହେଲି । ତମ ବୋଉ କହିଲେ କ'ଣ ନା, ପୁଅ ଟା ଏମିତି ଅମାନିଆ ହେବା ରୁ ଲୋକେ କହିଲେ ତାକୁ ବାହା କରିଦିଅ ଯେ ସୁଧୁରି ଯିବ। ଯୋଉ ପୁଅ କୁ ତମେ ଜନ୍ମ କରିଛ ତମେ ତାକୁ ସୁଧାରି ପାରିଲ ନାହିଁ, ଆଉ ଗୋଟିଏ ଝିଅ ର ଜୀବନ ବରବାଦ କରି ଦେବାକୁ ମନ ଡାକିଲା କେମିତି ! ଏକଥା ଶୁଣି ତୁମ ବୋଉ ପୁଣି କହୁଛନ୍ତି, ମାଆ ତୋ ବର, ତୁ କେମିତି ସମ୍ଭାଳିବୁ, ତୁ ଜାଣିବୁ । "

ଏକଥା ମନେ ପଡ଼ି ରମେଶ ଆହୁରି ରାଗି ଗଲା। ଫୋନ ଲଗାଇଲା ଶଶୁର ଘର କୁ। ନା, ସେଠି ବି ନାହିଁ ସସ୍ମିତା। ଏଥର ତା ମନ କୁ ପାପ ଛୁଇଁଲା। ଭାରି ଅଭିମାନୀ ଝିଅ ଟା, କିଛି କରି ପକାଇ ନାହିଁ ତ ? ଠାକୁର ଙ୍କୁ ହାତ ଯୋଡ଼ିଲା ରମେଶ," ହେ ପ୍ରଭୁ, ଯେମିତି ହେଲେ ମୋ ସ୍ତ୍ରୀ କୁ ଫେରେଇ ଆଣ, ପେଟ ରେ ତାର ଛ ମାସ ର ଛୁଆ ! ତୁମ ଆଗରେ ଶପଥ କରି କହୁଛି ଆଉ କେବେ ମଦ ଛୁଇଁବି ନାହିଁ"। ତାର ଯାହା ମନେ ପଡୁଚି, କାଲି ରାତି ରେ ସସ୍ମିତା ହିଁ କବାଟ ଖୋଲି ଥିଲା ଓ ତାକୁ ଧରି ଧରି ଆଣି ଖଟ ଉପରେ ଶୁଆଇ ଦେଇ ଥିଲା, ତା'ପରେ, ନା ତା ପର ର କଥା ଆଉ ମନେ ନାହିଁ ତାର।

ଠିକ୍ ଏଇ ସମୟରେ କଲିଙ୍ଗ୍ ବେଲ ବାଜିଲା। ଦେହ ରେ ପ୍ରାଣ ପଶିଲା । ଭାବିଲା ଏଇନା ଯାଇ ସସ୍ମିତା ଗାଲ ରେ ଦୁଇଟା କଷି ଦେବ ବୋଲି, ଦିନ ଦୁଇଟା ବାଜିଲାଣି, ଘରେ ରୋଷେଇ ବାସ ନ କରି ମହାରାଣୀ ବୁଲୁଛନ୍ତି। ହେଲେ କବାଟ ଖୋଲି ହେଲା ଆଶ୍ଚର୍ଯ୍ୟ। ରାତି ର ସବୁ ନିଶା ଖସି ପଡିଲା ତାର। ସସ୍ମିତା କୁ ଅଜଣା ଲୋକ ଦୁଇ ଜଣ ଦୁଇ ପଟୁ ଧରି ଟେକି ଟେକି ଆଣି ଥିଲେ। କହିଲେ, "ଇଏ ପେଟେ ପିଇ ରାସ୍ତା ରେ ଗଡୁ ଥିଲେ.. ଘର ଠିକଣା କହିଲାରୁ, ଖୁବ୍ କଷ୍ଟ ରେ ୟାଙ୍କୁ ଆଣିଚୁ "। ରମେଶ ନିଜ କାନ କୁ ବିଶ୍ବାସ କରି ପାରୁ ନ ଥିଲା। ତେବେ ସେମାନଙ୍କୁ ଧନ୍ୟବାଦ ଦେଇ, ସସ୍ମିତା କୁ ଆଣି ଖଟ ରେ ଶୁଏଇ ଦେଲା। ଖଟ ଉପରେ ଭକଭକ କରି ବାନ୍ତି କରି ପକାଇଲା ସସ୍ମିତା। ଓଃ.. କି ଦୁର୍ଗନ୍ଧ। ଖୁବ୍ କଷ୍ଟ ରେ

ତାକୁ ଆଉ ଖଟ କୁ ନେଇ ବାନ୍ତି ଫାନ୍ତି ସବୁ ସଫା କଲା ରମେଶ। ରାଗ ରେ ଦେହ ମୁଣ୍ଡ ତାର ଥରୁ ଥିଲା।" ଏଇଟା ମା ନା ରାକ୍ଷସୀ.. ପେଟ ରେ ପିଲା ଅଛି ବୋଲି ଭୁଲି ଗଲା କି, ଏମିତି ପିଇଛି ଯେ ଘର ଦ୍ଵାର ଗନ୍ଧେଇ ଯାଉଚି। ହଉ ହୋସ୍ ଆସୁ ମୁଁ ତା କଥା ବୁଝୁଚି।"

ପରଦିନ ସକାଳେ, ସସ୍ମିତା ସାଧାରଣ ଅବସ୍ଥା କୁ ଟିକେ ଫେରିଲା। ରମେଶ ତାକୁ କାଲି ର ଘଟଣା ବିଷୟ ରେ କୈଫିୟତ ମାଗିବାରୁ, ସସ୍ମିତା ପ୍ରତ୍ୟୁତ୍ତର ରେ, ଚିତ୍କାର  କଲା," ମୋର ଯାହା ଇଛା ମୁଁ ତା କରିବି, ଏଥର ଡେଲି ମଦ ପିଇବି। ତମେ ମଦ ପିଉଛ, ମୁଁ ପିଇଲେ ଅସୁବିଧା କେଉଁଠି? " ଇଚ୍ଛା ହେଉଥିଲା ଚଟକଣା ଦୁଇଟା ଲଗେଇ ଦେବାକୁ କିନ୍ତୁ ତା ଶରୀର ଅବସ୍ଥା ଚିନ୍ତା କରି ତା ସହ ଯୁକ୍ତି ନ କରି, ପଡ଼ିଶା ଘରେ କହି ଦେଇ ରମେଶ ଅଫିସ  ଗଲା ।

ଅଫିସ  ପରେ, ସୁରେଶ୍ ଡାକି ଥିଲା, ହେଲେ ଘର ଅବସ୍ଥା  ଭାବି, ଘର କୁ ଫେରିଲା ବେଳକୁ ଘର ଠିଆ ମେଲା। କେହି କୁଆଡେ ନାହାନ୍ତି। ନିଜକୁ ଆଉ ସମ୍ଭାଳି ପାରିଲାନି ରମେଶ। ବାଇକ୍ ଷ୍ଟାର୍ଟ କଲା। ଭାବିଲା, "ଆଜି ତୋର୍ ଦିନେ କୁ ମୋର ଦିନେ,  ଯୋଉଠି ଦେଖିବି ସେଇଠୁ ପିଟି ପିଟି ଆଣିବି। ବେଶି ରଙ୍ଗ ଦେଖାଉଛି, କହୁଚି କଣ ନା ମଦ ପିଇବି"। ଆଖ ପାଖ ଅଞ୍ଚଳରେ ଥିବା ସବୁ ମଦ ଦୋକାନ ବୁଲି ଆସିଲା, ହେଲେ କାଇଁ କୋଉଠି ନ ଥିଲା ସସ୍ମିତା। ହତାଶ ହୋଇ ଫେରିଲା ବେଳକୁ ଘର ଆଗରେ ପୋଲିସ ଗାଡି ଥୁଆ ହୋଇଛି। "ଓଃ, ମହାରାଣୀ ତା ହେଲେ ଆଜି, ପୋଲିସ ଡାକି ଆଣିଛନ୍ତି ମତେ ବାନ୍ଧିବେ ବୋଲି। ହଉ ପୋଲିସ ନା ତା ବୋପା, ମୁଁ କାହାକୁ ଖାତିର୍ କରେନି, ଯାହା ହେବ ଦେଖା ଯିବ," ଭାବି ଘର କୁ ପଶିଲା ସେ। ପୋଲିସ ଅଫିସର ଜଣକ ତାକୁ ଅପେକ୍ଷା କରି ରହି ଥିଲେ,  ଦେଖୁ ଦେଖୁ କଡା କଣ୍ଠରେ କହିଲେ, "ଆପଣ ଙ୍କ ସ୍ତ୍ରୀ ଙ୍କୁ ସମ୍ଭାଳନ୍ତୁ , ଥାନା ର ଅବସ୍ଥା କଣ କରିଛନ୍ତି ଦେଖିବେ ଚାଲନ୍ତୁ, ଚାରି ଆଡେ ବାନ୍ତି କରି, ସମସ୍ତ ଙ୍କୁ ଗାଳି ବକି , ଟେବୁଲ ଚେୟାର ଭାଙ୍ଗି, ଥାନା ର ଆଉ ଅବସ୍ଥା ନାହିଁ।" ହାତ ଯୋଡି ଭୁଲ ମାଗି ତାଙ୍କୁ ବିଦା କରି, ବୋଉ କୁ ଫୋନ କଲା ରମେଶ। ପରଦିନ ବାପା ବୋଉ ଆସି ପହଁଞ୍ଚିଲେ। ସେ ମନେ ମନେ ଖୁସି ହେଲା। "ଶାଶୁ ଶ୍ୱଶୁର ତତେ ଜଗିଲେ, ଏଥର କଣ କରିବୁ..? "

ହେଲେ ପର ଦିନ ବି ମଦ ପିଇ ମାତାଲ ହୋଇ ଶାଶୁ ଶ୍ୱଶୁର ଙ୍କୁ ଶୋଧାବକା କରିଛି ଜାଣି ଆକାଶ ରୁ ଖସି ପଡିଲା ସେ। ବୋଉ କାନ୍ଦି କାନ୍ଦି କହିଲା, "ବାପା ବୁଢୀ କାଳେ, ଏଇ ଦିନ ଦେଖିବା କଣ ବାକି ଥିଲା! କାଇଁ ମଦ ପିଉଛୁ, ପଚାରି ଲାରୁ କହିଲା, କାଇଁ ତୁମ ପୁଅ ପିଇ ଲା ବେଳକୁ ତ ପାଟି ରୁ ବଚନ ବାହାରୁ ନାହିଁ। ବୋହୂ ଉପରେ ଷଣ୍ଢ ପଣିଆ ଦେଖାଉଛ?  "

ଏକଥା ଶୁଣିଲା ପରେ ଏହାର କିଛି ଗୋଟେ ସମାଧାନ କରିବା ପାଇଁ ଅଣ୍ଟା ଭିଡିଲା ରମେଶ। ସସ୍ମିତା ର ମା ବାପା ଙ୍କୁ ଡକା ହେଲା। ସେଠି ବି ସସ୍ମିତା ଚିତ୍କାର କରି କହିଲା," ରମେଶ ପିଉ ଥିଲା ଯାକେ ସେ ନିଶ୍ଚେ ପିଇବ, ତେଣିକି ସେ ଛୁଆ ର ଯାହା ହେଉଛି ହେଉ। "

ବାପା ମା, ଶାଶୁ ଶ୍ୱଶୁର, ସମସ୍ତେ ଚାହିଁଲେ ରମେଶ କୁ। ରମେଶ କଥା ଦେଲା ଆଉ ଆଉ କେବେ ପିଇବ ନାହିଁ। ଘର ର ଅବସ୍ଥା ଧୀରେ ଧୀରେ ସୁଧୁରୁ ଥିଲା। ନିଜ କଥା ମୁତାବକ ରମେଶ ଓ ସସ୍ମିତା କେହି ଆଉ ମଦ ର ନାଁ ଧରୁ ନଥିଲେ। ସୁନ୍ଦରିଆ ପୁଅ ଟିଏ  ଘର କୁ ଆସିଲା। ପୁଅ କୁ ବି ତିନି ବର୍ଷ ହେଲାଣି। ଏବେ ଦିଅର ଙ୍କ ବାହାଘର ପାଇଁ ଗାଁ କୁ ଗଲା ବେଳ କୁ ବାଟ ରେ ପୋଲିସ ଚେକିଂ ହେଉଥିଲା। ସେଠି ଗାଡି ଭିତରେ ବସି ଥିଲା ବେଳେ, ଚେକିଂ କରୁଥିବା ଇନ୍ସପେକ୍ଟର ଜଣକ ପାଖକୁ ଆସି କହିଲେ, ଭାଇନା ଚିହ୍ନି ପାରୁଛନ୍ତି..! ସସ୍ମିତା ଓ ପୋଲିସ ଅଧିକାରୀ ଦୁହେଁ ହୋ ହୋ ହୋଇ ହସି ଉଠିଲେ। ପରେ ସସ୍ମିତା ବୁଝେଇ ଥିଲା, "ଆରେ ସିଧା ଆଙ୍ଗୁଠି ରେ ଘିଅ ନ ବାହାରିଲେ ଆଙ୍ଗୁଠି ବଙ୍କା କରିବାକୁ ହୁଏ, ତମକୁ ବାଟ କୁ ଆଣିବା ପାଇଁ ଏଇ ପୋଲିସ ଅଫିସର, ଯିଏ କି ମୋ ମାମୁ ପୁଅ ଭାଇ, ତୁମ ବୋଉ ବାପା ଓ ଆମ ପଡ଼ୋଶୀ, ଏ ସମସ୍ତ ଙ୍କ ସାହାଯ୍ୟ ମୁଁ ନେଇ ଥିଲି। ମଦ ପିଇବା ତ ଦୂର ର କଥା ଟୋପାଏ ବି ମୋ ପାଟି କୁ ଯାଇନି। ମଦ କିଣି ଦେହ ରେ ଢାଳୁଥିଲି ଓ ମଦୁଆ ହେବା ର ଅଭିନୟ କରୁଥିଲି। ପେଟ ରେ ପୁଅ ଥାଉ ଥାଉ ଏପରି ହୀନ କାର୍ଯ୍ୟ କରିଥାନ୍ତି କେମିତି ଯେ ! ହେଲେ ଜାଣିଥା, ମୋ ଘର ସଜାଡ଼ିବା ପାଇଁ ମୁଁ କିଛି ବି କରି ପାରେ...! "

■■■

କଳିଙ୍ଗ ନଗର, ଭୁବନେଶ୍ୱର
ମୋ-୯୪୩୭୪ ୫୩୬୧୦

# ଧର୍ମଗଡ଼ ହସ୍ପିଟାଲ୍ ର ଏକ ଅଭୁଲା ଘଟଣା

ଡା.ଘନଶ୍ୟାମ ଜୈନ



ସନ୍ଧ୍ୟା ପ୍ରାୟ ୭ ଟା ହେବ। ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ମୁଁ ସ୍ତ୍ରୀରୋଗ ବିଶେଷଜ୍ଞ ଭାବରେ କାର୍ଯ୍ୟରତ ଥାଏ। ସେହିଦିନ ମୋର ସାନ୍ଧ୍ୟକାଳୀନ ଏମାରଯେନ୍ସି ଡ୍ୟୁଟି ଥାଏ, ଯୋଉଟା ସପ୍ତାହରେ ଥରେ ପ୍ରାୟ କରିବାକୁ ହୁଏ। ସେଦିନ ସେତେଟା ପ୍ରାୟ ଭିଡ଼ ନ ଥାଏ। ମୁଁ ଆରାମରେ ମୋ ଡ୍ୟୁଟି ରୁମରେ ବସି ନୋଭେଲଟିଏ ପଢୁଥାଏ। ଠିକ ଏତିକିବେଳେ ବାହାରେ ଏକ ହଟ୍ଟଗୋଳ ଶୁଭିଲା। ଭାବିଲି, କିଛି ଗୋଟିଏ ସିରିଆସ ରୋଗୀ ଆସିଥିବ ବୋଧହୁଏ। ବାହାରକୁ ବାହାରି ଦେଖିଲି, ଦଳେ ଟୋକା ( ବୋଧହୁଏ ନୂଆ ନୂଆ କଲେଜରେ ଏଡ଼ମିଶନ ନେଇଥାନ୍ତି) ପାଟି କରୁଥାନ୍ତି,"କୁଆଡେ ଗଲା ଡାକ୍ତର ? (ତା ଭିତରେ କିଛିଟା ଚିରାଚରିତ ଅଶ୍ରାବ୍ୟ ଭାଷା ମଧ୍ୟ ଥାଏ, ଯାହାକି ଏଠି ଲେଖି ହେବନି)। ଜଣେ କହୁଥାଏ,"ଡାକ୍ତର ମାନେ କଣ ଆଜିକାଲି ଡ୍ୟୁଟି କରୁଛନ୍ତି ? ଘରେ ବସି ପ୍ରାକ୍ଟିସ କରୁଥିବେ ନା !" ଆଉ ଜଣେ କହୁଥାଏ,'ଦେଖ ବେ,ଦେଖ,କୁଆଡେ ବସି ଗପୁଥିବେ। ଆଜି ଯଦି ଡେରି ହେଇଗଲା ଡାକ୍ତର ଆସିବାରେ ଆଉ ପେସେଣ୍ଟକୁ କିଛି ହେଇ ଗଲା ନା' ଶଳା ଡାକ୍ତରକୁ ଦେଖିନେବି", ନିଜର ନେତାଗିରି ଦେଖେଇ ସେ ଚିତ୍କାର କରୁଥାଏ। ଆଉ ଦୁଇ ତିନି ଜଣ କହୁଥାନ୍ତି,"ବୁଝିଲ, ଭବାନୀପାଟଣାରେ ଥରେ ଇମିତି ହେଲାଯେ, ମୋର ମାମୁ ପୁଅ ଭାଇ ଆଉ ତା ସାଙ୍ଗମାନେ ଡ଼ାକ୍ତରକୁ ଯୋଉ ମାଡ଼ ନା ! ଛାଡ଼ ସେ କଥା। ଆମ ଏଇଟା ଛୋଟ ଜାଗା ବୋଲି ସିନା ଡ଼ାକ୍ତରମାନଙ୍କ ମନଇଚ୍ଛା ଦାଦାଗିରି ଚାଲିଛି। ଆଉ ଜଣେ କହୁଥାଏ, 'ଆଜିକାଲି ଡାକ୍ତରମାନେ ଆଉ କଣ ସେବା କରୁଛନ୍ତି ? କେବଳ ପଇସା,ପଇସା ଆଉ ପଇସା। ଶଳାଙ୍କୁ ପାନେ ଦରକାର ।"

ମୋ କାନରେ ଏ ସବୁ ଅପ୍ରୀତିକର ଶବ୍ଦାବଳୀ ଗୁଞ୍ଜାୟମାନ ହେଉଥାଏ। ମୁଁ ମନେ ମନେ ଭାବୁଥାଏ,କୌଣସି ଅଘଟଣ ଟିଏ ଘଟିଲେ ଏଇ ଟୋକାଗୁଡ଼ାକ ଥାନା ପାଚେରୀ ଭିତରକୁ ଯିବାକୁ ସାହସ କରନ୍ତି ନି, ପୋଲିସ ବାଲାଙ୍କୁ ଗାଳିଗୁଲଜ କରିବା ତ ଦୂରକଥା। ସେ ଯା'ହେଉ, ସେ ବିଷୟରେ କିଛି ନ ଭାବି, ମନରେ ଜମାଥିବା କିଛିଟା ବିଷାଦକୁ ନିଜ ଜୀବନର ଦୈନନ୍ଦିନ professional hazard ଭାବି ପଚାରି ଉଠିଲି,"କଣ ହେଲା ବାବୁମାନେ ? କିଏ, ପେସେଣ୍ଟ କିଏ ?"

"ଓଃ ସାର, ଆପଣ ଅଛନ୍ତି କି ଡ୍ୟୁଟି ରେ? ଆମେ ଜାଣି ନ ଥିଲୁଁ। Sorry sir".

( ସେମାନଙ୍କ ମଧ୍ୟରେ କିଛି ପିଲା ବୋଧହୁଏ ମୋତେ ଚିହ୍ନିଥାନ୍ତି)

"ହଉ,ହଉ,ପେସେଣ୍ଟ କାହିଁ ? କଣ ହେଇଛି ?"

ସେହି ବାବୁ ଜଣକ କହି ଉଠିଲେ,ସାର, ପେସେଣ୍ଟ ଆସୁଛି । ଆଉ ୫-୭ ମିନିଟ ରେ ଆସି ପହଞ୍ଚିବ।

ଏତିକିବେଳକୁ ମୁଁ ଆଉ ଧୈର୍ଯ୍ୟ ରଖି ପାରିଲିନି। କହିଲି,"ପେସେଣ୍ଟ ନ ଆଶୁଣୁ ତମେ ସବୁ ଡାକ୍ତରଙ୍କୁ ଏତେ ସୁନ୍ଦର ସୁନ୍ଦର ଭାଷାରେ ମନ୍ତବ୍ୟ ଦେଇ ଦେଲ। ହଉ, ମୁଁ ଏଠି ଜଗିଛି। ରୋଗୀ ମହାଶୟ ଆସନ୍ତୁ। ତମେମାନେ ମଧ୍ୟ ଏତେ ପାଟିତୁଣ୍ଡ କରି ଥକି ଯାଇଥିବ। ଟିକିଏ ଆରାମ କର ।

ଲଜ୍ଜାରେ ମୁଣ୍ଡ ପାତି ସବୁ ସାଇଡ ହେଇଗଲେ। ଠିକ ପ୍ରାୟ ୧୦ ମିନିଟ ପରେ ଗୋଟିଏ ଖଟରେ ବୁହାହେଇ ଜଣେ ପ୍ରାୟ ୧୮-୧୯ ବର୍ଷର ଯୁବା ଝିଅକୁ ଅର୍ଧଚେତନ ଅବସ୍ଥାରେ ଆଣି ପହୁଞ୍ଚେଇ ମୋ ସାମନାରେ ଥୋଇଦେଲେ। ଜଣେ ବଡ଼ ଅଣନିଶ୍ୱାସୀ ହେଇ କହୁଥାଏ, ସାର, ବହୁତ ସିରିଆସ, ଶୀଘ୍ର ଦେଖନ୍ତୁ। ଏଇ ଅଧ ଘଣ୍ଟାତଳେ ହଠାତ ବେହୋସ ହେଇଗଲା।

ହଉ, ହଉ, ତମେ ସବୁ ବ୍ୟସ୍ତ ହୁଅ ନି ! ଟିକିଏ ସମସ୍ତେ ସାଇଡ ହେଇ ଭିଡ଼ କମକଲେ ପେସେଣ୍ଟକୁ ଅନ୍ତତଃ ଟିକିଏ ପବନ ମିଳିବ । ତାଙ୍କୁ ସାଙ୍ଗେ ସାଙ୍ଗେ Emergency ward କୁ ନେଇ ଚାଲ । ଆଉ କେବଳ ତା ସାଙ୍ଗରେ, ତା ବିଷୟରେ ଯିଏ ସବୁକିଛି ଜାଣିଛି, ଯଥା ମା,ବାପା,ଭାଇ କିମ୍ବା ଭଉଣୀ,ସେଇମିତି କେବଳ ଦୁଇଜଣ ଆସ।

ଏ'ୟା କହି ମୁଁ ସମସ୍ତଙ୍କୁ ବାହାରେ ରହିବାକୁ କହି ରୋଗୀକୁ ପରୀକ୍ଷା କରିବାରେ ଲାଗିଲି। ଦେଖିଲି,ତା'ର ସମସ୍ତ vitals ଯଥା- pulse, Blood pressure,Temp,Resp ଇତ୍ୟାଦି ନର୍ମାଲ ଅଛି। କୌଣସି Injury,fever, Diarrhoea,vomiting କିମ୍ବା poisoning ଆଦିର history ନାହିଁ। ଲୋକଙ୍କୁ କିଛିଟା ଶାନ୍ତ କରିବାପାଇଁ ଏବଂ protocol ଅନୁସାରେ ମଧ୍ୟ ଏକ IV Line start କରିଦେଇଥିଲି। କିନ୍ତୁ ସମସ୍ତ ଆନୁସାଙ୍ଗିକ ପରୀକ୍ଷା ନିରୀକ୍ଷା କରିବା ପରେ ମୁଁ ପ୍ରାୟ ନିଶ୍ଚିନ୍ତ ହେଇଗଲି ଯେ ଏହା ଏକ Depressive psychosis ଏବଂ malingering କେଶ ବୋଲି । ଏଇ ରୋଗରେ ପେସେଣ୍ଟମାନେ ସଚେତନ(Conscious) ଥାଇ ମଧ୍ୟ ସେମାନେ ପୁରାପୁରି ଅଚେତନ ( Unconscious) ଏବଂ serious ହେବାର ଅଭିନୟ ଅତି ନିଖୁଣ ଭାବରେ କରିଥାନ୍ତି, ଯାହାକି ସାଧାରଣ ଲୋକଙ୍କ ପକ୍ଷରେ ଅତି ଭୟାବହତାର ବାତାବରଣ ସୃଷ୍ଟି କରିଥାଏ ଏବଂ ସେ'ୟା ହିଁ ହେଇଥିଲା ୟା'ରି କେଶ ରେ ।

ତା' ବିଷୟରେ ତା' ବୁଢା ବାପଠୁଁ ସବୁ କଥା ବୁଝିବାପରେ ଜାଣିଲି ଯେ ସେ କୁଆଡେ ଗୋଟିଏ ସ୍କୁଟି ପାଇଁ ଜିଦ କରୁଥାଏ। ନୂଆ ନୂଆ କଲେଜ ଯାଉଛି। ସାଙ୍ଗମାନଙ୍କ ଆଗରେ ନିଜ ଆତ୍ମବଡିମାକୁ ଜାହିର କରିବାକୁ ଯାଇ, ସେ ତା ଜିଦରେ ଅଟଳ ଥାଏ। ହେଲେ କିନ୍ତୁ ଗରିବ ବୁଢ଼ା ବାପଟାର ସୀମିତ ସମ୍ବଳ ଭିତରେ ଏହା ସମ୍ଭବ ହେଇ ପାରୁ ନ ଥାଏ। ସେହିଦିନ ସନ୍ଧ୍ୟାରେ ଭାରି ଯୋର ରାଗିଯାଇ ଖାଇବା ପିଇବା ଛାଡି ସେ ଏଇ ନାଟକ କରିବା ଆରମ୍ଭ କରିଦେଲା।

ମୋର ଆଉ କିଛି ବୁଝିବାରେ ବାକି ରହିଲା ନାହିଁ। ହଉ,ହଉ,ମଉସା,ତମେ କିଛି ଚିନ୍ତା କର ନି। ମୁଁ କିଛି କରୁଛି। ଝିଅଟା ପୁରା ଠିକ ଅଛି। ଅଧ ଘଣ୍ଟା ପରେ ଠିକ ହେଇ ସେ ଘରକୁ ଯିବ, ତମକୁ ଜମାରୁ ଚିନ୍ତା କରିବା ଦରକାର ନାହିଁ ।

ପାଖରେ ଛିଡାହେଇଥିବା ନର୍ସକୁ ନିର୍ଦ୍ଦେଶ ଦେଲି ଏକ ନାଟକୀୟ ଢଙ୍ଗରେ, ଯେମିତି ପେସେଣ୍ଟଟା ସବୁ ଶୁଣିପାରୁଥିବ। ମୁଁ କହିଲି,"ଦିଦି, ପେସେଣ୍ଟ ବାସ୍ତବରେ ଭାରି ସିରିଅସ। ତାର ବ୍ଲଡ଼ ପ୍ରେସର ବଢିଯାଇ ମୁଣ୍ଡ ଭିତର ରକ୍ତନଳୀ ଫାଟିଯାଇ ସେ ବେହୋସ ହେଇ ଯାଇଛି। ଏଇ ଦୁଇଟା ଇଂଜେକସନ ଲେଖି ଦେଉଛି, ଦେଇଦେବ। ତାକୁ ପାଟିବାଟେ କିଛି ଦେବନି। ଏପରିକି ପାଣି ମୁନ୍ଦେ ମଧ୍ୟ ଦେବ ନି। ଖଟର ଗୋଡ଼ ପଟକୁ ଟେକିଦିଅ। ମୁଣ୍ଡଟା ତଳ ପଟେ ଥାଉ। ଇଂଜେକସନ ଟା ୧୫ ମି. ପରେ କାମ କରିବ। ସେ ଟିକିଏ ହଲଚଲ ହେଇ ପାଣି ମାଗିପାରେ। ଜମାରୁ ଦେବନି। ଯଦି ଅଧଘଣ୍ଟା ପରେ ତାର ହୋସ ନ ଆସିଲା,ତା'ହେଲେ ତାକୁ ଅପରେସନ ରୁମକୁ ନେଇଯିବ। ଆଉ ମୁଣ୍ଡର ବାଳସବୁ କାଟି ସଫା କରିଦେବ। ବାପାଙ୍କଠୁଁ consent form ରେ ଦସ୍ତଖତ ନେଇଯିବ ଯେ ଅପରେସନ ବେଳକୁ ଯଦି ମୃତ୍ୟୁ ହେଇଯାଏ,ତା' ହେଲେ ଡାକ୍ତର ଦାୟୀ ରହିବେନି। ଅପରେସନ ପାଇଁ ସବୁ ଯନ୍ତ୍ରପାତି ରେଡି କରିଦେଇଥିବ। ଆଉ ହଁ, ସେଇ ବଡ଼ ବଡ଼ କଇଁଚି ଆଉ ଛୁରୀ ମଧ୍ୟ ରେଡି କରିଦେଇଥିବ। ଆଉ ନାକରେ ଏବଂ ପରିଶ୍ରାଦ୍ୱାର ରେ ନଳି ଲଗେଇଦେବ। ସାଲାଇନ ମଧ୍ୟ ଆଉ ଗୋଟିଏ ହାତରେ ଏକ ମୋଟା ନିଡ଼ିଲ ଦେଇ ଫିଟ କରିଦେବ। ଏଇ ସବୁ କାମ କରି ମୋତେ ଖବର ଦେବ। ଆଉ ଯଦି ଅଧ ଘଣ୍ଟାପରେ ହୋସ ଆସିଯାଏ, ଆଉ ପେସେଣ୍ଟ ନିଜେ ଖଟରେ ବସି ପାଣି ମାଗେ, ଭଲଭାବରେ କଥାବାର୍ତ୍ତା କରିବସେ, ତା'ହେଲେ ତାକୁ ନଜରରେ ରଖିବ ଆସନ୍ତା ଦିନେ ଦୁଇଦିନ ପର୍ଯ୍ୟନ୍ତ । ଏତିକି କହି ମୁଁ ବାହାରି ଆସିଲି।

ଠିକ ୫ ମି. ଯାଇଛି କି ନାହିଁ, ପେସେଣ୍ଟ ଟା ଧୀରେ ଧୀରେ ହଲଚଲ ହେବା ଆରମ୍ଭ କରି ୨-୪ ମି.ପରେ ପାଣି ପାଣି କହିବା ଆରମ୍ଭ କରିଦେଲା। ନର୍ସଟା କିନ୍ତୁ ନଛୋଡବନ୍ଦା। "ଚୁପଚାପ ଶୋଇରୁହ। ଏବେ କିଛି ପାଣି ଫାଣି ଦିଆ ହେବନି। ଜୁନିଅର ନର୍ସକୁ ଜଗିବାପାଇଁ ନିର୍ଦ୍ଦେଶ ଦେଇ "ମୁଁ ଯାଉଛି ,ଅପରେସନ ପାଇଁ ରେଡି କରିବି" କହି ଚୁପକିନା ସିଏ ବାହାରକୁ ଚାଲିଆସିଲା । ଠିକ ଆଉ ପ୍ରାୟ ୫ ମି. ପରେ ଝିଅଟି ବ୍ୟସ୍ତ ହେଇ ଖଟ ଉପରେ ଜୋର ଜବରଦସ୍ତ ବସି ପଡ଼ିଲା। କହିଲା,"ବାପା,ବାପା,ଚାଲ ଯିବା, ଘରକୁ ଯିବା। ମୋତେ ଏଥର ଭଲ ଲାଗିଲାଣି ।"

ଯେଉଁ ଝିଅ ଏଇ ଅଧ ଘଣ୍ଟା ଆଗରୁ ଟିକିଏ ହେଲେ ଟସମସ ହେଉ ନ ଥାଏ, ଯିଏ ଯେତେ ଜୋରରେ ଚିମୁଡ଼ିଲେ ମଧ୍ୟ ଜମାରୁ କୌଣସି ପ୍ରତିକ୍ରିୟା ଦେଉ ନ ଥାଏ, ସିଏ ପୁଣି କି ଚମତ୍କାର ଭାବରେ ଉଠିପଡି ନିଜେ ନିଜେ କହୁଥାଏ,"ଘରକୁ ଯିବା ଏଥର,ମୁଁ ଭଲ ହେଇ ଗଲିଣି"।

ରୁମ ବାହାରେ ଠିଆହେଇ ମୁଁ ଏବଂ ମୋର ସେହି ସହକର୍ମୀ ନର୍ସଟି ବିଜୟର ଏକ ଉଲ୍ଲାସ ଭାବ ନେଇ ହସି ହସି କଥା  ହେଉଥିଲୁଁ । ନର୍ସଟି କହୁଥାଏ,"ସାର, ଡିଷ୍ଟିଲ ୱାଟର ଇଂଜେକ୍ସନଟା ଠିକ କାମ ଦେଇଛି। ଆପଣଙ୍କ ଚିକିତ୍ସାର ଅନ୍ୟ ଏକ ରୂପ ଆଜି ଦେଖିବାକୁ ପାଇଲି"। ବାସ୍ତବରେ ଚିକିତ୍ସା ସାଙ୍ଗରେ ଟିକିଏ ନାଟକୀୟ ଅଭିନୟ ମଧ୍ୟ ରୋଗୀର ମଙ୍ଗଳ ପାଇଁ ମଝିରେ ମଝିରେ କରିବାକୁ ହୁଏ।

ତା' ପରେ ପରେ ମୁଁ ସେଇ ଝିଅକୁ ଡାକି ବୁଝେଇବାକୁ ଚେଷ୍ଟା କଲି। କହିଲି,"ଦେଖ ମା, ତୁ ଗୋଟିଏ ଶିକ୍ଷିତ ଝିଅ। ତୁ ଯଦି କଥା କଥାରେ ଜିଦ କରି ଏଇମିତି ତୋ ଗରିବ ବାପକୁ ହଇରାଣ କରିବୁ, ତା'ହେଲେ ସେ ନିଶ୍ଚୟ କେତେବେଳେ ତୋ ଜିଦ ପୁରଣ  କରିବାପାଇଁ କିଛି ଗୋଟାଏ ଭୁଲ ପଦକ୍ଷେପ ନେଇଯିବେ। ମୁଁ କଣ ଶୁଣୁଥିଲି, ସିଏ କୁଆଡେ ନିଜର ଗୋଟିଏ କିଡ୍ନୀ ବିକ୍ରୟ କରି ତୋ ଡିମାଣ୍ଡ ଫୁଲଫିଲ କରିବେ ! କଣ ଏଇମିତି ପଇସାରେ କିଣା ହେଇଥିବା ସ୍କୁଟି ତୁ ଚଢି ପାରିବୁ ? ବାସ,ମୋର ଆଉ କିଛି କହିବାର ନାହିଁ । ଏଣିକି ତୋ ଯାହା ଇଛା,ତା କର ।"

ଏତିକି ଶୁଣିଲାପରେ ସେ ଭାବବିହ୍ୱଳ ହେଇ ମୋ ପାଦ ଧରି କାନ୍ଦି କାନ୍ଦି କହୁଥାଏ, "ନା ସାର, ନା, ସେମିତି କୁହନ୍ତୁ ନି ! ମୋ ବାପା ମୋର ଭଗବାନ। ମୁଁ ମୋ ବୃଥା ଅହଙ୍କାରରେ ଅନ୍ଧ ହେଇଯାଇଥିଲି। ମୋତେ କ୍ଷମା କରି ଦିଅନ୍ତୁ ସାର। ସେ ଭୁଲ ଆଉ କେବେହେଲେ ଜୀବନରେ କରିବିନି ।"

ମୁଁ କହିଲି,  ନା, ମା' ମୋତେ କ୍ଷମା ମାଗିବା ଦରକାର ନାହିଁ । ଯଦି ମାଗିବାର ଅଛି,ତୋ ବାପାଙ୍କୁ ଯାଇ କ୍ଷମା ମାଗ ।
ମୋ ଅଫିସ ଦୁଆର ଆଢୁଆଳରେ ଠିଆହେଇ ଚୁପଚାପ ଆମ କଥୋପକଥନ ଶୁଣୁଥିବା ତା'ବୃଦ୍ଧ ପିତାଙ୍କ ମୁଖ ମଣ୍ଡଳରେ  ସତେଯେମିତି ଏକ ନୈସର୍ଗିକ ଆନନ୍ଦ ଏବଂ କୃତଜ୍ଞତାର ଲହରୀ ଛୁଟିଉଠୁଥିଲା ।

■■■

ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ,
ଟିଟିଲାଗଡ଼







## ବିଶିଷ୍ଟ ସାହିତ୍ୟିକା ପ୍ରଫେସର ବୀଣାପାଣି ତ୍ରିପାଠୀଙ୍କ ର କବିତା ସଂକଳନ '"ମଗ୍ନ ମଧୁମତୀ "ଓ "ପାପୁଲିଏ ଆକାଶ"

# କପଟ ପ୍ରଶଂସା

**ଶଶାଙ୍କ ଶେଖର ମିଶ୍ର**



ସେଦିନ ବୁଲୁ ତା 'ମାଙ୍କୁ ପଚାରୁଥିବାର ଶୁଣିଲି। ବୁଲୁ କହୁଥିଲା - ମା ! ତୁମେ ପରା ସବୁବେଳେ କୁହ - କାହାର ପଛରେ ନିନ୍ଦା କରିବା ଅନୁଚିତ୍ । ମା'କହିଲେ- ହଁ ! ଏଥିରେ ସଂଦେହ କରିବାର କ'ଣ ଅଛି ? ତୋର କ'ଣ ପଢ଼ାପଢ଼ି କିଛି ନାହିଁ ? ଏପରି ଅବାନ୍ତର ପ୍ରଶ୍ନସବୁ ତୋ ମନକୁ କାହିଁକି ଆସୁଛି ? ବୁଲୁ କହିଲା - ତା'ହେଲେ ସେଦିନ କାହିଁକି ରଥ ଅଙ୍କଲ ଗଲାପରେ ବାପାଙ୍କ ଆଗରେ ତୁମେ ତାଙ୍କର ନିନ୍ଦା କରୁଥିଲ ? ମା' ଘଟଣାଟି ମନେ ପକାଇବାକୁ ଚେଷ୍ଟା କରୁଥିଲେ । ବୁଲୁ କହିଲା - ଗତ ରବିବାର ସଂଧ୍ୟାରେ ରଥ ଅଙ୍କଲ ଓ ଆଣ୍ଟି ଆମ ଗେଟ ଖୋଲି ଘରକୁ ପଶିଲା ବେଳେ ତୁମେ ଖୁବ୍ ଖୁସି ହୋଇ ତାଙ୍କ ପାଖକୁ ଧାଇଁ ଯାଇଥିଲ, ଆଉ କହିଥିଲ - ଆରେ ! କି ଭାଗ୍ୟ ଆମର। ଆଜି କେଡେ ବଡ ଲୋକଙ୍କ ପାଦ ଧୂଳି ଆମ ଘରେ ପଡ଼ିଲା । ଆସନ୍ତୁ, ଆସନ୍ତୁ କହି ସେମାନଙ୍କୁ ବସିବାଘରେ ଆଣି ବସାଇଲ । ତମେ ଓ ବାପା ଭାରି ଖାତିରି କରି ସେମାନଙ୍କୁ କଥା କହୁଥିଲ ସେଦିନ। ଟିକିଏ ପୂର୍ବରୁ ମୁଁ ପକଡ଼ି ଖାଇବାକୁ କହିଲାରୁ ତୁମେ ମୋତେ ଗାଳି ଦେଇ କହିଥିଲ ଯେହେତୁ ତୁମ ମୁଣ୍ଡ ବ୍ୟଥା ହେଉଛି, ତେଣୁ ପକଡି କରିପାରିବନି । ଅଥଚ, ଏମାନେ ଆସିବାରୁ ତୁମ ମୁଣ୍ଡ ବ୍ୟଥା କୁଆଡ଼େ ଚାଲିଗଲା ! ଆଉ ତରବର ହୋଇ ସେମାନଙ୍କୁ ପକଡି ଓ କଫି ତିଆରିକରି ଖାଇବାକୁ ଦେଇ ଥିଲ । ମା'ସବୁ ଶୁଣି କହିଲେ-ହଁ ! ସେମାନେ ଆମ ଘରକୁ ଆସିଥିଲେ, ଅତିଥି ଚର୍ଚ୍ଚା କଲି, କ୍ଷତି କ'ଣ ହେଲା ? ଏଇଟା ତ ସାଧାରଣ ଭଦ୍ରତାର କଥା।

ବୁଲୁ କହିଲା- ମା ! କଥାଟା ସେଠି ନାହିଁ । ଅତିଥି ଚର୍ଚ୍ଚା ହେଲା ଭଲ ହେଲା । କିନ୍ତୁ ସେଦିନ ସେମାନେ ଗେଟ୍ ଖୋଲି ଟିକିଏ ବାଟ ଯାଇଥିଲେ କି ନାହିଁ - ତୁମେ ଘରକୁ ଆସି ଗୋଡ଼ କଚାଡ଼ି ବାପାଙ୍କୁ କହିଲ - ତୁମ ସାଙ୍ଗମାନେ କେଡେ ଅଭଦ୍ର ! ବିଶେଷ କରି ଏଇ ରଥବାବୁ ! ପ୍ରତି ମାସରେ ନିୟମ କଲାପରି ଥରେ ଦୁଇ ଥର ବେଳ ଅବେଳ ନଦେଖି ଆସି ପହଞ୍ଚି ଯାଉଛନ୍ତି - ଆଦର ଯତ୍ନ ପାଇବାକୁ । ଅଥଚ ଆମେ କେବେ କେମିତି ତାଙ୍କ ଘରକୁ ଗଲେ ଖାଲି ପାଣିଆ ଚା ଦୁଇକପ୍ ଧରେଇ ଦେଇ କାମସାରି ଦେଉଛନ୍ତି । ଆଉ ଏମାନଙ୍କ କଥା କହିବା ଢଙ୍ଗ ! ଛିଃ ! ଖାଲି ଆତ୍ମପ୍ରଶଂସା ଆଉ ପର ନିନ୍ଦା । ଛିଃ ଛିଃ, !! ଏମାନଙ୍କ ପରି ଛୋଟଲୋକ ମୁଁ ଗୋଟିଏ ବି ଆଉ ଦେଖିନି ।

ବୁଲୁ କହିଲା-ମା ! - ଆସିବା ବେଳେ ଏତେ ପ୍ରଶଂସା - ଆଉ ଗଲାପରେ କି ନିନ୍ଦା ! ଏଇଟା ଖୁବ୍ ଖରାପ ନା ? ସେମାନେ ଯିବା ପରେ ତୁମେ ସେମାନଙ୍କୁ ଏମିତି କହିବ - ମୁଁ ଭାବି ନଥିଲି । ମା ହଠାତ୍ ଗଂଭୀର ହୋଇଗଲେ। କହିଲେ -ତୁ କାହିଁକି ସବୁବେଳେ ବଡ଼ ଲୋକଙ୍କ କଥାକୁ କାନ ଡେରିଥାଉ? ହଁ ସାବଧାନ ! ତୋ ପାଟିରେ ତ ବାଡବତା ନାହିଁ । ସେମାନେ ଆଉଥରେ ଆସିଲେ ଯେମିତି ତାଙ୍କୁ ଏକଥା କହି ନଦେଉ ।

■■■

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧
ମୋ - ୯୯୩୭୯୨୩୬୦୬



ଇ-ପତ୍ରିକା
ନବମ ସଂଖ୍ୟା,୧ ମାର୍ଚ୍ଚ୨୦୨୩



# ଆଶ୍ରୟ

**ଅଧ୍ୟାପକ ଅଜୟ ପଟ୍ଟନାୟକ**

ପ୍ରତିଦିନ ଭଳି ଅପରାହ୍ନ ପାଞ୍ଚଟାରୁ ବୁଦ୍ଧପାର୍କର ସବୁଜ ଘାସର ଗାଲିଚାରେ ବସି ପଡିଲେ ବରିଷ୍ଠ ନାଗରିକ ସାହୁ ବାବୁ, ବିଶ୍ୱାଳ ବାବୁ ଓ ସ୍ୱାଇଁ ବାବୁ । ଅପେକ୍ଷା ଥିଲା କେବଳ ମହାପାତ୍ର ବାବୁଙ୍କୁ । ସେମାନେ ସମସ୍ତେ ସକାଳେ ଏହି ପାର୍କରେ ମର୍ଣ୍ଣିଂ ୱାକ କରନ୍ତି ଓ ସଂଧ୍ୟାବେଳେ ଏଠି ବସି ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆଲୋଚନା କରନ୍ତି। କିଛି ସମୟ ପରେ ମହାପାତ୍ର ବାବୁ ଆସି ବସିଲେ, କିନ୍ତୁ ସେ କୌଣସି ଆଲୋଚନା ରେ ଭାଗ ନ ନେଇ ଚୁପ୍ ହୋଇ ବସିଥିବାର ଦେଖି, ସାହୁ ବାବୁ ପଚାରିଲେ, କଣ ଆଜ୍ଞା, ଆଜି କଣ ଏତେ ଗୁମ୍‌ସୁମ୍, କଥା କଣ ? ମହାପାତ୍ର ବାବୁ ଦୀର୍ଘ ନିଶ୍ୱାସ ପକାଇ ଉତ୍ତର ଦେଲେ, ଆଜ୍ଞା ଗୋଟେ ଧର୍ମ ସଂକଟରେ ପଡିଯାଇଛି, ସ୍ଥିର କରିପାରୁନି କଣ କରିବି, ସମସ୍ତଙ୍କର ଆଗ୍ରହ ଦେଖି ସେ କହିଲେ, ମୁଁ ଯେଉଁ କିଣା ଘରରେ ରହୁଛି, ଆଜି ଅପରାହ୍ନରେ ମୋତେ ଘର ବିକିଥିବା ସ୍ତ୍ରୀଲୋକ ଆସି ପହଞ୍ଚି, ମୋ ଗୋଡ ଧରି କାନ୍ଦି କାନ୍ଦି ଅନୁରୋଧ କରୁଛି ଆମ ଆଉଟ୍ ହାଉସ୍‌ରେ ଟିକେ ଆଶ୍ରୟ ଦେବାକୁ । ସାହୁ ବାବୁ ପଚାରିଲେ ସେ ତ ତା ପୁଅ ସହିତ ଆମେରିକା ଯାଇଥିଲା । ପୁଣି ଫେରିଲା କାହିଁକି ? ଘଟଣା କଣ ? ମହାପାତ୍ର ବାବୁ ଉତ୍ତର ଦେଇ କହିଲେ, କଣ କାହା ଭାଗ୍ୟରେ ଅଛି କିଏ ଜାଣେ ? ମଣିଷର ସ୍ୱପ୍ନ ତ ସାଗର ଭଳି, କିନ୍ତୁ ବାସ୍ତବତା ତା ଠାରୁ ବହୁତ ଦୁଃସହ । ତା ପରେ ସେ ବଖାଣି ଚାଲିଲେ ତାଙ୍କୁ ଘର ବିକିଥିବା ଅହଲ୍ୟା ମହାନ୍ତିଙ୍କ ଜୀବନର ଘଟଣା ଓ ଅଘଟଣ, ବେଳା ଭୂମିର ବାଲୁକାରେ ଲେଖାକୁ ଲହଡି ଲିଭାଇ ଦେଲା ଭଳି, ଅହଲ୍ୟାଙ୍କ ସ୍ୱପ୍ନସବୁ ଧୋଇ ହୋଇଗଲା ସମୟର ଢେଉରେ ।

ଅହଲ୍ୟାଙ୍କ ଶାଶୁଘର କେନ୍ଦୁଝରର ଘଟଗାଁରେ । ତାଙ୍କ ସ୍ୱାମୀ ମଦନ ବାବୁ ଭୁବନେଶ୍ୱରରେ ଏକ ଘରୋଇ ଅନୁଷ୍ଠାନରେ ଚାକିରୀ କରୁଥିଲେ । ବିବାହର କିଛି ମାସ ପରେ ଅହଲ୍ୟାଙ୍କ ସ୍ୱାମୀ ତାଙ୍କୁ ନେଇ ଆସିଲେ ଭୁବନେଶ୍ୱର । ଗାଁରେ ରହିଲେ ଶାଶୁ ଶ୍ୱଶୁର । ପ୍ରତି ମାସରେ ମଦନ ବାବୁ ଘରଖର୍ଚ୍ଚ ପାଇଁ ଟଙ୍କା ଦେବା ସହ ସେମାନଙ୍କ ଅବସ୍ଥା ନିଜେ ଯାଇଁ ତଦାରଖ କରୁଥିଲେ । ସମୟକ୍ରମେ ଅହଲ୍ୟାଙ୍କର ଗୋଟିଏ ପୁଅ ଜନ୍ମ ହେଲା । ମଦନ ବାବୁଙ୍କ ମା ପ୍ରତି ବର୍ଷ କାର୍ତ୍ତୀକ ମାସରେ ଗୋଟିଏ ନାତି ପାଇଁ ମାନସିକ କରି ବଡ ବଡୁଆମାନଙ୍କ ପାଇଁ ଆକାଶଦୀପ ଜାଳୁଥିଲେ, ତେଣୁ ନାତିର ନାମ କରଣ କରାଗଲା ଆକାଶଦୀପ । ବାର୍ଦ୍ଧକ୍ୟ ଜନିତ ସମସ୍ୟାହେତୁ ଶାଶୁ ଶ୍ୱଶୁର ଆସି ଭୁବନେଶ୍ୱରରେ ରହିଲେ । ଗାଁ କୁ ଯିବା, ଆସିବା କମି ଯିବାରୁ ଚାଳଛପର ଘର ଭାଙ୍ଗିଗଲା । ଗାଁରେ ଆଉ ଘର ନ କରି ମଦନ ବାବୁ ଘଟଗାଁର ଘରଡିହ, ଚାଷ ଜମି ସବୁ ବିକି ଦେଇ ଭୁବନେଶ୍ୱରରେ ଗୋଟେ ଛୋଟ କୋଠାଘର ତିଆରି କରି ରହିଲେ । ଆକାଶଦୀପ୍ କ୍ରମେ ବଡ ହୋଇ, ଇଂରାଜୀ ସ୍କୁଲରେ ପଢିଲା, ମଦନ ବାବୁଙ୍କ ବାପା ବୋଉଙ୍କର ସମୟକ୍ରମେ ଦେହାନ୍ତ ହେଲା । ଆକାଶଦୀପ୍ ଜଣେ ଭଲ ଛାତ୍ର ଥିଲା, ସରକାରୀ ଇଂଜିନିୟରିଂ କଲେଜରୁ ପାସ୍ କରି ବେଙ୍ଗଲୁରରେ ମୋଟା ଅଙ୍କରେ ଚାକିରି କଲା ।ଖୁବ୍ ଖୁସୀରେ ମଦନ ଅହଲ୍ୟାଙ୍କ ପରିବାରର ସମୟ କଟୁଥିଲା । ହଠାତ୍ ଗୋଟେ ଆକ୍ସିଡେଣ୍ଟରେ ମଦନଙ୍କ ମୃତ୍ୟୁ ଘଟିଲା, ଭୁବନେଶ୍ୱର ଘରେ ଏକୁଟିଆ ରହିଲେ ଅହଲ୍ୟା, ପୁଅ ବେଙ୍ଗଲୁର୍‌ରେ ବୋଉର ଏକୁଟିଆ ଅବସ୍ଥାକୁ ବୁଝି ଆକାଶଦୀପ, ବାପାଙ୍କ ଛୋଟ ଘରକୁ ବଦଳାଇ ଦୁଇମହଲା ବିଶିଷ୍ଟ କୋଠାରେ ପରିଣିତ କଲେ । ଉପର ମହଲାରେ ଅହଲ୍ୟା ରହିଲେ, ତଳ ମହଲା ଘରେ ଭଡା ନେଇ ସେଠି ରହିଲେ ମହାପାତ୍ର ବାବୁ । ବୋଉର ଦାୟୀତ୍ୱ ବୁଝିବାକୁ ଆକାଶଦୀପ୍ ଅନୁରୋଧ କରିଥିଲେ ମହାପାତ୍ର ବାବୁଙ୍କୁ । ତେଣୁ ଅହଲ୍ୟାଙ୍କ ଭଲମନ୍ଦ ଖବର ବୁଝୁଥିଲେ ମହାପାତ୍ରବାବୁ ।

ଅହଲ୍ୟା ଗୋଟେ ବୋହୂ ଆଣିବାକୁ ଆକାଶଦୀପ୍ ଉପରେ ଚାପ ପକାଇଲେ, କିନ୍ତୁ ସେ ତାହା ଟାଳି ଚାଲିଥାଏ । ସମୟକ୍ରମେ ଆକାଶଦୀପ୍‌ର କମ୍ପାନୀ ତାକୁ ଆମେରିକାର ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କଲେ । ଅହଲ୍ୟା ନିଜକୁ ଅସହାୟ ମଣିଲେ । ବହୁତ କାନ୍ଦିଲେ ପୁଅକୁ ବିଦାକଲା ବେଳେ । ଆକାଶ ମା କୁ ବୁଝାଇ କହିଲା, ତୁ ବ୍ୟସ୍ତ ହେଉଛୁ କାହିଁକି ? ମୁଁ ପ୍ରତିଦିନ ତୋ ସହ କଥା ହେବି । ମହାପାତ୍ର ମଉସା ତୋର ସବୁ ଖବର ବୁଝିବେ । ତାଙ୍କ ପୁଅ ର ଲାପଟପ୍ ସ୍କାଇପ୍ ରେ ତୁ ମୋତେ ଦେଖି ପାରିବୁ ଓ କଥା ହୋଇ ପାରିବୁ । ମୁଁ ସେଠି ଦୁଇବର୍ଷ ରହି ଫେରି ଆସିବି, ତୁ ଆଦୌ ବ୍ୟସ୍ତ ହେବୁନି । ହୃଦୟର କୋହ ଆଖିର ଲୁହକୁ ଚାପି ଅହଲ୍ୟା ବିଦା କରିଥିଲେ ପୁଅ ଆକାଶଦୀପ୍‌କୁ ।

ସେ ଦିନ ମହାପାତ୍ରବାବୁ ତଳୁ ଡାକିଲେ ଅହଲ୍ୟାଙ୍କୁ ତାଙ୍କ ଘରକୁ ଆସିବା ପାଇଁ, ସେ ତଳକୁ ଆସିବାରୁ ମହାପାତ୍ର ବାବୁଙ୍କ ପୁଅ ତା ଲାପଟପ୍ ସ୍କାଇପ୍ ଖୋଲି ଆକାଶଦୀପ୍ ସହ କଥା କରାଇ ଦେଲେ । ଆରପଟୁ ଗୋଟେ ଝିଅକୁ ଚିହ୍ନାଇ ଦେଇ ଆକାଶଦୀପ୍ କହିଲା, ବୋଉ ଏତୋର ବୋହୂ । ମୁଁ କୋର୍ଟରେ ବିବାହ କରିଛି । ସମୟ ପାଇଲେ ଆମେ ଦୁହେଁ ଇଣ୍ଡିଆ ଗଲେ ତୁ ତୋ ବୋହୁକୁ ଦେଖିବୁ । ଏବେ ଖାଲି ତୋ ଆଶିର୍ବାଦର ହାତ ଛୁଇଁ ଦେ ତୋ ବୋହୂ ମୁଣ୍ଡରେ । ଅହଲ୍ୟା ହତବାକ୍ ହୋଇଗଲେ । ମହାପାତ୍ର ବାବୁ କହିଲେ, ମାଉସୀ ମିଠା ଖୁଆଇବ ନାହିଁ ? ଅହଲ୍ୟାଙ୍କ ଆଖି ଜକେଇ ଆସିଲା, ତାଙ୍କ ପୁଅ ଏପରି କରିବ ସେ ଆଶା କରିନଥିଲେ । ଗୋଟେ ଅଜାତି ସାଇବାଣୀକୁ ସେ ବିଭାହେଲା । କଣ କରିବେ, ଶାଢୀ ପଣତରେ ଆଖି ଲୁହ ପୋଛିପୋଛି ଉପର ଘରକୁ ଫେରିଲେ ।

ଦିନେ କବାଟ ଠକ୍ ଠକ୍ ଶୁଣି, ଅହଲ୍ୟା କବାଟ ଖୋଲି, ଆଶ୍ଚର୍ଯ୍ୟ ହୋଇଗଲେ । ଆକାଶଦୀପ୍ ବୋଉର ପାଦ ଛୁଇଁ କୁଣ୍ଢାଇ ପକାଇଲା । ଅହଲ୍ୟାଙ୍କ ଆଖିରେ ଆନନ୍ଦର ଅଶ୍ରୁଭରିଗଲା । ବର୍ଷେ ପରେ ପୁଅ ଆସିଛି, ପଚାରିଲା ବୋହୂ କାହିଁ ? ଆକାଶଦୀପ୍ କହିଲା ନା ସେ ଆସିନି, ପରେ କଥା ହେବା । ହଁ, ମୁଁ ଆଜି ପଖାଳ ଖାଇବି, ବଡି ଚୁରା, ଆଳୁ ଭର୍ତ୍ତା ତିଆରି କରିଥିବୁ । ମୁଁ ଟିକେ ସାଙ୍ଗ ମାନଙ୍କୁ ଭେଟି ଆସୁଛି । ତଳେ ଉବେର ଗାଡି ଠିଆହୋଇଛି ମୁଁ ଯାଉଛି । ବିଳମ୍ବିତ ରାତିରେ ଫେରି ଡାଇନିଂ ଟେବୁଲ୍ ରେ ବୋଉ ବାଢି ଦେଇଥିବା ପଖାଳ ଖାଉ ଖାଉ କଥା ଆରମ୍ଭ କଲା ଆକାଶଦୀପ୍ । ବୋଉ ମୁଁ ତୋତେ ନେଇଯିବାକୁ ଆସିଛି । ସାଙ୍ଗମାନଙ୍କୁ କହି ଆଗରୁ ତୋ ଯିବା ପାଇଁ ଭିସା ପାସ୍‌ପୋର୍ଟ ବ୍ୟବସ୍ଥା କରିଦେଇଛି । ତୁ ଆବଶ୍ୟକୀୟ ଜିନିଷପତ୍ର ଯୋଗାଡ କର । ହଁ ଆମ ଏହି ଜମି କିଣା ହୋଇଥିବା ପଟ୍ଟା ପାଉତି କେଉଁଠି ଅଛି, ତାକୁ ବାହାର କରି ରଖିଥିବୁ । କାଲି ଆମେ ଏ ଘର ଜାଗା ପ୍ରଭୃତି ମହାପାତ୍ର ମଉସାଙ୍କୁ ବିକି ଦେବା । ଦିନ ଏଗାରଟା ବେଳକୁ ତୁ ପ୍ରସ୍ତୁତ ହୋଇଥିବୁ, ରେଜିଷ୍ଟ୍ରି ଅଫିସକୁ ଯିବାପାଇଁ । ଇଂଲଣ୍ଡରେ ରହୁଥିବା ତାଙ୍କ ପୁଅ ସହ ମୋର କଥାବାର୍ତ୍ତା ସରିଛି ଓ ସେ ଘର ଓ ଜମିର ମୂଲ୍ୟ ମୋ ବ୍ୟାଙ୍କ ଆକାଉଣ୍ଟରେ ଭରିଦେଇଛି । ଏତକ କହିସାରି ଆକାଶ ଉଠିଗଲା ହାତ ଧୋଇବାପାଇଁ । ଅହଲ୍ୟା ନିର୍ବାକ୍ ହୋଇ ବସି ରହିଲେ ଡାଇନିଂ ଚେୟାର ଉପରେ ।

କିଛି ସମୟ ପରେ ପୁଅର ରୁମ୍ କୁ ଯାଇ କହିଲେ, ଆରେ ପୁଅ ମୁଁ ସେ ବିଦେଶ ଜାଗାରେ କେମିତି ଚଳିବି ? ଏଠିକା ଘର କେତେ କଷ୍ଟରେ ଆମେ କରିଥିଲୁ, ଗାଁର ଘରଡିହ ଜମିସବୁ ବିକ୍ରୀବଟା କରି, ତାକୁ ତୁ ବିକି ଦେଲୁ । ମୋତେ ଟିକେ ପଚାରିଲୁ ନାହିଁ ? ଆକାଶଦୀପ୍ ବୋଉର ହାତ ଟାଣି ଖଟ ଉପରେ ବସାଇ କହିଲା ତୁ ଆଦୌ ବ୍ୟସ୍ତ ହୁଅନା, ମୁଁ ତ ସେଠି ତୋ ପାଖରେ ରହିବି ତୋର ଦେଖା ଚାହାଁ କରିବି, ତୋର ଅସୁବିଧା ଆଦୌ ହେବନି । ହଁ ଆଉ ଗୋଟିଏ ଶୁଭ ଖବର ତତେ କହୁଛି, ତୁ ଶୀଘ୍ର ଜେଜେ ମାଁ ହେବାକୁ ଯାଉଛୁ । ଆର ମାସରେ ତୋ ବୋହୂର ଡେଲିଭେରି ହେବ । ନାତି/ନାତୁଣୀ ପାଖରେ ତୋର ସମୟ କଟିବ । ଏଠିତୁ ଏକୁଟିଆ ରହିଲେ ମୁଁ ସେଠି ଟେନ୍‌ସନ୍‌ରେ ରହୁଛି । ତୁ ଯା ଖାଇଦେ । ମୁଁ ଟାୟେଡ୍ ହୋଇଛି, ଶୋଉଛି, ତୁ' ଯା' । କେତେ ସରଳ ସହଜ ଭାବରେ ଆକାଶ ଏସବୁ କହିଦେଲା, ଅହଲ୍ୟା ଆଶ୍ଚର୍ଯ୍ୟ ହୋଇ ଭାବି ଚାଲିଲା । ତାଙ୍କର ମନେ ପଡିଲା ବିଗତ ଦିନର କଥା । ଯେଉଁ ଦିନ ସ୍ୱାମୀ ମଦନ ବାବୁ, ଘଟଗାଁ ରେ ଥିବା ପୈତୃକ ଡିହ ବିକିବା ନିର୍ଣ୍ଣୟ ନେଲେ, ଭୁବନେଶ୍ୱରରେ ଜାଗା କିଣି ଘର କରିବା ପାଇଁ । ବହୁତ ଯୁକ୍ତି ତର୍କ, ମାନ, ଅଭିମାନ, ରାଗ ରଷାର ଘଟଣା ମାନ ତାଙ୍କର ଆଖିରେ ଖେଳିଗଲା । ରୋଗଗ୍ରସ୍ତ ଶ୍ୱଶୁର ତିନିଦିନ ନଖାଇ ନପିଇ ଉପାସ ରହିଲେ । ଘଟଗାଁ ପଳାଇବାକୁ ଜିଦ୍ ଧରିଲେ । ବହୁତ କଷ୍ଟରେ ବାଧହୋଇ କାନ୍ଦ କାନ୍ଦ ଆଖିରେ ବିକ୍ରୀ ଦଲିଲ୍‌ରେ ଦସ୍ତଖତ କରିଥିଲେ । ସେତେବେଳେ ଅହଲ୍ୟା ନୀରବ ରହି ସ୍ୱାମୀ ମଦନଙ୍କୁ ସମର୍ଥନ କରିଥିଲେ । ଆଉ ଆଜି ସେ ଦେଶାନ୍ତର ହେବାକୁ ଯାଉଥିବା ବେଳେ କେଉଁ ମୁହଁରେ ପୁଅକୁ ବିରୋଧ କରିବେ । ତାର ଆଉ କିଏ ବା ଅଛନ୍ତି ଏଠି ତାର ଦେଖାଶୁଣା କରିବା ପାଇଁ । ପରଦିନ କାନ୍ଦ କାନ୍ଦ ଆଖିରେ ପୁଅ ସହ ଯାଇ ରେଜେଷ୍ଟ୍ରି ଅଫିସରେ ଜମି ବିକ୍ରୀ ଦଲିଲ୍ ରେ ସ୍ୱାକ୍ଷର କଲେ ଅହଲ୍ୟା । ଇତିହାସର ପୁନରାବୃତି ଘଟିଲା, କେବଳ ତଫାତ ଚରିତ୍ର ମାନଙ୍କର, ସ୍ଥାନ ସେହି ଭୁବନେଶ୍ୱର ରେଜିଷ୍ଟ୍ରି ଆଫିସ୍, ସେ ଦିନ ମଦନଙ୍କର ଲକ୍ଷ୍ୟଥିଲା ଭୁବନେଶ୍ୱର ଏବେ ଆକାଶଦୀପର ଲକ୍ଷ୍ୟ ଆମେରିକା ।

ନିର୍ଦ୍ଦିଷ୍ଟ ଦିନ ଅହଲ୍ୟା ପୁଅ ସହ ବିମାନ ଯାତ୍ରାରେ ଯିବାବେଳେ ଘରର ମାଟି ଟିକେ ମଥାରେ ମାରି, ମହାପାତ୍ର ବାବୁଙ୍କ ପରିବାର ଙ୍କୁ ଏହା ତାଙ୍କର ଶେଷ ଦେଖା କହି ବିଦାୟ ନେଇଥିଲେ । ସେ ଆଉ ସ୍ୱପ୍ନରେ ଭାବି ନଥିବେ କେବେ ଭୁବନେଶ୍ୱରକୁ ଫେରିବା କଥା । କିନ୍ତୁ ବିଧିର ଅଦେଖା ଲେଖା କିଏ ବା ପଢିପାରିବ, ନା ଅହଲ୍ୟା, ନା ଆକାଶଦୀପ । ଆମେରିକାରେ ପୁଅ କିଣିଥିବା ଘରେ ଦିନ କଟିଲା ଅହଲ୍ୟାଙ୍କର । ପୁଅ ତାଙ୍କୁ ଛୁଟି ଦିନରେ ବିଭିନ୍ନ ଜାଗା ବୁଲାଇ ଦେଖାଏ । ବେଳେ ବେଳେ କିଛି ଓଡିଆ ପରିବାର ତାଙ୍କ ଘରକୁ ବୁଲି ଆସିଲେ ଅହଲ୍ୟା ଅପାର ଆନନ୍ଦ ଉପଲବ୍ଧି କରନ୍ତି । ନାତିଟିଏ ଜନ୍ମ ନିଏ । ଗୋଟେ ବଡ ପାର୍ଟିର ବ୍ୟବସ୍ଥା କରିଥିଲା ପୁଅ । ବହୁତ ଓଡିଆ ଲୋକ ଆସିଥିଲେ । ନୂଆ ପରିବେଶ ସହ ଖାପ ଖୁଆଇ ନେଲେ ଅହଲ୍ୟା ।


ଦିନେ ଗୋଟିଏ ଫୋନ କଲ ପାଇ ବୋହୂ ଜେନିଫର, ନାତିକୁ ଅହଲ୍ୟାକୁ ଧରାଇଦେଇ, ବ୍ୟସ୍ତ ହୋଇ କାର ଚଳାଇ କୁଆଡେ ବାହାରିଗଲା । କୋଉ ଭାଷାରେ ସେ ବୋହୂକୁ ପାଚାରନ୍ତେ, ଯେ ସେ କୁଆଡେ ଯାଉଛି ? କଣ ହୋଇଛି ? ମୂକ ଭଳି ଠିଆହୋଇ ରହିଲେ । ଦୀର୍ଘ ସମୟ ଧରି ପୁଅ ବା ବୋହୂ କେହି ନ ଫେରିବାରୁ, ଅହଲ୍ୟା ବିବ୍ରତ ହେଇା ଉଠନ୍ତି । ସଂଧ୍ୟା ସମୟରେ ଘର ପାଖରେ ୪/୫ଟି ଗାଡି ଆସି ଠିଆହେଲା । ଗୋଟିଏ ଗାଡିରୁ ଓହ୍ଲାଇ ଦିଆଗଲା ଧଳା କପଡା ଘୋଡାହୋଇ ଥିବା ଆକାଶଦୀପ୍‌ର ଶରୀର । କିଛି ଓଡିଆ ଯୁବକ ଅହଲ୍ୟା ଙ୍କୁ କହିଲେ ଯେ କାର ଧକ୍କାରେ ଆକାଶ ପ୍ରାଣତ୍ୟାଗ କରିଛନ୍ତି । ଅହଲ୍ୟାଙ୍କ ମୁଣ୍ଡରେ ଆକାଶ ଯେପରି ଛିଡି ପଡିଲା ।

ଅନ୍ତେଷ୍ଟିକ୍ରୀୟା ଯଥାରୀତି ସରିଲା, ଅହଲ୍ୟାଙ୍କ ଆଖିରୁ କିନ୍ତୁ ଲୁହ ସରୁନଥାଏ । ଏ ଦୁନିଆଁରେ ସେ ସଂମ୍ପୂର୍ଣ୍ଣ ଏକୁଟିଆ ହୋଇଗଲେ, ପୁଣି ଏକ ଅଚିହ୍ନା ଦେଶରେ । ନିଜ ଅନ୍ତର କଥା ଏଠି କାହାକୁ କହିବେ, ପୁଣି କେଉଁ ଭାଷାରେ, ଏକ ଅଚିହ୍ନା ପରିବେଶରେ । ପୁଅର କିଛି ଓଡିଆ ସାଙ୍ଗ ଆସି ଅହଲ୍ୟାଙ୍କୁ ବୁଝା ବୁଝି କରିଯାଆନ୍ତି । ଏମିତି ଦିନେ ପୁଅର କିଛି ସାଙ୍ଗଙ୍କୁ ବୋହୂ ଡକାଇ କଣ ସବୁ ଆଲୋଚନା କଲା । କଥାବାର୍ତ୍ତା ବେଳେ ବୋହୂ ଅହଲ୍ୟାଙ୍କ ଆଡକୁ ହାତ ଦେଖାଇ ତାଙ୍କୁ କଣ ସବୁ କହୁଥାଏ ତା ଭାଷାରେ କିଛି ସମୟ ପରେ ତିନି ଜଣ ଓଡିଆ ପିଲା ଯାହା ଅହଲ୍ୟାଙ୍କୁ କହିଲେ, ତାର ସାରମର୍ମ

ହେଲା ଆମେରିକୀୟ ଲୋକମାନଙ୍କ ଚଳନି ଭାରତୀୟଙ୍କ ପରି ନୁହେଁ, ବୋହୂ ଜେନିଫର ସାରାଜୀବନ ବିଧବା ହୋଇ ରହିପାରିବନି । ସେ ଆଉ ଜଣଙ୍କୁ ବିବାହ କରିବାକୁ ସ୍ଥିର କରିଛି, କିନ୍ତୁ ଅହଲ୍ୟା ହିଁ ଜେନିଫରର ସମସ୍ୟା । ତେଣୁ ଅହଲ୍ୟାକୁ ଭାରତ ଫେରିଯିବାକୁ ହେବ । ଆକାଶ ଭୁବନେଶ୍ୱର ଘର ବିକି ଯେଉଁ ଘର ଆମେରିକାରେ କିଣିଛି ତାହା ଜେନିଫର ନାମରେ କିଣା ହୋଇଛି ।ଅବଶ୍ୟ ଅହଲ୍ୟାର ଭୁବନେଶ୍ୱର ଯିବା ବିମାନ ଖର୍ଚ୍ଚସହ ଆଉ କିଛି ଟଙ୍କା ଦେବାକୁ ଜେନିଫର ପ୍ରସ୍ତୁତ ଅଛନ୍ତି, ଏହି କଥା ତାଙ୍କୁ ବୁଝାଇ କହିବାକୁ ଜେନିଫର ପୁଅର ସାଙ୍ଗମାନଙ୍କୁ ଡକାଇଥିଲା । ଅହଲ୍ୟାଙ୍କ ପାଦତଳମାଟି ଧସିଗଲା ଭଳି ଲାଗିଲା । ବୋହୂ ଜେନିଫର ର ପ୍ରସ୍ତାବମତେ ପୁଅର ଓଡିଆ ସାଙ୍ଗମାନେ ଅହଲ୍ୟାଙ୍କ ବିମାନ ଟିକଟ୍ ଓ ଅନ୍ୟାନ୍ୟ କାଗଜପତ୍ର ଯୋଗାଡ କରିଦେଲେ, ସେହି ବିମାନରେ ଆସୁଥିବା ଭାରତୀୟ ଯାତ୍ରୀ ସହ ଅହଲ୍ୟା ଭାରତ ଫେରିଲେ । ଦିଲ୍ଲୀ ବିମାନ ବନ୍ଦରରେ ଉକ୍ତ ଯାତ୍ରୀ ଜଣକ, ଅହଲ୍ୟାଙ୍କୁ ଭୁବନେଶ୍ୱର ଅଭିମୁଖେ ବିମାନରେ ଯିବାର ବ୍ୟବସ୍ଥା କରିଦେଇଥିଲେ । ଭୁବନେଶ୍ୱର ବିମାନ ବନ୍ଦରରେ ଓହ୍ଲାଇ, ଲୁହ ଗଡାଉଥିବା ଅବସ୍ଥାରେ ଦିନ ତମାମ୍ ବସି ରହିଲେ । କୁଆଡେ ଯିବେ ସେ ? ଏତେ ବଡ ଦୁନିଆଁରେ ସେ ଏକୁଟିଆ ହୋଇଗଲେ । ଦୀର୍ଘ ସମୟ ବିମାନ ବନ୍ଦର ବାହାରେ ବସିରହିବା ପରେ ଗୋଟେ ଅଟୋ କରି ଆସି ପହଞ୍ଚିଲେ, ସେ ବିକି ଦେଇଥିବା ତାଙ୍କର ଘର, ଯାହା ଏବେ ମହାପାତ୍ରବାବୁ ମାଲିକାନାରେ । ତାଙ୍କୁ କିଛିଦିନ ପାଇଁ ଆଶ୍ରୟ ଦେବାର ଅନୁରୋଧ କରି, ଆଉଟ୍ ହାଉସ୍ ରେ ରହିଛନ୍ତି ଏହାହିଁ ମହାପାତ୍ର ବାବୁଙ୍କ ଧର୍ମ ସଂକଟ ।

■■■

ନୈମିଷାରଣ୍ୟ, ଜି.ଏ. ୧୧୬. ନିଳାଦ୍ରୀବିହାର
ମୋ- ୯୪୩୭୧୨୮୧୭୯




**ବିଶିଷ୍ଟ ଅନୁବାଦିକା ଓ ଗାଳ୍ପିକା ଅଞ୍ଜଳି ଆଚାର୍ଯ୍ୟଙ୍କର ଅନୁବାଦିତ ଗଳ୍ପ ସଂକଳନ 'ଚର୍ଚ୍ଚିତ ଗଳ୍ପଗୁଚ୍ଛ'**



# ଅମୈଥୁନୀ ସୃଷ୍ଟି : ଭ୍ରାନ୍ତି ନା ବାସ୍ତବତା ?

ମୀନୁ ହୋତା

ଜୀବନର ଆବାଗମନରେ ଜନ୍ମ ଓ ପ୍ରତ୍ୟାଗମନରେ ମୃତ୍ୟୁ। ସ୍ଥୂଳ ରୂପରେ ଦେଖିବାକୁ ଗଲେ ଜନନ ପ୍ରକ୍ରିୟା ରୁ  ଏକ ଜୀବ ଜନ୍ମ ନିଏ।ପ୍ରଜନନ ପ୍ରକ୍ରିୟା ପାଇଁ ପ୍ରକୃତି ଜୀବ ଶରୀରରେ ସ୍ଥୂଳ ଜନନାଙ୍ଗ ଏବଂ ସୂକ୍ଷ୍ମ ମୈଥୁନେଚ୍ଛା ପ୍ରଦାନ କରିଛି। ମୈଥୁନ ମାଧ୍ୟମରେ ଜୀବସୃଷ୍ଟି କୁ ମୈଥୁନୀ ସୃଷ୍ଟି କହନ୍ତି। କେହି  ଜଣେ ଥରେ ପ୍ରଶ୍ନଟିଏ କରିଥିଲେ ଯେ ଅମୈଥୁନୀ ସୃଷ୍ଟି କଣ ସମ୍ଭବ?ଜନନାଙ୍ଗ ବ୍ୟତିରେକ ଅନ୍ୟ ଅଙ୍ଗରୁ ଜୀବ ର ଜନ୍ମ ହୋଇପାରେ?

ଏହାର ଉତ୍ତର ପାଇବା ପାଇଁ ଆମେ ଜୀବ ବିକାଶର ଆଦ୍ୟ ପର୍ଯ୍ୟାୟ ରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଯାହାକିଛି ବିକାଶ ଘଟିଛି ତାକୁ କେତୋଟି ପର୍ଯ୍ୟାୟ ରେ ଆଲୋଚନା କରିବା ସମିଚୀନ ହେବ।

ଜୀବ ଜଗତର ପ୍ରାରମ୍ଭିକ ବିକାଶ କୁ ଦେଖିବାକୁ ଗଲେ ଜୀବ ଜଗତର ବିସ୍ତାର ଘଟିଛି ଅମୈଥୁନୀ ପ୍ରକ୍ରିୟାରୁ।କୋଷ ବିଭାଜନ ପ୍ରକ୍ରିୟାରେ ଏକକୋଷୀ ପ୍ରାଣୀ ରୁ ବହୁକୋଷୀ ପ୍ରାଣୀ।ତାପରେ ଅମେରୁଦଣ୍ଡୀ ଓ ସେମାନଙ୍କ ଠାରୁ ପୁଣି ସରଳ ଓ ଜଟିଳ ମେରୁଦଣ୍ଡୀ ପ୍ରାଣୀ ଙ୍କ ବିକାଶ ହୋଇଛି।ମେରୁଦଣ୍ଡୀ ପ୍ରାଣୀଙ୍କ ଠାରେ ପ୍ରଜନନ ଅଙ୍ଗର ବିକାଶ ଘଟିବା ପରେ ମୈଥୁନୀ ସୃଷ୍ଟି ବା ଜନ୍ମ ପ୍ରକ୍ରିୟାର ଆରମ୍ଭ ହୋଇଛି। ଭୌତିକ ବିଜ୍ଞାନ ର ଦୃତ ଉନ୍ନତି ଫଳରେ ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ଜୀବ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ଅନେକ ଗବେଷଣା ହେଲାଏବଂ ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ନୂତନ ଜୀବ ସୃଷ୍ଟି ପାଇଁ ଉଦ୍ୟମ ହେଲା।ସେ ଭିତରୁ ଯେଉଁ କେତୋଟି ଜ୍ଞାନ କୌଶଳ ଆବିଷ୍କୃତ ହେଲା ସେ ଭିତରୁ ମୁଖ୍ୟ ହେଉଛି- କଲମୀକରଣବାcloning Testtubebeby ନିଷେଚନ ପ୍ରଣାଳୀ ।

ଡ. ଷ୍ଟିୱାର୍ଟ ଗାଜରଙ୍କ ମତରେ ପ୍ରତ୍ୟେକ ଜୀବକୋଷ ମଧ୍ୟରେ ନୂତନ ଜୀବ ନିର୍ମାଣ ର କ୍ଷମତା ରହିଛି। କଲମୀକରଣ ମାଧ୍ୟମରେ ଗୋଟିଏ ଉଦ୍ଭିଦର ଶାଖା ପ୍ରଶାଖାରୁ ନୂତନ ଉଦ୍ଭିଦ ତିଆରି ପରି ଗୋଟିଏ ମେଣ୍ଢାର ଲୋମରୁ ନୂତନ ମେଣ୍ଢାଟିଏ ତିଆରି ହୋଇ ପାରିଲା। Test tube ପ୍ରଣାଳୀରେ ମଣିଷର ଡିମ୍ବାଣୁ ଓ ଶୁକ୍ରାଣୁକୁ କୃତ୍ରିମ ଉପାୟରେ ଗର୍ଭାଧାନ କରାଇ ମଣିଷ ସୃଷ୍ଟି କରାଗଲା ଏବଂ ଏବେ ଏହି ପ୍ରକ୍ରିୟା ବହୁଳ ଭାବରେ  ପ୍ରୟୋଗ ହେଉଛି। ନିଷେଚନ ପ୍ରକ୍ରିୟାରେ ମ୍ୟାଗନେସିୟମ ପରି ବାହ୍ୟ ଉଦ୍ଦୀପକ ସାହାଯ୍ୟରେ ମାତୃ ଗର୍ଭରେ ଥିବା ଡିମ୍ବାଣୁକୁ ଉଦ୍ଦିପ୍ତ କରି ବିନା ମୈଥୁନ ଏବଂ ଶୁକ୍ରାଣୁର ସହାୟତାରେ ଗର୍ଭାଧାନ କରାଯାଏ। ବାହ୍ୟ ଉଦ୍ଦୀପକ ଯୋଗୁଁ ଡିମ୍ବାଣୁ ଗରମ ହେବାପରେ ଗୁଣସୂତ୍ର ବା କ୍ରୋମୋଜୋମ ଦ୍ୱିଗୁଣିତ ହୋଇ କୋଷ ବିଭାଜନ ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ ଏବଂ ଭ୍ରୂଣର ବିକାଶ ଘଟେ । ୧୮୯୯ ମସିହାରେ ଡ. ଜେମ୍ସ୍ ଲୌବ ସି ଅର୍ଚ୍ଚିନ୍ ନାମକ ଏକ ମାଇ ସାମୁଦ୍ରିକ ଜୀବ ଦେହରେ ନିଷେଚନ ପ୍ରକ୍ରିୟାର ପ୍ରୟୋଗ କରିଥିଲେ । ସେହି ଜୀବର ଡିମ୍ବାଣୁ କୁ ମ୍ୟାଗନେସିୟମ କ୍ଲୋରାଇଡ ଦ୍ୱାରା ଉଦ୍ଦିପ୍ତ କରିବାରୁ ଜୀବଟି ଗର୍ଭାଧାନ କରି ସନ୍ତାନ ଜନ୍ମ ଦେଲା।

ଭାରତୀୟ ପ୍ରାଚୀନ ଗ୍ରନ୍ଥ ମାନଙ୍କରେ ଅମୈଥୁନୀ ସୃଷ୍ଟିର ଅନେକ ଉଦାହରଣ ରହିଛି। ବ୍ରହ୍ମାଙ୍କର ସାତ ମାନସ ସନ୍ତାନ। ଯୁଧିଷ୍ଠିର, ଭୀମ,ଅର୍ଜୁନ,ନକୁଳ,କର୍ଣ୍ଣ ଆଦି ପାଞ୍ଚ କୁନ୍ତୀପୁତ୍ର, ଅଞ୍ଜନୀ ପୁତ୍ର ହନୁମାନ, ଦ୍ରୁପଦ ଦୁହିତା ଦ୍ରୌପଦୀ, ପାର୍ବତୀ ପୁତ୍ର ଗଣେଷ ଏବଂ ଆହୁରି ଅନେକ ପୌରାଣିକ ଚରିତ୍ର ଅମୈଥୁନୀ ସୃଷ୍ଟି ବୋଲି ଉଲ୍ଲେଖ ଅଛି । ଯୀଶୁଖ୍ରୀଷ୍ଟ ମଧ୍ୟ କୁମାରୀ ମେରୀଙ୍କ ଅମୈଥୁନୀ ସନ୍ତାନ ବୋଲି ବାଇବେଲ ରେ ଲେଖାଅଛି।

ପ୍ରାଚୀନ ଯୋଗଶାସ୍ତ୍ର ଅନୁସାରେ ଯୋଗ ବଳରେ ମଧ୍ୟ ଜୀବ ନିର୍ମାଣ କରାଯାଇପାରେ । ଏହି କୌଶଳରେ ସିଦ୍ଧି ଲାଭ କରିଥିବା ଯୋଗୀ ଓ ସିଦ୍ଧ ପୁରୁଷମାନେ ନିଜର ପ୍ରଚଣ୍ଡ ଇଚ୍ଛା ଶକ୍ତି ବଳରେ ମହାଶୂନ୍ୟରେ ଇତସ୍ତତ ଭାସୁଥିବା ଜୈବକଣ ବା ଜୈବାଣୁ (lifetron)ମାନଙ୍କୁ ଆକର୍ଷିତ କରି ନିଜ ଇଚ୍ଛା ଅନୁରୂପ ଆକୃତି ପ୍ରଦାନ କରନ୍ତି

ଏବଂ ଶୂନ୍ୟରୁ ଅପାନ ବାୟୁ ବା ପ୍ରାଣବାୟୁ କୁ ମଧ୍ୟ ଆକର୍ଷିତ କରି ଏକ ସଂପୂର୍ଣ୍ଣ ଜୀବନ୍ତ ଜୀବ ବା ମଣିଷଟିଏ ସୃଷ୍ଟି କରନ୍ତି। ଏହି ଶରୀର ପୃଥିବୀ ର ଗୁରୁତ୍ୱାକର୍ଷଣ ଶକ୍ତି ସଂସ୍ପର୍ଶ ରେ ଆସିବା ପରେ ସ୍ଥୂଳ ତତ୍ତ୍ୱ ଗ୍ରହଣ କରି ପାର୍ଥିବ ଶରୀର ପରି ଆତ୍ମପ୍ରକାଶ କରେ।ଯୋଗ ବଳରେ ଶୂନ୍ୟରୁ ଆକର୍ଷିତ ଏପରି ଶରୀରକୁ ବୈନ୍ଦବ ଶରୀର କହନ୍ତି କାରଣ ଏହା ସୂକ୍ଷ୍ମ ଜୈବ ପରମାଣୁ ବା ଜୈବାଣୁ କୁ ବାନ୍ଧି ଅର୍ଥାତ୍ ସଂଯୋଗ କରି ସୃଷ୍ଟି ହୋଇଥାଏ।

ମହାଭାରତର କାହାଣୀ ଅନୁସାରେ ମହାରାଣୀ କୁନ୍ତୀ ପିତ୍ରାଳୟରେ ଥିବାବେଳେ ଥରେ ମହର୍ଷି ଦୁର୍ବାସାଙ୍କୁ ସେବା କରି ତାଙ୍କ ଠାରୁ ଏକ ଅଦ୍ଭୁତ ମାଳା ପାଇଥିଲେ। ସେହି ମାଳାର ପ୍ରଭାବ ଏପରି ଥିଲା ଯେ ତାକୁ ଧରି ଯାହାକୁ ସେ ଆକର୍ଷିତ କରିବା ପାଇଁ ଚାହିଁବେ ସେ ଆକର୍ଷିତ ହୋଇ ଚାଲି ଆସିବେ। ମାଳାର ଶକ୍ତି ପରୀକ୍ଷା ପାଇଁ କୁନ୍ତୀ ସୂର୍ଯ୍ୟଦେବଙ୍କୁ ଆବାହନ କଲେ ଏବଂ ସୂର୍ଯ୍ୟଦେବ ଆକର୍ଷିତ ହୋଇ କୁନ୍ତୀଙ୍କ ନିକଟକୁ ଆସିଲେ। କୁନ୍ତୀ ଙ୍କୁ ସେ ପୁତ୍ରବତୀ ହେବାର ବର ପ୍ରଦାନ କଲେ ଏବଂ କୁନ୍ତୀ ତତ୍ କ୍ଷଣାତ୍ ଗର୍ଭବତୀ ହୋଇ ପଡିଲେ। ଲୋକ ଲଜ୍ଜା ଭୟରେ ଅବିବାହିତା କୁନ୍ତୀ କାନ ବାଟେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇ ନଈ ରେ ଭସାଇଦେଲେ। ପରେ ସେହି ଶିଶୁଟି ମହାଦାନୀ କର୍ଣ୍ଣ ରୂପରେ ପରିଚିତ ହେଲେ। ଶାପଗ୍ରସ୍ତ ପଣ୍ଡୁ ରାଜାଙ୍କ ବଂଶ ରକ୍ଷା ପାଇଁ କୁନ୍ତୀ  ତାପରେ ଧର୍ମରାଜ, ବାୟୁ ଦେବ, ଇନ୍ଦ୍ର,ଏବଂ ଅଶ୍ୱିନୀ କୁମାରଙ୍କୁ ଆବାହନ କରି ଯଥାକ୍ରମେ ଯୁଧିଷ୍ଠିର, ଭୀମ, ଅର୍ଜୁନ ଏବଂ ନକୁଳଙ୍କୁ ଜନ୍ମ ଦେଇଥିଲେ।

ଏହି ପୌରାଣିକ କାହାଣୀର ତାତ୍ପର୍ଯ୍ୟ ଏହି ଯେ ଏହି ସମସ୍ତ କୁନ୍ତୀପୁତ୍ର ଥିଲେ ଜଣେ ଜଣେ ଅମୈଥୁନୀ ସନ୍ତାନ ବା ବୈନ୍ଦବ ଶରୀର ଧାରୀ ସନ୍ତାନ। ପରମ ଯୋଗିନୀ କୁନ୍ତୀ ଦୁର୍ବାସା ଋଷିଙ୍କ ପାଖରୁ ବୈନ୍ଦବ ଶରୀର ନିର୍ମାଣ କୌଶଳ ଶିକ୍ଷା କରିଥିଲେ ଏବଂ ମହାଜାଗତିକ ଶକ୍ତିପୁଞ୍ଜଙ୍କୁ ଆକର୍ଷିତ କରି ସେହି ସନ୍ତାନ ମାନଙ୍କୁ ସୃଷ୍ଟି କରିଥିଲେ। ଦେବାଦେବୀ ମାନଙ୍କର ବାହନ ଓ ମାନସ ସନ୍ତାନ ପଛରେ ଏହି ଯୌଗିକ ଶରୀର ବା ବୈନ୍ଦବ ଶରୀର ନିର୍ମାଣ ର ରହସ୍ୟ ବିଦ୍ୟମାନ।ପ୍ରାଚୀନ ଭାରତୀୟ ଯୋଗୀ ମୁନି ମାନେ ଦୁର୍ଗମ ଗିରିଗୁମ୍ଫା ବା ଘଞ୍ଚ ଅରଣ୍ୟାନୀ ମଧ୍ୟରେ ତପସ୍ୟାରତ ଥିବା ସମୟରେ ଅନେକ ଅଦ୍ଭୁତ ଜୀବଜନ୍ତୁଙ୍କୁ ସୃଷ୍ଟି କରି ନିଜର ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରିଥାନ୍ତି। ସେହିସବୁ ରକ୍ଷପାଳ ସେମାନଙ୍କ ବୈନ୍ଦବ ଶରୀର ଧାରୀ ମାନସ ସନ୍ତାନ ବା ଘନିଭୂତ ଇଚ୍ଛାମୂର୍ତ୍ତି ଅଟନ୍ତି।

ଅଯୋନୀ ସମ୍ଭୂତ ବା ଅମୀଥୁନୀ ସୃଷ୍ଟି କେବଳ ଏକ ପରିକଳ୍ପନା ନୁହେଁ।ଏହା ଗବେଷଣା ସାପେକ୍ଷ ଓ ମନନ ଯୋଗ୍ୟ।ଜନ୍ମ ଯଦି ଜୀବନର ପ୍ରାରମ୍ଭ, ଶରୀର ତାର ଆଧାର।ତେଣୁ ଜନ୍ମ ଅନୁସାରେ ଶରୀର ମଧ୍ୟ ଅନେକ ପ୍ରକାରର।ଯଥା-

ପାର୍ଥିବ ଶରୀର (physical body)
କୃତ୍ରିମ ବା ରାସାୟନିକ ଶରୀର (artificial or chemical body)
ଯୌଗିକ ବା ବୈନ୍ଦବ ଶରୀର (yogic body or nephilim body)

ଉପରୋକ୍ତ ତିନି ପ୍ରକାରର ପ୍ରାକୃତିକ ମୃତ୍ୟୁ ଥିବାବେଳେ ବୈନ୍ଦବ ଶରୀର ର ମୃତ୍ୟୁ ନଥାଏ। ଦୃଢ ଇଚ୍ଛାଶକ୍ତି ବଳରେ ଘନୀଭୂତ ଜୈବ ଅଣୁ ର ବିଘଟନ କରାଇ ଏହି ଶରୀରକୁ ତିରୋହିତ କରାଯାଇପାରେ।

■■■

**ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,**
**ହରିଦ୍ୱାର, ଉତ୍ତରାଖଣ୍ଡ,**
**ମୋ-୭୦୦୮୭ ୫୮୯୯୬**



# କପିମ୍ କୃତ୍ୱା

ବିରଞ୍ଚି ମିଶ୍ର



ବାର୍ଷିକ ପରୀକ୍ଷା ବେଳେ କପି କରୁଥିବାରୁ ରବି,କବି ଓ ବବି, ତିନି ଜଣଙ୍କ ଫଳ ସ୍ଥଗିତ କରିଦିଆଗଲା । ଏହି ନିଷ୍ପତ୍ତି ବିରୁଦ୍ଧରେ ସେମାନେ ଦରଖାସ୍ତ ଦେଲେ ।

ରବି କହିଲା,

"ମୋ ପାଖରୁ ଯୋଉ ଚିରିକୁଟି ବାହାରିଲା, ତାହା ମୋର ନୁହେଁ । କିଏ ମୋ ଟେବୁଲ୍ ରେ ରଖିଲା ମୁଁ ଜାଣିନି । ଯେ ରଖିଛି ସେ ଦୋଷୀ, ତାକୁ ଦଣ୍ଡ ମିଳୁ । ତା ଛଡା, ଆମ ହେଡ୍ ସାର୍ ବି ତ ଚିରିକୁଟ୍ ଦେଖି ଦେଖି ସବୁ କହନ୍ତି ।"

କବି କହିଲା,

"ମୋ ଟେବୁଲ୍ ରେ ବହିଟିଏ ଥିଲା ସତ, ମାତ୍ର ସେ ବହି ମୁଁ ରଖି ନାହିଁ, କି ସେଥିରୁ କପି କରୁ ଥିବାର ନିରୀକ୍ଷକ ଦେଖି  ନାହାନ୍ତି । ତେଣୁ ମୁଁ କପି କରିଥିବାର ପ୍ରମାଣ ନାହିଁ । ଆମ ସାର୍ ମାନେ ବି ତ ବହି ଦେଖି ପାଠ ପଢାନ୍ତି ଓ ନୋଟ୍ ଡାକନ୍ତି ।"

ବବି କହିଲା,

"ମୋ ପାଖରୁ କୌଣସି କପି ଜବତ ହୋଇନାହିଁ । ମୋ କାନରେ ଲାଗିଥିବା ଯନ୍ତ୍ରଟି ଦ୍ୱାରା ମୁ କଅଣ କପି କରିଛି, କେହି  ଜାଣିଛନ୍ତି କି ? ଟେକ୍ନୋଲୋଜି ବ୍ୟବହାର ପାଇଁ ତ ଏତେ ଚିଲ୍ଲେଇ ଚିଲ୍ଲେଇ ଆମକୁ ଭାଷଣ ଦଉଥିଲେ, ଆଉ ଆମେ  ବ୍ୟବହାର କଲୁ ବୋଲି ଦୋଷ ହେଲା ?"

ସେମାନଙ୍କ ଦରଖାସ୍ତ ବିଚାରାଧୀନ ଅଛି । ଇତି ମଧ୍ୟରେ, ଚିରିକୁଟି, ବହି ଓ କାନ ଯନ୍ତ୍ର ପରୀକ୍ଷା ହଲ୍ କୁ କେମିତି ଗଲା, ତାହା ଜାଣିବା ପାଇଁ ଏକ କମିଟି ଗଠିତ ହୋଇଛି । କମିଟି ରିପୋର୍ଟ ଆସିବା ପର୍ଯ୍ୟନ୍ତ ପରୀକ୍ଷା ଫଳ ପ୍ରକାଶନ ସ୍ଥଗିତ ରହିଛି ।

■■■

ଶ୍ରୀକ୍ଷେତ୍ର, ପୁରୀ





# ମା' ର ଦୁଃଖ ଓ ବାପାର ମନ

ଡ. ସୁଚେତା ରାଉତ



## ମା' ର ଦୁଃଖ

ମା' ଟିଏ ଆଉ ଝିଅଟିଏ ଥିଲେ । ମା' ଝିଅ କୁ ବହୁତ ଭଲପାଏ । ଝିଅ ମଧ୍ଧ ମା' ଟିକୁ ସେମିତି ଭଲପାଏ। ଏମିତି ସୁଖ ଦୁଃଖ ରେ ମା' ଝିଅ ଚଳି ଯାଉଥିଲେ । ଦିନେ ଝିଅ, ମା' ପାଳିଥିବା କୁକୁଡ଼ା ଛୁଆକୁ ବାଡ଼ିରେ ପିଟି ମାରିଦେଲା । ମା' ଏହା ଦେଖି କହିଲା ବିଚାରି ମା' କୁକୁଡ଼ା ଟି ତା ଛୁଆକୁ ନ ପାଇ କେତେ ଦୁଃଖ ପାଇବ । ଛୋଟ ଝିଅ କିଛି ବୁଝି ନ ପାରି ମା' ମୁହଁ କୁ ଚାହିଁ ରହିଲା । ମା ପୁଣି କହିଲା ତୁ ବଡ଼ ହୋଇ ମାଁ ହେଲେ ବୁଝିବୁ ! ଝିଅ ବଡ ହେଲା, ବାହା ହେଲା କିନ୍ତୁ ବାହାଘର ବହୁତ ଦିନ ପର୍ଯ୍ୟନ୍ତ ତା'ର କିଛି ଛୁଆ ପିଲା ହେଲା ନାହିଁ । ମା ମଲା ପରେ ଝିଅର ଗୋଟିଏ କୁନି ଝିଅଟେ ଜନ୍ମ ହେଲା । ଝିଅ ଜନ୍ମ ପରେ ଝିଅ ତା ସ୍ୱର୍ଗତ ମା' ଉଦ୍ଦେଶ୍ୟରେ କହିଲା ମା ତୋ ଦୁଃଖ ମୁଁ ଆଜି ବୁଝିଲି !! ଗାଁ'କୁ ଗଲେ ନିଶ୍ଚିତ ଭାବେ ଥରେ କାକାଙ୍କ ପାଖକୁ ଯାଏଁ। ମୋତେ ଦେଖି କାକା

## ବାପାର ମନ

ଗୋଟିଏ ପରିବାରରେ ବାପା, ମା ଓ ପୁଅ ରହୁଥିଲେ । ବାପା ଯାହା ରୋଜଗାର କରି ଆଣେ ତାକୁ ତିନିଜଣ ଖାଇଲା ବେଳକୁ ନିଅଣ୍ଟ । ବାପା ସବୁବେଳେ ମା' କୁ କୁହେ ପୁଅର ଆଗେ ପେଟ ପୁରୁ । ଯାହା ବଳକ ଆମେ ଖାଇବା । ପୁଅ ଟିକେ ବଡ଼ ହେବାରୁ ଭାବିଲା ଏହା ମୋ ଜନ୍ମସିଦ୍ଧ ଅଧିକାର । ବାପା ହୋଇଛି ତା'ର କର୍ତ୍ତବ୍ୟ ମୋତେ ଖାଇବା ଦେବା । ଆଉ ଅଧିକାଟେ କ'ଣ କରିଛି ? ବାହା ହେଲାପରେ ପୁଅ ଅଲଗା ହୋଇ ରହିଛି। କିଛି ଦିନ ପରେ ସେ ଯେତେବେଳେ ବାପା ହେଲା , ସେତେବେଳେ ମନକୁ ଆସିଲା, ବାପା ପୁଣି ମୋ ପାଇଁ କେତେ କଷ୍ଟ ନ ସହିଛନ୍ତି ! କିନ୍ତୁ ମୁଁ ତାଙ୍କୁ ଅଲଗା କରିଦେଇଛି !!

■■■

ଗ୍ୟାରେଜ ଛକ, ଓଲ୍ଡ ଟାଉନ୍,
ଭୁବନେଶ୍ୱର



# ଅନ୍ଧକାର

ପ୍ରମୋଦ କୁମାର ମହାପାତ୍ର



କିଛିଟା ଭାବପ୍ରବଣ ହୋଇ ପଡନ୍ତି । ସବୁଥର ଭଳି ମୋ ଜନ୍ମ ସମୟର କଥା ଦୋହରନ୍ତି। କହନ୍ତି " ଭୀଷଣ ଖରା ଦିନ। ସନ୍ଧ୍ୟା ପରେ ପରେ ରାତ୍ରିର ଅନ୍ଧକାର ଘନେଇ ଆସେ,ଏମିତି ଏକ ଲଗ୍ନରେ ତୋ ଜନ୍ମ। ସେ ସମୟରେ କାହା ପାଖରେ ସମୟ ଜାଣିବା ପାଇଁ ଘଡି ନ ଥିଲା । ଥିଲା କେବଳ ଗାଁ ଗୌନ୍ତିଆଙ୍କ ପାଖରେ। ମୁଁ ତାଙ୍କ ପାଖକୁ ଦୌଡ଼ିଲି, ଶୁନଶାନ୍ ରାତି, ସାରା ଗାଁ ଶୋଇ ପଡ଼ିଥିଲା...

କକା, କକା ...ମୁଁ ଗୌନ୍ତିଆ ଘରର କବାଟ ବଡୋଇଲି।

ଆରେ କିଏ ବୋ ଏତେ ରାତିରେ ..ନିଦୁଆ ସ୍ୱରରେ ସମ୍ଭାଷଣ

ମୁଁ କକା ମୁଁ,

ମୋ ସ୍ୱର ବାରି ଗୌନ୍ତିଆ କକା ଝରକା କବାଟ ଅଧା ଖୋଲି ପଚାରିଲେ...

ଆରେ ବାବୁ ତୁ,କିଛି ଅସୁବିଧା ହେଲା କି...

ନା କକା ଘରେ ଏବେ ଏବେ ଦାଦାର ଏକ ପୁଅ ଜନ୍ମ ହେଲାତ, ସମୟ ପଚାରିବାକୁ ଆସିଲି...

ହଉ ହଉ ଖୁସିର କଥା... କହି ଅଣ୍ଟିରୁ ଏକ ଗୋଲାକାର ଘଣ୍ଟା ବାହାର କରି କହିଲେ...ରାତି ୯ଟା ହୋଇଛି... ଯା'...

ତା' ପରେ ସେହି ରାତିରେ ତୋ' ଅଜା ସହିତ ବାହାରି ପଡ଼ିଲୁ ଦଶ ମାଇଲ ଦୂରରେ ଥିବା ଏକ ଗାଁ କୁ, ଅଜା ଯଜମାନି ପଣ୍ଡିତ। ପର ଦିନ ସକାଳେ ଏକ ସମ୍ପର୍କୀୟଙ୍କ ପୁଅର ବ୍ରତୋପନୟନ କରିବାର ଥିଲା ତ,ତାଙ୍କୁ ସେଠାରେ ଛାଡ଼ି ମୁଁ ପୁଣି ସକାଳେ ଫେରି ଆସିଲି।"

ଏତେ ରାତିରେ,ସେ ସମୟରେ ତ ଆଲୁଅ ନଥିଲା କି ଆଜି କାଲିକା ଭଳିଆ ରାସ୍ତା ନ ଥିଲା, ଗଲ କେମିତି? ସ୍ୱାଭାବିକ ଉତ୍ସୁକତା ନେଇ ମୁଁ ପ୍ରଶ୍ନ କରେଁ...

ଆରେ ସେ ସମୟରେ ଦୁର ସ୍ଥାନକୁ ଯିବାକୁ ହେଲେ ରାତି ଅନ୍ଧାର ହିଁ ଯିବାକୁ ହେଉଥିଲା ଠିକ୍ ସମୟରେ ଦିନ ବେଳା ପହଞ୍ଚି ଯିବା ପାଇଁ..ରାସ୍ତା ନାମରେ ଜମି ହିଡ଼ ଆଉ ଧରସା, ଯାଇ ଯାଇ ସେ ସବୁ ପରିଚିତ ହୋଇ ଯାଇଥିଲା । ଆଉ ଅନ୍ଧାର, କେବ ଜହ୍ନ ତ କେବେ ତାରାର ଆଲୁଅରେ ସବୁ କିଛି ଝାପସା ହେଲେ ମଧ ରାସ୍ତା ବେଶ୍ ବାରି ହେଉଥିଲା ।

ଏମିତି ଅନ୍ଧକାର ସହିତ ମୁହାଁମୁହିଁ ହୋଇଥିଲା ଆଉଦିନେ.... ସେଦିନ ମୁଁ ନୂଆ ହୋଇ ପାଇଥିବା ଚାକିରୀ ପାଇଁ ଭୁବନେଶ୍ୱରରେ ଟ୍ରେନିଂର ଶେଷଦିନ। ପୋଷ୍ଟିଂ ସମ୍ବଲପୁର। ଭରପୁର ଉତ୍ସାହ ଓ ଉନ୍ମାଦନା। ଏଣୁ ଆଉ ଡେରି ନ କରି ସେଇ ସନ୍ଧ୍ୟାରେ ହିଁ ଭୁବନେଶ୍ୱର - ପଦ୍ମପୁର ସରକାରୀ ବସ୍ ରେ ବାହାରି ପଡ଼ିଲି ଗାଁ କୁ । ଭାବିଲି ବଡି ଭୋର୍ ରେ ତ ଗାଁ ଛକରେ ପହଞ୍ଚିବି । କିନ୍ତୁ ମୋ ଆକଳନକୁ ଭୁଲ ପ୍ରମାଣିତ କରି ହେଲା ଠିକ୍ ଓଲଟା । ପ୍ରାୟ ରାତି ୨.୩୦ ରେ ହିଁ ବସ୍ ଟି ମୋତେ ଓହ୍ଲେଇ ଦେଇ ଚାଲି ଗଲା। ଛକରୁ ଗାଁ'ର ଦୂରତା ପ୍ରାୟ ଦେଢ଼ କିମି.। ଭୀଷଣ ଅନ୍ଧାର,ପୁଣି ଶୁନଶାନ୍, ନିଛାଟିଆ ଯାଗା। ଏବେ ମୋର ଅକଲ୍ ଗୁଡୁମ୍। ନା' ଛକରେ ରହି ପାରିବି ନା' ଗାଁ'କୁ ଯାଇ ପାରିବି। ଜୀବନରେ ପ୍ରଥମ ଥର ଏତେ ଅସହାୟ ଅବସ୍ଥାରେ ନିଜକୁ ମୁଁ ଆବିଷ୍କାର କଲି। ଜ ଗ ମ ଗ ଆଲୁଅରେ ରାତି ବି ଦିନ ପରି ଝଲସୁ ଥିବା ସହରରେ ଅନେକ ଦିନର ଅଭ୍ୟସ୍ତ ରହଣି ପରେ ହଠାତ୍ ଏକ ବିପରୀତ ପରିସ୍ଥିତିରେ ପହଞ୍ଚିଯିବା, ଏକ ବିପର୍ଯ୍ୟୟ ଭଳିଆ ଲାଗୁଥାଏ । ବାହାରିବା ସମୟର ଉତ୍ସାହ ଉଦ୍ଦୀପନାର ପାରଦ କୁଆଡେ ମିଳେଇ ଯାଇ ଶୁନ ସ୍ତରକୁ ଆସିଯାଇ ଥାଏ। ଡିସେମ୍ବର ର କନକନିଆ ଶୀତରେ,ସେହି କଞ୍ଚା

ବୟସରେ ମଧ୍ୟ ଦେହ ଘର୍ମାକ୍ତ ହୋଇ ଯିବାର ଅନୁଭବ ହେଉଥାଏ। ଆକାଶକୁ ଅନାଇଲି, ଜହ୍ନର ରାଜୁତି ନ ଥିଲା, ଟିକି ଟିକି ତାରା ଗୁଡ଼ିକ ଆଖି ମିଟିକା ମାରି ଇଙ୍ଗିତରେ ମୋତେ ସାହାସ ଦେଇ କହିଲେ - ଭୟ କଣ, ଆମେ ପରା ତୋ ସହିତ ଅଛୁଁ,ଏଇ ଆମରି ଆଲୁଅ ନେ, ଆଗକୁ ବଢ଼ି ଯା।

ନା - ଯିବାକୁ ହେବ । ମନକୁ ଦୃଢ଼ କରି ପାଦ ବଢ଼େଇଲି ସେହି ଅଣ ଓସାରିଆ କଚ୍ଚା, ଧୂଳି ରାସ୍ତାରେ।

ଦେଢ଼ଶ ମିଟର ପରେ ଡାହାଣ ପଟରେ ଏକ ପୁରୁଣା, କ୍ୱଚିତ ବ୍ୟବହାର୍ଯ୍ୟ ପୋଖରୀ, ତା ହୁଡାରେ ଗୁଡାଏ ଉଚ୍ଚା, ଝଙ୍କାଳିଆ ଆମ୍ବ, ବର ଜାତୀୟ ଗଛ, ଦିନ ବେଳେ ବି ଅନ୍ଧାର, ରାତିରେ ତାହା ଏତେ ଗହଳିଆ ଯେ ଆଖି ସାମନା ରେ ହାତ ଆଙ୍ଗୁଠି ରହିଲେ ବି ଦେଖା ଯାଉନି।

ଓଃ! କି କିଟିମିଟିଆ ଅନ୍ଧାର!

ଲୋକକଥା ଅଛି,ଏଇ ନିର୍ଜନ, ନିକାଞ୍ଚନ ଜାଗାରେ ଦିନବେଳେ ମଧ୍ୟ ଚୋରି, ଛିନ୍ତାଇ ହେଉଥିଲା। ଏଭଳି ଉଦ୍ଦେଶ୍ୟରେ ଦିନେ ଜଣେ ଲୋକର ମୁଣ୍ଡ କାଟି ନେଇଥିଲେ କିଛି ଖଣ୍ଟ ପ୍ରକୃତିର ଲୋକ,ସେହି ଦିନୁଁ ଏ ଜାଗାର ନାଁ ' ମୁଣ୍ଡକଟି '!! ନିଜ ଅଲକ୍ଷ୍ୟରେ ବାଆଁ ହାତଟା ଯାଇ ବେକ,ମୁଣ୍ଡ ପାଖରେ ବୁଲି ଆସିଲା। ଆଖି ବୁଜି ଆଗକୁ ବଢ଼ିଗଲି। କିଛି ଦୁର ଗଲା ପରେ ସାହାସ କରି ପଛକୁ ଅନେଇଲି । କେହି ପାଶ୍ଚାତ ଧାବନ କରୁନି ତ?

ରାସ୍ତାଟି ଆଗକୁ ଉଠି ପୁଣି ଡାହାଣ କଡ଼କୁ ବଙ୍କେଇଯାଇ ଖାଲୁଆ ଜମି ଭିତର ଦେଇ ଚାଲି ଯାଇଛି । ଏକ ଛୋଟ କେନାଲ ରାସ୍ତାକୁ ଲମ୍ବ ଭାବରେ ଚିରି ଗୋଟିଏ ସିମେଣ୍ଟ ନାଳ ଭିତର ଦେଇ ଅନବରତ ବହି ଚାଲିଛି ପାଣି। ଦୁଇଟି ମାଧ୍ୟମର ସଂଘାତରେ ସୃଷ୍ଟ ପାଣିର କୁଳୁ କୁଳୁ ନାଦର ସଙ୍ଗୀତ ସ୍ୱଷ୍ଟ ଭାବରେ ଶୁଣା ଯାଉଛି। ପଛରୁ ଶୁଭିଲା ଯେପରି ଏକ ନାରୀ କଂଠର ଚାପା ସ୍ୱର -

- ଆରେ ଟିକେ ରହିଯା,ମୋ ଗୀତ କଣ ଭଲ ଲାଗୁନି ?

- ନା ଲୋ, ତୁ ତ ଖୁବ୍ ସୁନ୍ଦର୍ ଗାଉଛୁ । ହେଲେ ଏବେ ନୁହେଁ ଆଉ ଦିନେ... ମୁଁ ଉତ୍ତର ଦେଲି!!

ଆଗରେ ଏକ ଗହିରିଆ ଖାଲ । ଜମି ମାଲିକ ନାଁ ହିସାବରେ 'କଳାକାହ୍ନୁର ଚୁଆଁ ' । ଏକ ବିରାଟ ଝଙ୍କାଳିଆ ଆମ୍ବଗଛଟିଏ ତାକୁ ସଦା ଉହାଡରେ ରଖିଥାଏ। କିଛି ଟୁବଟାବ୍ ଶବ୍ଦ, ତା ପରେ ସର୍ ସର୍ ହୋଇ ପତ୍ର ଗହଳି ରୁ ଫଡ ଫଡ ହୋଇ ପକ୍ଷୀଟିଏ ଉଡ଼ି ଯିବାର ଅନୁଭବ। ଏକ ପୈଶାଚିକ 'ଚିଁ 'ଚିଁ' ଶବ୍ଦ ସେହି ନିସ୍ତବ୍ଧତାକୁ ଭେଦ କରି କିଛି ସମୟ ଭିତରେ କ୍ଷୀଣ ରୁ କ୍ଷୀଣତର ହୋଇ ଆସ୍ତେ ମିଳେଇଗଲା। ବୋଧହୁଏ କିଛି ସାପ,ବେଙ୍ଗ ଜାତୀୟ ଉଭୟ ଚର ପ୍ରାଣୀ ମୋର ପାଦ ଶବ୍ଦର ଆଘାତ ଶ୍ରବଣ କରି ଭୟରେ ପାଣିକୁ ଡେଇଁଲା ପରେ 'କାର୍ଯ୍ୟ - କାରଣ' ପ୍ରଭାବର ଏ ଏକ ମୃଦୁ ପ୍ରତିକ୍ରିୟା। ହଠାତ୍ ଦେଖିଲି ଅନତି ଦୂରରେ ଘନ ଗଛଲତାର ଉହାଡରୁ ଡାହାଣରୁ ବାମକୁ ଦପ୍ ଦପ୍ କରି ଏକ ତୀବ୍ର ଆଲୋକ ଦୃତ ଗତିରେ ଚାଲି ଆସୁଛି। ତା'ପରେ ଧଡ୍ ଧଡ ଶବ୍ଦ... ମୁଁ ଟିକେ ଚମକି ପଡ଼ିଲି । ଆଗରେ ରେଳ ଲାଇନ୍ । ଏକ ରେଳ ଗାଡି ମାଡି ଆସୁଛି । ତାର ଗୁରୁ ଗମ୍ଭୀର ଶବ୍ଦରୁ ଜଣା ପଡୁଛି,ଏକ ମାଲଗାଡି। ସାଧାରଣତଃ ରେଳ ଆସିବାର ସୋର ଶବ୍ଦ ଆଗରୁ ଜଣା ପଡ଼େ ନାହିଁ । କିନ୍ତୁ ଚାଲି ଗଲା ପରେ ସେଇ ଲୌହ ଶକଟର ବିକଟାଳ ତୁରୀନାଦ ଓ ଧାତବ ଚକ୍ର ଗୁଡ଼ିକର ଘସଡା ଶବ୍ଦ ନିର୍ଜନ ରାତିକୁ ଆହୁରି ବିଭୀଷିକାମୟ କରି ତୋଳେ ଅନେକ ସମୟ ଧରି।

ବେଶ୍ କିଛି ଦିନ ଆଗରୁ କାଳିଆ ନାମକ ଏକ ଗ୍ରାମବାସୀ ସନ୍ଧ୍ୟାରେ ତାର ଗୋରୁ ପଲ ନେଇ ଏହି ଲାଇନ୍ ପାର କରୁଥିବା ସମୟରେ ଏକ ରେଳ ଗାଡିର ଧକ୍କାରେ ଅନେକେ ପ୍ରାଣ ହରେଇଥିଲେ। ଆଉ ତାଙ୍କୁ ବଞ୍ଚେଇବା ପାଇଁ ଘଉଡ଼ାଇବାକୁ ଯାଇ ସେ ବି ଜୀବନ ହରାଇ ଥିଲା ।

ସମୟ ସମୟରେ ଏହି ପାର୍ଶ୍ୱସ୍ଥ ପଡ଼ିଆରେ ମୃତାହଙ୍କ ଶବ ସଂସ୍କାର ବି ହୁଏ, ଗାଁ ମଶାଣି,ପର ଗାଁ ପାଣି,
ଭୟ ଲାଗିବା ସ୍ୱାଭାବିକ ।

ଦିନର ସ୍ୱଷ୍ଟ ଆଲୋକରେ ଭୂତ ପ୍ରେତଙ୍କୁ ସବୁ ବେଳେ ଅସ୍ୱୀକାର କରୁଥିବା ମୁଁ ସେଦିନ ମାନସିକ ଦୁର୍ବଳତାର ଶିକାର ହୋଇ ଭାବୁଥିଲି - ' ଭୂତ ପ୍ରେତ ତ ନିଶ୍ଚିତ ଥିବେ କିନ୍ତୁ ସେମାନେ କାହାରି ଅନିଷ୍ଟ କାହିଁକି କରିବେ, ସାହାଯ୍ୟ ବି ତ କରି ପାରିବେ ! ମୁଁ ତ ଭଲ ! କାହାରି କିଛି କ୍ଷତି କରିନି ! ନିଜକୁ ନିଜେ ବୁଝାଉ ଥିଲି !

ଯାହା ବି ହେଉ ଏମିତି କିଛି (ଅ)ଘଟଣ ହେଲେ ଏକ ନୂଆ ଅଭିଜ୍ଞତା ହେବ ନିଶ୍ଚୟ । ମନରେ ସାହସ ବାନ୍ଧି ଆଗକୁ ବଢୁଥିଲି । ଦେଖିଲି, ରେଳ ଲାଇନରୁ ତଳକୁ ଗଡି କିଛିଦୂର ଆଗରେ ଏକ ଉଠାଣି, ସେଠି ବାମ କଡ଼କୁ ଏକ ପୋଖରୀ - ' ମସ୍ମା ବନ୍ଧ ', ଝଙ୍କାଳିଆ ବର ଓ ପିପଲ୍ ଗଛ ଦୁଇଟି ଲଗାଲଗି ହୋଇ ତାର ଦୋ-ମୁହାଣୀ ବାଟରେ ସତେ ଯେମିତି ନିତ୍ୟ ଅଭିସାରରେ ଲିପ୍ତ ଥାନ୍ତି । ତା' ତଳେ କେହି ଜଣେ ଛିଡା ହୋଇଛି, ହାତରେ ଲଣ୍ଠନ, ମିଞ୍ଜି ମିଞ୍ଜି ଆଲୁଅରେ ରାସ୍ତାର କିଛି ଅଂଶ ସିନା ଝାପସା ଦିଶୁଛି ହେଲେ ଲୋକଟିର ଚେହେରା ସପୂର୍ଣ୍ଣ ଅସ୍ପଷ୍ଟ। ଧୀରେ ଧୀରେ ସେ ଗାଁ ରାସ୍ତାରେ ଆଗକୁ ବଢିଲା,ମୁଁ  ଟିକେ ସାହାସ ପାଇଲି,ତାକୁ ଅନୁସରଣ କରି ଆଗକୁ ଚାଲିଲି । ଗାଁ ମୁଣ୍ଡ ସ୍କୁଲ ପାଖରେ କେତେବେଳେ ପହଞ୍ଚିଲି ଜାଣି ପାରିଲି ନାହିଁ । ଆଗକୁ ଦେଖିଲି,ସେ ଅଜଣା ଲୋକଟି ନାହିଁ! କୁଆଡେ ଉଭେଇ ଗଲା ?

ପରେ ପରେ ଇଷ୍ଟଦେବୀ 'ମାଁ ସମଲେଇଙ୍କ' ପୀଠ। ମାଁଙ୍କୁ ବାହାରୁ ମୁଣ୍ଡିଆ ମାରି ଦୀର୍ଘ ଦିନର ଏକ ଲମ୍ବା ଯାତ୍ରାର ସୁଖଦ ପରିସମାପ୍ତି ପାଇଁ କୃତଜ୍ଞତାଶ୍ରୁ ଢ଼ାଳି ନିଜକୁ ଧନ୍ୟ ମନେକଲି । ଘରକୁ ପହଞ୍ଚି ଚୁପ୍ ଚାପ୍ ଦାଣ୍ଡ ଘର କବାଟରେ  ହାତ ପୁରାଇ ଅନୁମାନ କଲି ସେଦିନ କାଠ ଆଡ୍ କି ପଡିନି, ଅବଳୀଳା କ୍ରମେ  ଭିତର ପଟୁ ଦିଆ ହୋଇଥିବା ଛିଟିକିଣି  ଖୋଲି ଘର ଭିତରକୁ ପ୍ରବେଶ କଲି । ଆଇ ମା'  ଶୋଇବା କୋଠରୀକୁ ଯାଇ ଏକ ସପ ପକାଇ ତା ପାଖରେ ଶୋଇବାର ବ୍ୟବସ୍ଥା କଲି । ବେଶ୍ ପରିତୃପ୍ତିର ନିଦରେ ଶୋଇଲି ସେ ଦିନ। ସକାଳ ହେଲା, ସମସ୍ତେ ଜାଣିଲେ ମୁଁ ଆସିଛି ।

କହିବା ବାହୁଲ୍ୟ,ସତରେ, ସେଦିନ ଅନ୍ଧକାର କୁ ମୁଁ ମନଭରି ଉପଭୋଗ କରିଥିଲି!

ସମୟ ସ୍ରୋତରେ ସବୁ କିଛି ବଦଳି ଗଲାଣି । ଏବେ ସେହି କଚ୍ଚା ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କରେ ରୂପାନ୍ତରିତ। 'ମୁଣ୍ଡକଟି'ରେ ଅନେକ ଦୋକାନ ଘର । ନିଛାଟିଆ ରାସ୍ତାର ଉଭୟ ପାର୍ଶ୍ୱରେ  ଏକ ଛୋଟିଆ ବସ୍ତି । ଗାଁ ର ଏକ କ୍ଷୁଦ୍ର ସଂସ୍କରଣ, କଳାକାହୁଁ ଚୂଆଁ ର ଅସ୍ତିତ୍ୱ ବିଲୁପ୍ତ । ସେଇ ସୁଉଚ୍ଚ, ଦୁର୍ଲଙ୍ଘ୍ୟ ରେଳ ଫାଟକ ତୁଳନାତ୍ମକ ଭାବେ ସମତଳ, ସୁବିନ୍ୟସ୍ତ। ସମାନ୍ତର ହୋଇ ଆଉ ଏକ ରେଳ ଧାରଣା ସହିତ ଏକ ବିଟ ଘର । ଦିନ ରାତି ପହରାର ବ୍ୟବସ୍ଥା। ଚାରି ପଟେ ବିଜୁଳି ଆଲୁଅରେ ଆଖି ଟେରା । କିନ୍ତୁ ହାୟ ! ସେହି ଅନ୍ଧକାରର ସାନ୍ଦ୍ରତା ଚୂର୍ଣ୍ଣିଭୂତ। ରାତିସାରା ଦୌଡୁଥିବା ଗାଡି ମଟରର ଘୋ ଘା ଘର୍ଘର ନାଦ ଓ ତାର ଉଶୃଙ୍ଖଳ ଅଖିବିନ୍ଧା ଉଜ୍ଜଳ ଆଲୋକ ଉଦ୍ଗିରଣରେ ଅନ୍ଧକାରର ମାଦକତା ଅପହୃତ ! ସେହି ଶାନ୍ତ,ସ୍ନିଗ୍ଧ, ପାରଦର୍ଶି, ନୀରବ ସଙ୍ଗୀତର ମୂର୍ଚ୍ଛନାରେ ଝଙ୍କୃତ ଅନ୍ଧକାର ଆଜି କ୍ରମ ସଙ୍କୁଚିତ...

ଆଜିବି ମନରେ ଗୁଞ୍ଜରିତ ହୁଏ ସେଇ ଅଭୁଲା ପଂକ୍ତି -

"ଆଲୁଅ ତାର କି ମନୋହର
ଅନ୍ଧକାର ତା' ଠାରୁ ଭଲ.."

ଭାରତ ସଞ୍ଚାର ନିଗମ ଲିମିଟେଡ୍
ଭୁବନେଶ୍ୱର
ମୋ - ୯୪୩୭୫୭୮୩୧୧

■■■



# ଭଲ ଲୋକଙ୍କୁ ଦେଖିବା ପାଇଁ ଭଲ ଦୃଷ୍ଟିଭଙ୍ଗୀ ରଖିବା ଦରକାର

ଧ୍ରୁବଚରଣ ଘିବେଲା



ଆଜିର ତାରିଖରେ ଭଲକୁ ଭଲ କହିବା ପାଇଁ ଲୋକଙ୍କ ଜିଭ ସହଜେ ଓଲଟେ ନାହିଁ । କ୍ୱଚିତ ଭଲ କଥା କାମର ଯଥୋଚିତ ସମ୍ମାନ ରହିଥାଏ । ପ୍ରଶଂସା ମିଳିଥାଏ । ନ ହେଲେ ନାହିଁ । ବରଂ, ଭଲ କାମ କରିବା ଭିତରେ ଯଦି କେଉଁଠି ଅନିଚ୍ଛାକୃତ ତ୍ରୁଟି ରହିଯାଏ। ତେବେ ସେଇଠି ତୁମ୍ଭି ତୋଫାନ କରିବସନ୍ତି ଅସହିଷ୍ଣୁ କେହି କେହି । ନିଜେ କିଛି ଭଲ କାମ କରିବେ ନାହିଁ କି କରି ନ ଥିବେ କେବେ, ହେଲେ ଅନ୍ୟର ସାମାନ୍ୟ ତିଳ ପ୍ରମାଣ ଭୁଲକୁ ତାଳ ଆକାରେ ଚିତ୍ରଣ କରନ୍ତି ନିନ୍ଦୁକ । ଅନ୍ୟର ଶିରି ଦେଖିବାକୁ ଚାହୁଁନଥିବା ବ୍ୟକ୍ତି ବିଶେଷ ।ଏବେ ଦୋଷଦର୍ଶୀଙ୍କ ସଂଖ୍ୟା ଅଗଣନ । କିଏ ଜଣେ ଭଲ କାମ କଲେ, ହଁ ସେ ଭଲ କାମ କରେ / କଲା, ଏ କଥା କହିବେ ନାହିଁ ଆଦୌ। ଆଗ ତା ଦୋଷ ବାଛି ବସନ୍ତି ଯେମିତି ? ଦୋଷ ବାଛିବା ଦୋଷଦର୍ଶୀଙ୍କ ଯେମିତି ଏକମାତ୍ର ଏକସୂତ୍ରୀ କାର୍ଯ୍ୟକ୍ରମ ହୋଇଯାଇଥାଏ । ଦୋଷ ବାଛିବା ଛଡ଼ା ଯେମିତି ଆଉ କିଛି କାମ ସେମାନଙ୍କ ହାତରେ ନ ଥାଏ । ଜଣେ ନିଜସ୍ୱ ଉଦ୍ୟମରେ କାମଟିଏ କେତେ କଷ୍ଟରେ କରୁଛି,ଏ ବିଚାର କେହି ଜମା ରଖନ୍ତି ନାହିଁ । ଓଲଟା ମତ ରଖନ୍ତି, ଏଥିରେ ତା ଲାଭ - ଲୋଭ ଥିବ ନା ? ବିନା ଲାଭରେ ସେ କଣ ମାତୁଛି ? କିଏ କା' ହାତରୁ ଖାଇ ଘୋଡ଼ା ପଛରେ ଦୌଡୁଛି କୁହନ୍ତୁ ତ ? ଏ ବିଚାର ରଖନ୍ତି ଦୁଷ୍ଟ । ମତଲବୀ ତଥାକଥିତ ମାରିଖିଆମାନେ । ଏବେ ଏବେ ଜାଣିଶୁଣି ଭୁଲ କଥା କାମରେ ରହୁଥିବା / ଆଗ୍ରହ ରଖୁଥିବା ଲୋକେ ମେଳି ବାନ୍ଧିଲେଣି ସବୁଠି । ନୀତି ଶ୍ରେଷ୍ଠ ରାଜନୀତି କ୍ଷେତ୍ରରୁ ଆରମ୍ଭ କରି ସାହିତ୍ୟର ସବୁଜ କ୍ଷେତ୍ର ପର୍ଯ୍ୟନ୍ତ । ରାଜନୀତିରେ ଏବେ ଭଲ ଲୋକ ତିଷ୍ଠିବା ସହଜ ମନେ ହେଉନାହିଁ, ଯଦି ହାତରେ ଧନ ନାହିଁ ।

ଟଙ୍କା ନ ଥାଇ ଆଜି ରାଜନୀତି କରିବା, ନେତା ବନିବା ସହଜ ନୁହେଁ । ସମୟ ଥିଲା ଜିରୋରୁ ହିରୋ ବନୁଥିଲେ । ଏବେ କାହାଠି ଶହେ ଥିଲେ, ତହିଁରେ ଆଉ ଶହେ ଯୋଡ଼ିବା ସମ୍ଭବ ହୋଇପାରେ । କିନ୍ତୁ ରାଜନୀତିରେ ଶୂନ୍ୟ ପୁଞ୍ଜିରୁ ଉପରକୁ ଉଠିବା ଆଜି ଅଚିନ୍ତନୀୟ । ନେତା ହେବାକୁ ହେଲେ ଥିଲାବାଲା ହୋଇଥିବା ଦରକାର । ହାତରେ କଞ୍ଚା ମାଲ ବା ଅର୍ଥ ରହିଥିବା ଦରକାର । ନ ହେଲେ ପଛକୁ ଠେଲି ହୋଇଯିବେ । ବାଦ ପଡିଯିବେ ।

ଆଜି ସବୁଠି ସେଇ ଗୋଟିଏ ଧାରା ଠିକ ମନେହୁଏ, ଯୋଗ୍ୟ ତିଷ୍ଠୁଛି । ତିଷ୍ଠି ରହେ । ଡାର୍ୱିନଙ୍କ "ଯୋଗ୍ୟତମର ଉଦବର୍ତ୍ତନ " କଥା କେବେ ସତ୍ୟ ହୁଏ । ହେଲେ ସେଇ ଧାରା ଯେ ସମ୍ପୂର୍ଣ୍ଣ ଠିକ ଥାଏ, ତାହା ନୁହେଁ । ପ୍ରାକୃତିକ ପ୍ରକ୍ରିୟା ସାଧନ କ୍ଷେତ୍ରରେ ହିଁ ଡାର୍ୱିନଙ୍କ ବିବର୍ତ୍ତନବାଦ ଶତ ପ୍ରତିଶତ ଲାଗୁହୁଏ । ସତ୍ୟ ପ୍ରମାଣିତ ହୁଏ । ବାକି କେଉଁ ଜାଗାରେ ଶତ ପ୍ରତିଶତ ନୁହେଁ । ପ୍ରାକୃତିକ ପ୍ରକ୍ରିୟାରେ ତ ଧରାକରା, ଯୋଗାଡ଼ଯନ୍ତ୍ରର ପ୍ରଶ୍ନ ହିଁ ନ ଥାଏ । ଧରାଯାଉ, ନିର୍ଦ୍ଦିଷ୍ଟ ସ୍ଥାନରେ ଚାରା ରୋପଣ କରାଯିବ । ଯେଉଁ ଚାରା ଗୁଡ଼ିକ ବଂଚିବା ପାଇଁ ଆବଶ୍ୟକ ପରିମାଣର ଉପାଦାନ ଉର୍ବର ମାଟିରୁ ଆରମ୍ଭ କରି ପାଣି, ପବନ, ଆଲୋକ, ଖାଦ୍ୟ ପାଇବେ, ସେମାନେ ତିଷ୍ଠି ରହିବେ । ବଂଚିବେ । ବଢ଼ିବେ । ଯିଏ ସେ ସବୁ ପାଇବ ନାହିଁ, ସେ ଉଧେଇବନି । ନଷ୍ଟ ହୋଇଯିବ । ମରିବ । ବୁଡ଼ିବ । ଏଠି ତ ବଂଚିବା ପାଇଁ ଗଳାବାଟ କିଛି ରହିବ ନାହିଁ । ସକଳ ପ୍ରାକୃତିକ ପ୍ରକ୍ରିୟା ସାଧନରେ ଯୋଗ୍ୟ ହିଁ ତିଷ୍ଠି ରହନ୍ତି। କିନ୍ତୁ ମନୁଷ୍ୟକୃତ କାର୍ଯ୍ୟଧାରାରେ ଯୋଗ୍ୟତମର ଉଦବର୍ତ୍ତନ ବା ଯୋଗ୍ୟର ସଫଳତା ସବୁଠି ଘଟେ ନାହିଁ । ହୁଏ ନାହିଁ । ଅଯୋଗ୍ୟ ମୁଣ୍ଡ ଟେକିପାରନ୍ତି ଗଳାବାଟରେ ଯାଇ । ଗଳା ବାଟର ଯାତ୍ରୀଙ୍କୁ ଆପଣ ଅଭିହିତ କରିପାରନ୍ତି ଯୁଗୋପଯୋଗୀ । ହିନ୍ଦୀରେ ଗୋଟେ କଥା ରହିଛି - "ଜୋ ଜିତା ୱ ହି ସିକନ୍ଦର "। ସେ ଯେମିତି ଜିତୁ, ଜିତିବା

ଠିକ ଥିଲେ ତ ସୁନ୍ଦର କଥା । ଅନ୍ୟର ଭୁଲ ସାହାଯ୍ୟ ନେଇ, ଭୁଲ ବାଟରେ ଯାଇ ଜିତିବାରେ ବାହାଦୁରି ନ ଥାଏ। ସେଠି ଠକାମି କାମ କରେ । ଯେ ଠକି ଜିତେ, ସେ ହିଁ ଜାଣିଥାଏ ଜିତିଛି କେମିତି । ଅନ୍ୟକୁ ସିନା ଠକି ହୁଏ, ନିଜକୁ ନୁହେଁ । ଯେ ନିଜକୁ ଠକେ, ଦୁନିଆ ଆଖିରୁ ସିନା ବର୍ତ୍ତିଯାଏ, ନିଜେ କିନ୍ତୁ ଅସଲ 420 ଥାଏ । ଆତ୍ମପ୍ରବଞ୍ଚକ ନିଜକୁ ଠକନ୍ତି । ଆତ୍ମପ୍ରବଞ୍ଚନା ନିଜକୁ ଦିଏ ଯାହା ଲାଂଛଣା । ତଥାପି ବିଚିତ୍ରତା ଏଇୟା, ନିଜକୁ ଠକୁଥିବା ଲୋକ ବି ଏଠି ଖୁସି ରହିପାରନ୍ତି ।

ଆଜିକାଲିକା ପୁରସ୍କାର ପ୍ରସଙ୍ଗ ବି ଠିକ ସେମିତି । ବିନା ଧରାକରାରେ ପୁରସ୍କାର ପାଇବାରେ ଯେଉଁ ଆତ୍ମତୃପ୍ତି, ଆତ୍ମ ସନ୍ତୋଷ, ଆନନ୍ଦ ଥାଏ, ଧରାକରା ପୁରସ୍କାର ହାତେଇବାରେ ଆଦୌ ନ ଥାଏ । ଧରା ନ ପଡ଼ିବା ପର୍ଯ୍ୟନ୍ତ ସାଧୁ, କଥା ଉକ୍ତିଟି ସଦା ଲାଗୁଥାଏ ଅନ୍ୟ ପାଇଁ । ନିଜ ପାଇଁ ନୁହେଁ । ଭିତରେ ଭିତରେ ଚୋରି କରି ଧରା ପଡୁ ନ ଥିବା ବ୍ୟକ୍ତି ସମାଜ ଆଖିରେ ସିନା ଭଦ୍ର ଥାଆନ୍ତି ( ଧରା ପଡ଼ି ନ ଥିବା କାରଣରୁ ), ହେଲେ ସେ ନିଜେ କେବେ ଭାବନ୍ତି କି ସେ ଚୋରି କରୁଛନ୍ତି ବୋଲି? ଯେଉଁ ଦିନ ଭାବିବେ, ସେ ଦିନ ହିଁ ସେ ବଦଳିଯିବେ । ଆଉ ଦେଶରେ କେତେ ସଚ୍ଚୋଟ ମୁଣ୍ଡ ଟେକିବେ । ଏବଂ ସାଧୁତାରେ ଯୋଗ୍ୟତମର ଉଦବର୍ତ୍ତନ କଥାର ପ୍ରାସଙ୍ଗିକତା ଅନୁଭୂତ ହେବ । ଅସାଧୁ କାରବାରରେ କଦାପି ନୁହେଁ । ମଞ୍ଚ ପଛରେ ପୁରସ୍କାର ପାଇବା ପାଇଁ ଅର୍ଥ ଗଣି ମଞ୍ଚ ସାମ୍ନାରେ ପୁରସ୍କାର ହାତେଇବା ଅସୁନ୍ଦର କଥା । ହେଲେ ଏବେ ଏହାକୁ ସମ୍ମାନଜନକ ମନେକରୁଛନ୍ତି ନାଁ' ବିକଳିଆମାନେ । ଯେମିତି ଅନ୍ଧର ନାଁ ପଦ୍ମଲୋଚନ ଭଳି । ଏବେ ଗଣିତ ପାଠର ଶୂନ୍ୟ ସେଟର ଉଦାହରଣ ଅନେକ ସ୍ଥାନରେ ଆଜି ଅନୁଭୂତ ହେଉଛି । ଶୂନ୍ୟ ସେଟର ଉଦାହରଣ 5,5 ନୁହେଁ । ଗାଣିତିକ ଭାଷାରେ 5 # 5. ତେବେ 5,5 ନୁହେଁ କହିବା ଯାହା ବିରୋଧାଭାସ ଥାଇ ଉଦାହରଣୀୟ ହେବା ତାହା । ଗଳାବାଟ ଦେଇ ଯୋଗ୍ୟ ବିବେଚିତ ହେବା ଶୂନ୍ୟ ସେଟ ସହ ସମାନ । ଆଜିର ଦିନରେ ଚୋର, ମୁଁ ଚୋର ନୁହେଁ କହିବା ଶୂନ୍ୟ ସେଟର ଏକ ସୁନ୍ଦର ଉଦାହରଣ ନିଶ୍ଚୟ ।

ଏବେ ବି ଆମ ସମାଜରେ ଭଲ ଲୋକ ଅଛନ୍ତି ନିଶ୍ଚୟ । ସେମାନେ ନିଜକୁ ଭଲ ବୋଲି କେବେ ଢେଙ୍ଗୁରା ବଜାଇ ଜଣେଇ ହୁଅନ୍ତି ନାହିଁ । ସତ ସବୁବେଳେ ତା ସ୍ଥାନରେ ଥିଲା ଭଳି ଭଲ ଲୋକ ଥାଆନ୍ତି ତାଙ୍କ ସ୍ଥାନରେ। ଭଲ ଲୋକ ସାଧାରଣତଃ ସ୍ୱାଭିମାନୀ । ମାଲିସ ସାଲିସରେ ନ ଥାନ୍ତି କେବେ । ଧରାକରା ଧାରାଠୁ ଦୂରରେ ଥାଆନ୍ତି । ଭଲ ଲୋକ ମାଟି ଓ ଆକାଶ ମଧ୍ୟରେ ରହିଥିବା ଅଦୃଶ୍ୟ ସ୍ତମ୍ଭ ସଦୃଶ । ଏମାନଙ୍କ ଯୋଗୁଁ ଆକାଶ ଯେମିତି ଖସି ପଡୁ ନାହିଁ ।

ଏମାନଙ୍କୁ ଦେଖିବା ପାଇଁ ଭଲ ଦୃଷ୍ଟିଭଙ୍ଗୀ ଦରକାର । ଭଲ ଦୃଷ୍ଟି ଦରକାର । ଭଲ ଲୋକ କେବେ ହେଲେ ଖରାପ ଲୋକର ଦୃଷ୍ଟିରେ ଭଲ ନ ଥାନ୍ତି । ଖରାପ ଲୋକ, ଖରାପ ଲୋକଙ୍କୁ ହିଁ ପସନ୍ଦ କରେ । ଭଲକୁ ଖରାପ କହେ । ସୁତରାଂ,ଯିଏ ଯେମିତି ସେ ସେମିତି ଦୃଷ୍ଟିଭଙ୍ଗୀରେ ଦେଖେ । ଅନ୍ୟ ପ୍ରକାରେ, ଯିଏ ଯେମିତି, ତାର ଦୃଷ୍ଟି ସେମିତି । ସେଇଥିପାଇଁ ଧର୍ମରାଜ ଯୁଧିଷ୍ଠିରଙ୍କ ଆଖିରେ ସବୁ ଲୋକ ଭଲ ଲାଗିଥିଲେ । ଅଥଚ, ଦୁଷ୍ଟ ଦୁର୍ଯ୍ୟୋଧନ ଆଖିରେ ସଭିଏଁ ଦୁଷ୍ଟ ଥିଲେ । ଭଲ ଓ ମନ୍ଦ ଭିତରେ ଏହା ଏକ ସୁନ୍ଦର ଉଦାହରଣ ।

ଅତଏବ, ଭଲ ଲୋକଙ୍କୁ ଦେଖିବା ପାଇଁ ଭଲ ହୃଦୟ ଦରକାର, ଭଲ ମନ ଦରକାର, ସର୍ବୋପରି ଭଲ ମଣିଷଙ୍କ ବିଚାର ତଥା ଦୃଷ୍ଟିଭଙ୍ଗୀ ଦରକାର । ସତ ମଣିଷ ହିଁ ଭଲ ଲୋକଙ୍କୁ ଦେଖିପାରନ୍ତି, ଆବିଷ୍କାର କରିପାରନ୍ତି ନିଜ ପରିସରରେ, ହାତପାଆନ୍ତା ଇଲାକାରେ ।

■■■

ବଉଦରାଜ, ବୌଦ୍ଧ,
ମୋ : ୯୪୩୭୪୭୮୪୬୬

# ସାବତ ମାଆ

କୁଞ୍ଜ ବିହାରୀ ସାହୁ



ରୀତୁ ମା' ଛେଉଣ୍ଡ ହେଲାପରେ ବହେ କାନ୍ଦିଲା । ମନକୁ ବୁଝେଇଲା । ସେ ବଡ ହେଲାପରେ ଅନୁଭବିଲା ମା ଛେଉଣ୍ଡ ହେବାରେ ଦୁଃଖ କ'ଣ ?

ମୋବାଇଲ ବାଜିଲା । ତା ରିଂ ଟୋନ୍ ' ସବୁଥିରୁ ବଂଚିତ କରି କେଉଁ ଯଶବାନା ଉଡାଇବ ହେ....' ଫୋନ୍ ଉଠାଇଲା । ଏକ ଅଜଣା ନାରୀର କଣ୍ଠ ସ୍ୱର । ରମା ବାବୁ ଘରେ ଅଛନ୍ତି ? ବାଧେହୁଏ ସାଇଟକୁ ଯାଇଥିବେ କାମ ଦେଖିବାକୁ । KIA କଂପାନୀର ନୂଆ ଗାଡିରେ ବସି ଯାଇଥିବେ । ଗାଡିଟି ଦେଖିବାକୁ ବହୁତ ଭଲ । ଆଖି ଦୃଶିଆ । ମୁଁ ସେଥିରେ ବସିଛି । ଗାଡି କିଣିଲାବେଳେ ମୋ ସହ ଦେଖାହେଇଥିଲା । ଆମ କଂପାନୀରୁ ସବୁ ସୁବିଧା ମୁଁ ଦେଇଥିଲି । ଯା ପୂର୍ବରୁ ହୁଣ୍ଡାଇ କଂପାନୀର i 20 ରେ ମୁଁ ଅନେକ ଥର ବସିଛି । ସାଇଟ୍ ଦେଖିବାକୁ କହି ମୋତେ ବହୁତ ରୋମାଣ୍ଟିକ ଏରିଆ ବୁଲେଇଛନ୍ତି । ଭଲ, ଶାନ୍ତ ସୁଧାର ମଣିଷଟେ । ତାଙ୍କର ପତ୍ନୀଙ୍କର ଅବେଳରେ ବିୟୋଗ ଘଟିଲା ପରେ ସେ ଦୁଃଖୀ ଜଣାପଡୁଥିଲେ । ଘରେ ଗୋଟିଏ ଝିଅ । ଦେଖାଶୁଣା କରିବାକୁ ପାଖରେ କେହି ନାହାନ୍ତି ......ଏମିତି ଗୁଡାଏ ତୁଡାଏ ଗପିଲା ବେଳେ ମୁଁ ତାଙ୍କୁ ଆଶ୍ୱାସନା ଦେଉଥିଲି । ଏମିତି ସରଳ ସ୍ୱଭାବର ମଣିଷ ଏ ଦୁନିଆରେ ଅଛନ୍ତି ବୋଲି ମୁଁ ବିଶ୍ୱାସ ରଖିଥିଲି । ମୋତେ କହିଲାବେଳକୁ ତାଙ୍କ ଆଖି ଲୁହରେ ଭିଜିଯାଉଥିଲା ।"

- ନା ବାପା ନାହାଁନ୍ତି । ସେ ସାଇଟକୁ ଯାଇଛନ୍ତି । ଫେରୁ ଫେରୁ ଦୁଇଟା ତିନିଟା ହେଇପାରେ । ରୀତୁ ଉତ୍ତର ଦେଲା ସନ୍ତ୍ରବ ସହକାରେ ।

ବୋଧହୁଏ network ପାଇଲାନି । call disconnect ହେଇଗଲା ।

ବନାନୀ ନିଶ୍ଚିନ୍ତ ହେଇଗଲେ ..ୟେ ହେଉଛି ରମାବାବୁଙ୍କ ଝିଅ ରୀତୁ । ବୋଧହୁଏ ନେଟ୍ ପ୍ରବ୍ଲେମ ଯୋଗୁଁ ଅଧିକା କଥା ହୋଇପାରିଲେନି ବନାନୀ ।

ରୀତୁ ମନକୁମନ ଏଣେତେଣେ ଭାବିଲା । ରୋଷେଇ ଡେରି ହେଇଯିବ । ବାପା ଆସିଲେ ଖାଇବେ । ତରତର ହୋଇ ରୋଷେଇ ସାରିଦେଲା ।

ବାପା ଆସିବାକୁ ଅଧଘଣ୍ଟାଏ / ଚାଳିଶ ମିନିଟ୍ ଲାଗିପାରେ । ହଁ ଆସନ୍ତୁ, ଏକାଠି ଖାଇବା । ମାଆ ଚାଲିଯିବା ପରଠୁ ବାପା ମୋ ସାଥିରେ ହିଁ ଖାଇବେ । ମୋତେ ଗପ କହି କହି ଶୁଆଇଦେବେ । ନୂଆ ନୂଆ ବହି ଆଣିଦେବେ ପଢିବାପାଇଁ ।

ରୀତୁ ରୋଷେଇ କାମ ଶେଷ କରି ଗପବହି ପଢିଲା । ଗପରେ ଶୀର୍ଷକ ଥିଲା 'ସାବତ ମା' । ମନଦେଇ ବହିଟିକୁ ପଢିଲା । କେତେ ସୁନ୍ଦର ଭାବରେ ଲେଖାହେଇଛି ଗପଟି । ଗାଳ୍ପିକ ସାବତ ମା'ର ମାତୃତ୍ୱକୁ ସରଳ, ସାବଲୀଳ ଢଙ୍ଗରେ ବର୍ଣ୍ଣନା କରିଛନ୍ତି । ଯେଉଁଠି ମାଆପଣିଆ ଥାଏ, ସେଇଠି ମା ଓ ସାବତ ମା' ମଧ୍ୟରେ କିଛି ଫରକ ନଥାଏ ।

ହଠାତ୍ ରୀତୁ ମନରେ ଆଶା-ଆଶଙ୍କା ଦେଖାଗଲା । ସେ ଅନେକଦିନ ହେଲା ଜାଣିପାରିଛି ଯେ ତା ବାପା ଅନ୍ୟମନସ୍କ ରହୁଛନ୍ତି । ବେଳେ ବେଳେ ରୋମାଣ୍ଟିକ ରୋମାଣ୍ଟିକ ହୋଇପଡୁଛନ୍ତି । ବାପା ସିନା ଶୀଘ୍ର ବାହା ହେଇଗଲେ ବୋଲି ମୁଁ ଆଗ ଜନ୍ମ ହେଇଗଲି । ମୋ ଜନ୍ମବେଳେ ମା'ର ଦେହ ଅସୁସ୍ଥ ରହୁଥିବାରୁ ବାପା ଦ୍ୱିତୀୟ ସନ୍ତାନ ପାଇଁ ରାଜି ହେଲେନି । ଡାକ୍ତର କୁଆଡେ ମନା କରିଦେଇଥିଲେ ଏଥିପାଇଁ. । ଗୋଟିଏ ଆଖି ଆଖି ନୁହଁ/ ଗୋଟିଏ ସାକ୍ଷୀ ସାକ୍ଷୀ ନୁହଁ ବୋଲି ବାପା ଜାଣିଥିଲେ ବି ସବୁ ଦୁଃଖକୁ ଆଦରି ନେଉଥିଲେ । ମା' ଙ୍କୁ ଭଲରେ

ରଖିବାପାଇଁ ସେବା କରି ଆସୁଥିଲେ । ପୁରୁଣା ଗାଡି ଥିଲାବେଳେ ଜଣେ ଆଣ୍ଟି ଆସି ଆମକୁ ସହଯୋଗ, ସହାନୁଭୁତି ଦେଖାଉଥିଲେ । ମୋ ମା' ପାଖେ ପାଖେ ବସୁଥିଲେ । ଆଶ୍ୱାସନା ଦେଉଥିଲେ । ସତେ ଯେମିତି ମୋ ମା' ର ସାନ ଭଉଣୀଟେ । ମୋ ବାପାଙ୍କ ଆଖିରେ ଲୁହ ଦେଖି ସେ ବି ଭିତରେ ଭିତରେ କାନ୍ଦି ପକଉଥିଲେ । ମୁଁ କାଳେ ବେଶି କାନ୍ଦିବି, ସେଇଥିପାଇଁ ମୋ ପାଖେ ପାଖେ ଅଧିକାଂଶ ସମୟ ରହୁଥିଲେ । ଦେଖିବାକୁ ମୋ ମାଆ ପରିକା ନ ହେଲେ ବି ତାଙ୍କର କଥାବାର୍ତ୍ତା, ଚାଲିଚଳନ, ଆଚରଣ ମୋ ମା'ଠୁ କମ୍ ନଥିଲା ।

ରୀତୁ ପୁଣି ଭାବିଲା ତେବେ ଆଜି ଯିଏ ଫୋନ କରୁଥିଲେ ସିଏ ନୁହେଁ ତ ?

"ସାବତ ମା' ଗପଟିକୁ ପୁଣି ମନେ ପକାଇଲା । ଗପ ପଢି ଅନୁଭବିପାରୁଥିଲା ଯେ ସାବତ ମା' ସ୍ଥାନ-କାଳ ଅନୁଯାୟୀ ନିଜର ଭୂମିକା ତୁଲାଇଥାଏ । ସେ ସନ୍ତାନକୁ ଭଲ ପାଇପାଏ ଅକୁଣ୍ଠ ଚିତ୍ତରେ । ତା ସ୍ତନର କ୍ଷୀର ଦେଇ ନପାରିଲେ ବି ତା ଛାତିର ଉଷ୍ମତା ଦେଇଜାଣେ । ସେଥିପାଇଁ ତ ସେ ଅନନ୍ୟା । କଲେଜ ପାଠୁଆ ପିଲା ପରି ଅନୁଶୀଳନ କଲା ରୀତୁ । ସାବତ ମା' ପ୍ରତି ଏ ଦୁନିଆର ଲୋକମାନଙ୍କ ନକାରତ୍ମକ ଚିନ୍ତାଧାରାକୁ ଘୃଣା କଲା । ନାରୀ ଯେ ନାରୀର ସବୁବେଳେ ବଇରୀ, ତା ନୁହେଁ । ସମୟେ ସମୟେ ଅସଜଡା ପରିସ୍ଥିତି / ପରିବେଶ ଗୋଟିଏ ଅସହାୟ ନାରୀକୁ ସାବତ ମା' ବନେଇଦିଏ । କିନ୍ତୁ ତା' ରି ମନ ଭିତରେ ଖୁନ୍ଦିଦିଏ ପାଳନ କରୁଥିବା ପିଲାପ୍ରତି ଅଜସ୍ର ସ୍ନେହ, ଆଦର । ସେ ନାରୀର ତ ଜୀବନ ଅଛି । ଦେହ-ମନ ଅଛି । ଅସମୟରେ ଯଦି ମନର ମଣିଷଟେ ପାଇଯାଏ ଖୁସି ହେବନି କେମିତି ? ନାରୀଟିଏ ଯେତେବେଳେ ମା' ର ଭୂମିକା ତୁଲାଇଥାଏ ତା'ର ଜନ୍ମ ସାର୍ଥକ ହୁଏ। ସ୍ତନରୁ କ୍ଷୀର ନ ଦେଇପାରିଲେ ବି ଦେହର ରକ୍ତ ଦେଇପାରିବ । ନିଜ ପାଳିତ ପିଲାଙ୍କୁ ମଣିଷ କରି ସମାଜରେ ଉଦାହରଣଟିଏ ତିଆରି କରିପାରିବ ।

ଅନେକ ଗୁଡିଏ ସାବତ ମା' ର ଭାଷା ବୁଝି ବୁଝି ନିଜକୁ ନିଜେ ପ୍ରଶ୍ନ ପଚାରିଲା - ତା' ହେଲେ ବାପା ଯେଉଁ ବନାନୀ କଥା କହୁଥିଲେ , ଇଏ ସେ ଆଣ୍ଟି କି ? ମୋର ସାବତ ମା' ହେବେ କି ? ମୋତେ ଲାଳନ ପାଳନ କରିବେ କି ? ମୋତେ ନୂଆ ନୂଆ ଗପ କହି, ରକମ ରକମ ବ୍ୟଞ୍ଜନ ବାଢିଦେବେ କି ? ମୋ ମା' ଯାହା କରୁଥିଲା ତାହା ହିଁ କରିବେ କି ? ମୁଁ ହେତୁ ପାଇବା ଦିନଠୁ ସବୁ କିଛି ବୁଝିପାରୁଛି । ମୋ ବାପା, ମୋ ଘରର ଛାତ ହୋଇ ମୋତେ ଯତ୍ନ ନେଉଛନ୍ତି । ମୁଁ ନ ଖାଇଲେ ସେ ଖାଉନାହାନ୍ତି । ମୁଁ ରୁଷିଲେ ସେ ମନମାରି ବସୁଛନ୍ତି । ମୋ ଦେହ ଅସୁସ୍ଥ ହେଲେ ଡାକ୍ତର ଡାକି ଔଷଧ ଦେଉଛନ୍ତି । ମୋ ମୁଣ୍ଡ-ହାତ-ଗୋଡ ଘଷି ଦେଉଛନ୍ତି । ଯେତେ କାମ ଥିଲେ ବି ମୋ ପାଖେ ପାଖେ ରହୁଛନ୍ତି । ବେଶି ବାଟ ଯିବାକୁ ହେଲେ କି ଆସୁ ଅସୁ ଡେରି ହେଲେ ପଡୋଶୀ ମାଉସୀଙ୍କୁ ଜିମା ଦେଇ ଯାଉଛନ୍ତି । ସେ ଜାଣିଛନ୍ତି ମୁଁ ତାଙ୍କର ଗେହ୍ଲା ଝିଅ । ତାଙ୍କର ରତ୍ନଟିଏ । ମନକୁ ମନ ଗପିଲା ରୀତୁ ।

ଯାହାହେଉ, ଆଜି ଭଲ ଖବରଟିଏ ବାପାଙ୍କୁ ଦେବି ।

ଗପଟି ପଢିସାରି ଥାକରେ ଥୋଇଦେଲା ବହିଟି । କଭର ପେଜକୁ ଆଉଁଷିଦେଲା ଖୁସିରେ ।

ଟିକିଏ ନିରବରେ ବସିଲା ରୀତୁ ।

ମୋବାଇଲା ବାଜିଲା । ସେହି ରିଁ ଟୋନ୍ ......ଏଥରକ ଏ ରିଂ ଟୋନ କାହିଁକି କେଜାଣି ଭଲ ଲାଗିଲାନି । ଟ୍ରୁ କଲର ଦେଖି ଜାଣିପାରିଲା ଯେ ଇଏ ତାହାହେଲେ ସେହି ଆଣ୍ଟି ବନାନୀ ସାମନ୍ତରାୟ । ବାପା ଯାହାଙ୍କ ବିଷୟରେ ମୋତେ କହୁଥିଲେ । ଯିଏ ମା ମେ ମା' ଙ୍କ ପାଖରେ ବସି ସେବା କରୁଥିଲେ । କଣ୍ଠସ୍ୱରରୁ ଜାଣିପାରିଲା ରୀତୁ ସହଜରେ ।

- ବନାନୀ ଆଣ୍ଟି କହୁଛନ୍ତି ! ଆଣ୍ଟି ନମସ୍କାର । କୁହନ୍ତୁ । ବାପା ଏବେ ଆସୁଛନ୍ତି । ୧୫-୨୦ ମିନିଟ ପରେ ପହଞ୍ଚିବେ । ମୋର ରୋଷେଇ ସରିଯାଇଛି । ସେ ଆସିଲେ ଆମେ ଦୁହେଁ ଏକାଠି ଖାଇବୁ । ହଁ ଆଣ୍ଟି, ଆମ ଘରକୁ ଆସିବେ । ଦେଖିବାକୁ ଇଛା ହେଉଛି । ମା' ନାହିଁ ବୋଲି ମୁଁ ଏକୁଟିଆ ହେଇଯାଉଛି । ଆସିଲେ ଗପସପ କରିବା । ଘରଟା ପୂରିଲା ପୂରିଲା ଲାଗିବ । ଆଜି ଆସିବେ ଆଣ୍ଟି ?

ରୀତୁ ଟେଲିଫୋନରେ ଉତ୍ତର ଦେଲା ।

ବନାନୀ ଆଣ୍ଟି ସମ୍ବୋଧନରେ ସାମାନ୍ୟ ଚକିତ ହେଲେ । ସେ ଜାଣିଥିଲେ ତାଙ୍କର ବି ଗୋଟେ ମନ ଅଛି । ସ୍ୱାମୀ ସଭିଏଁ ସୁଖ କ'ଣ ଜାଣିବା ଆଗରୁ ଜୀବନର ବିପରୀତ ମୋଡରେ ସେ ରହିଗଲେ । ଦେହସାରା ଯେମିତି ଯୌବନ ଛଳଛଳ ନଈପରି ବୋହିଚାଲିଛି । ଛାତିରେ ଉନ୍ମାଦ । ସମ୍ଭାଳି ହେଉନି ନିଜକୁ । ପ୍ରାଇଭେଟ୍ କମ୍ପାନୀରେ କେତେ

ଲୋକଙ୍କ ଲୋଭିଲା ଆଖି ତାଙ୍କ ଦେହରେ ଶର ପରି ଗଳିଯାଉଛି । ସବୁ ଦୃଷ୍ଟିରୁ ଭାବିଲେ ରମାକାନ୍ତ ବାବୁ ହିଁ ମୋ ଜୀବନର ଉପଯୁକ୍ତ ମଣିଷଟିଏ ।

ଆଣ୍ଟିଙ୍କର ଅଳ୍ପ କେଇ ମିନିଟର ନିରବ ପରେ ରୀତୁ ପୁଣି ପଚାରିଲା - ଆଣ୍ଟି ନିଶ୍ଚୟ ଆସିବେ ।

ବନାନୀ ପ୍ରକୃତିସ୍ଥ ହୋଇ କହିପକେଇଲେ - ହ...ଉ...

ଗାଡିର ହର୍ଣ୍ଣ ବାଜିଲା । ବାପା ଆସିଗଲେ ବୋଧହୁଏ ! ଦୁଆର ଖୋଲିଲା ରୀତୁ ।

ବାପାଙ୍କ ହାତ ଧରି ଘର ଭିତରକୁ ନେଇଗଲା ଗେହ୍ଲା ଝିଅ ରୀତୁ । କ'ଣ ଗୋଟେ ପାଇଗଲା ବୋଧହୁଏ, ଖୁସିରେ ନାଚିଗଲା । କହିଲା - 'ବାପା...ବାପା...ବନାନୀ ଆଣ୍ଟି ଫୋନ୍ କରିଥିଲେ । ସେ ଆମ ଘରକୁ ଆସିବେ ! ତୁମେ ଥରେ ଫୋନ କରି ଡାକୁନ । ସେ ବଢିଆ ଆଣ୍ଟି । ମୋ ମା' ନାହିଁ । ସେ ମୋ ମା' ପରି ମୋତେ ଗେଲ କରିବେ । ମୋତେ ଗପ କହି କହି ଶୁଆଇଦେବେ । ତୁମକୁ ବି ଘର କାମରେ ସାହାଯ୍ୟ କରିବେ ।'

ରୀତୁର ବାପା ଥତମତ ହୋଇ କିଛି ସମୟ ବସିପଡିଲେ । ଟିକେ ହାଲକା ନିଃଶ୍ବାସ ମାରି କହିପକେଇଲେ - ପାଗେଲିଟେ । ଏକ ମନଖୋଲା ହସି ହସି ରୀତୁକୁ ଡାକିଲେ- ଆ ଆ ଖାଇଦେବା ।

ବାପ ଝିଅ ଏକାଠି ଖାଇବସିଲେ ।

ଶୋଇବା ଘରେ ଟିକେ ଗଡପଡ ହେଉଥାନ୍ତି ରମାବାବୁ । ଦାଣ୍ଡ ଘରେ ଟି.ଭି.ଦେଖିଲା ରୀତୁ । ପ୍ରାୟ ଘଣ୍ଟାକ ପରେ ଦାଣ୍ଡ ପିଣ୍ଡାରେ ଗାଡିର ହର୍ଣ୍ଣ ଶୁଭିଲା । କଲିଂ ବେଲ୍ ଶୁଣି କବାଟ ଖୋଲିଲା ରୀତୁ । ଜଣେ ଭଦ୍ର ମହିଳାଙ୍କୁ ଦେଖି ରୀତୁ ଚମକି ପଡି ପ୍ରଶ୍ନ କଲା - ଆପଣ କାହାକୁ ଖୋଜୁଛନ୍ତି । କୋଉଠୁ ଆସିଛନ୍ତି ?

ଭଦ୍ରମହିଳାଙ୍କ ସୁନ୍ଦର ଚେହେରା ଦେଖି ନିଜକୁ ଧନ୍ୟ ମନେକରୁଥିଲା ରୀତୁ । ତେବେ ଆମ ଘରକୁ କାହିଁକି ଆସିଛନ୍ତି ଜାଣିବା ଅଗରୁ ଭଦ୍ର ମହିଳା ଜଣଙ୍କ ନିଜ ଆଡୁ କହିପକେଇଲେ - ତୁ ବୋଧହୁଏ ରମାବାବୁଙ୍କ ଝିଅ- ରୀତୁ ! କେତେ ମାସ ତଳେ ଦେଖିଥିଲି । ଏବେ ବଡ ହେଇଗଲୁଣି । ତୋର ଗୋଲ ଗୋଲ ଆଖି ଦିଇଟା ଏବେ ମନେ ପଡୁଛି । ତୋ ମା'ର ଦେହ ଅସୁସ୍ଥ ଥିଲାବେଳେ ମୁଁ ଅନେକଥର ଆସିଛି । ତୋ ସହ ସକାଳେ ମୋବାଇଲରେ କଥା ହେଉଥିଲି ! ଘରକୁ ଆସିବାକୁ କହିଥିଲୁ । ମୋତେ ବହୁତ ଦିନ ପରେ ଦେଖୁଛୁ ତ ହଠାତ୍ ଜାଣିପାରୁନୁ । ମୁଁ ତୋ....

ଆଣ୍ଟି ନମସ୍କାର । ଓହୋ ମୁଁ କେଡେ ବୋକିଟେ ଯେ ! ଆଣ୍ଟିକୁ ଘର ଭିତରକୁ ନ ଡାକି ଦାଣ୍ଡରେ ଗପୁଛି ।

ଆସନ୍ତୁ....ଆସନ୍ତୁ କହି ବନାନୀ ଆଣ୍ଟିକୁ ଘରଭିତରକୁ ନେଇଗଲା ରୀତୁ ।

ବନାନୀ ଦାଣ୍ଡ ଘର ସୋଫାରେ ବସୁ ବସୁ ରୀତୁ ତାଙ୍କ ହାତ ଧରି କହିଲା - ଆଣ୍ଟି ଏଇଟାତ ଆପଣଙ୍କ ଘର । ବେଡ ରୁମକୁ ଆସନ୍ତୁ । ବାପା ଟିକେ ରେଷ୍ଟ ନେଉଛନ୍ତି । କିଛି ଅସୁବିଧା ନାହିଁ ।

ବେଡ ରୁମରେ ରମାବାବୁଙ୍କୁ ଦେଖି ବନାନୀଙ୍କ ଛାତିରେ ଶିହରଣ ଖେଳିଗଲା । ମନେ ମନେ ଭାବୁଥିଲେ ଆଜି ଯଦି ପାଖରେ ରୀତୁ ନଥାନ୍ତା ତେବେ ରମାବାବୁଙ୍କ ଖୋଲାଦେହଟିକୁ ଗେଲ କରିଥାନ୍ତି । ଗଜୁରି ଉଠୁଥିବା କୁଆଁରୀ ସ୍ତନ ପରି ତାଙ୍କର ମାଉଁସିଆ ସ୍ତନ ଦୁଇଟାରେ ଚିପ ମାରିଥାନ୍ତି । ସେ ମୋ ଅଲକ୍ଷ୍ୟରେ ଅନେକ ଥର ମୋ ଦେହକୁ ଧରି ମଜା କରିଛନ୍ତି....

ନିଦ ଭାଙ୍ଗିଗଲା ରମାବାବୁଙ୍କର । ବନାନୀକୁ ଦେଖି ଚମକି ପଡିଲେ । କଅଣ କହିବେ ନ କହିବେ ଭାବି କହିଲେ - କେତେବେଳେ ?? ବନାନୀ କହିବା ଆଗରୁ ରୀତୁ କହିଦେଲା, ହଁ ଦଶ ପନ୍ଦର ମିନିଟ୍ ହେବ । ତୁମେ ଶୋଇଥିଲ ତ । ରୀତୁକୁ କହିଲେ - ଦି କପ୍ ଚାହା କର । ଘରକୁ ପରା ଗେଷ୍ଟ ଆସିଛନ୍ତି ।

ହଁ ବାପା ଯାଉଛି....ଯାଉଛି ।

ରୀତୁ ରୋଷେଇ ଘରକୁ ଯାଇ ସକାଳୁ ଆଣିଥିବା ପ୍ରଗତି କ୍ଷୀର ଗରମ କଲା । କେଇ ମିନିଟର ବ୍ୟବାଧାନରେ ରମାବାବୁ ବନାନୀର ଓଠରେ ସରୁ ଚୁମ୍ବନଟିଏ ଦେଲେ ।

ରୀତୁ ରହିଯାଆ...ମୁଁ ଅଛି । ତୁ କ'ଣ ଚାହା କରିବୁ ! ଏହା କହି ବନାନୀ ରୋଷେଇ ଘରକୁ ଯାଇ ଦି କପ୍ ତିଆରିଲେ । ତାପରେ ଚାହା ପିଆପିଇର ପର୍ବ ଆରମ୍ଭ ହେଲା । ରୀତୁ ମିକଶ୍ଚର -ବିସ୍କୁଟ ଖାଇଲା ।

ତାଆରି ଭିତରେ ଚାଲିଲା ଅନେକ କଥା ।

ରୀତୁକୁ ତା ବାପା କହିଲେ - ଜାଣିଛୁ ଝିଅ, ତୋ ବନାନୀ ଆଣ୍ଟି ବହୁତ ଭଲ । ସବୁବେଳେ ତୋଅରି କଥା, ତୋ ମା' କଥା ପଚାରନ୍ତି । ଗରିବ ବୋଲି କଂପାନୀରେ କାମ କରୁଛନ୍ତି । ସମସ୍ତଙ୍କୁ ସାହାଯ୍ୟ କରନ୍ତି । ତୁ ତ ଏକୁଟିଆ ହେଇଯାଉଛୁ । ଯଦି ତୋ ଆଣ୍ଟି ଆମ ଘରକୁ ଆସନ୍ତେ ଭଲ ହେବ ନା । ତୋ କଥା ବୁଝିଥାନ୍ତେ ।

ବାପା - ଏଇଟା ତ ଭଲ କଥା । ସେ ମୋର ଆଣ୍ଟି ହେଇ ରହିବେନି । ମୋ ମା ହେଇ ରହିବେ । ମୁଁ ପିଲାବେଳେ ଦେଖିଛି । ଭଲଭାବରେ ଜାଣି ନଥିଲି । ମୋବାଇଲରେ କଥା ହେଲାବେଳେ ଜାଣିପାରିଲି ବହୁତ ଭଲ ବୋଲି । ମୋ ମା ପରି ସ୍ନେହୀ ମଣିଷଟେ । ମୁଁ ମୋ ମା ବଦଳରେ ଆଉ ଗୋଟିଏ ମା ପାଇଛି । ଆଜିଠୁ ଆଣ୍ଟିକୁ ମା ବୋଲି ଡାକିବି ।

କ୍ଷଣିକ ନିରବ ରହି ଗପଟିକୁ ମନେ ପକାଇଲା । ଇଏ କ'ଣ ସେ ସାବତ ମା !

ଆରେ ରୀତୁ କ''ଣ ଭାବୁଛୁ କି ?

ନା ବାପା..ନା...ଆଣ୍ଟି ଆମ ଘରେ ରହିବେ । କୁଆଡେ ଯିବେନି ।

ବନାନୀ ମନେ ମନେ ଯାହା ଭାବୁଥିଲେ ପାଇଗଲା ପରି ଅନୁଭବ କଲେ ।

ଚାହା ପାନ ଶେଷ ପରି ବନାନୀ ଫେରିଯିବାକୁ ବାହାରିଲା ବେଳେ ରୀତୁ କାନି ଟାଣି କହିଲା - ମା ତୁମେ କୁଆଡେ ଯିବ । ତୁମକୁ ଆଉ ଛାଡିବିନି । ତୁମେ ସାବତ ମା' ହେଲେ ବି ମୁଁ ମୋ ମା' ବଦଳରେ ତୁମକୁ ପାଇଛି । ଆଜି ରାତିଟା ରହିଯାଅ । ରାତିସାରା ଗପିବା, ଖେଳିବା,କ୍ଷୀରି ପୁରି ଖାଇବା । କେତେ ମଜା କରିବା । ରାତି ପାହିଲେ ସାଥୀ ହୋଇ ତୁମ ଘରକୁ ଯିବି । ପୁଣି ସାଥି ହେଇ ଆମ ଘରକୁ ଫେରିଆସିବି ।

ବନାନୀ ତା ହେଲେ ଆମ ଘରେ ଆଜି ରହଯିବେ କି ରୀତୁ । ରୀତୁର ବାପା କହିଲେ ।

ହଁ..ହଁ..ବାପା । ରୀତୁ ଖୁସିରେ କହିଲା ।

ଏମିତିକା ସୁଯୋଗକୁ କିଏ ହାତଛଡା କରିବ । ବନାନୀ ମନେ ମନେ ଭାବି ଫିକ୍ କିନା ହସିଦେଲେ । ହଉ... ହଉ....ତୁମ ଦି ଜଣଙ୍କ କଥାକୁ ରଖିଲି । ଆଜି ରାତିକ ଏ ଘରେ କଟେଇଦେବି ।

ଗାଡିଟିକୁ ପାର୍ଟିକରେ ଥୋଇଦଇ ରମାବାବୁଙ୍କ ଘରେ ରାତ୍ରୀ ଯାପନ କଲେ । ରୀତୁକୁ ନିଜ ଝିଅପରି କୋଳେଇ ନେଲେ ବନାନୀ ।

ଝରକା ଭିତରକୁ ଜହ୍ନର ଆଲୁଅ ବିଛେଇ ପଡୁଥିଲା ।

ରୀତୁ ଅଜି ସାବତ ମା' ଟିଏ ପାଇଯାଇଛି..ଖୁସିରେ ବିଭୋର ହୋଇଉଠିଲା । ରମାବାବୁ ବି ବନାନୀର ଆଖିକୁ ଚାହିଁ ରହି ଅନେକ କିଛି ଭାବୁଥିଲେ ।

■■■

ଏଲ୍. ଆଇ. ଜି. -୧୫, ନୟାପଲ୍ଲୀ ବ୍ରିଟ୍ କଲୋନୀ
ଭୁବନେଶ୍ୱର
ମୋ - ୯୪୩୭୯୨୯୮୭୯



## ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର
## ସାହିତ୍ୟ, ସାହିତ୍ୟିକ ଏବଂ ସାହିତ୍ୟ ସଂଗଠନ ବିଷୟରେ
## ନବୀନ ପ୍ରବୀଣ ସାହିତ୍ୟ ସ୍ରଷ୍ଟାଙ୍କୁ ନେଇ YOUTUBE
## ମାଧ୍ୟମରେ ଏକ ସାକ୍ଷାତକାର କାର୍ଯ୍ୟକ୍ରମ

**ଆଲାପ**

ସାହିତ୍ୟ, ସାହିତ୍ୟିକ ଓ ସାହିତ୍ୟ ସଂଗଠନ

https://www.youtube.com/channel/UCP8TIAy8l8b-SBPaJWnCLKg

ଇପତ୍ରିକା
ନବମ ସଂଖ୍ୟା, ୧ ମାର୍ଚ୍ଚ ୨୦୨୩

# ପଦ୍ୟ ବିଭାଗ



# ବସନ୍ତ ଆସିଛି

ବିଦ୍ୟାଧର ଗୁରୁ





ବସନ୍ତ ଆସିଛି ଆମ୍ବ ବଉଳରେ
ମହମହ ବାସ୍ନା ଖେଳେ
କୋଇଲି ଗାଉଛି ସ୍ୱାଗତ ଗୀତିକା
ଆନନ୍ଦରେ ବୃକ୍ଷଡାଳେ ।
ଫୁଲ ଫୁଟିଲାଣି ବାଡ଼ି ବଗିଚାରେ
ସରାଗ ସାଉଁଟେ ଅଳି
ଉଛନ ମନରେ ଉଡ଼ି ବୁଲୁଥାଇ
କାହା କଥା ମନେ ଭାଳି !
ଶୀତ ଛାଡ଼ି ଛାଡ଼ି ଯାଇଛି ଧରାରୁ
ସାଥେ ନେଇ କେତେ ବ୍ୟଥା
ଆସିଛି ବସନ୍ତ ରଂଗଣୀ ଦୋଳିରେ
ଗାଇ ସୁମଧୁର ଗାଥା ।
ମଳୟ ପବନ କରେ ଆମୋଦିତ
ପୁଲକିତ ଦେହ ମନ
ନବପଲ୍ଲବରେ ଭରା ବୃକ୍ଷରାଜି
ସନ୍ତୋଷ ସବୁରି ପ୍ରାଣ ।
କେତକୀ, ତରାଟ, ମାଳତୀ, ସେବତୀ
ହସନ୍ତି ଥାଇ ଡାଳରେ
ଲାଗୁଛି ଯେମିତି ଆକାଶରେ ତାରା
ଖେଳନ୍ତି ଜହ୍ନ ସାଥିରେ ।

ମୟୁର ମୟୁରୀ ନାଚନ୍ତି ସରାଗେ
ବସନ୍ତର ଆଗମନେ
ଲହଡ଼ି ମାରୁଛି ଖୁସିର ପସରା
ପ୍ରୀତିପୁଷ୍ପ ଉପବନେ ।
ବସିଅଛି ହାଟ ସୋରିଷ ଫୁଲର
ନଈପଠା ଧାରେ ଧାରେ
ହୁଏ ଆନମନା ହଳଦୀ ବସନ୍ତ
ପ୍ରାଣପ୍ରିୟା ଖୋଜିବାରେ ।
ହସୁଛି ଧରଣୀ ହସେ ତରୁଲତା
ଆଗମନେ ବସନ୍ତର
ବାଢ଼ନ୍ତି ନୈବେଦ୍ୟ ହୃଦୟ ମନ୍ଦିରୁ
ଢାଳି ପ୍ରୀତି ଉପହାର ।
ଆସିଛି ବସନ୍ତ ଜାକ ଜମକରେ
ପ୍ରିୟା ଓଠୁ ନାଲି ନେଇ
ହେଉଥାଏ ମନ ସଦା ହାଇଁ ପାଇଁ
ଦେବା ପାଇଁ ଟିକେ ଛୁଇଁ ।
କ୍ରୁର ଶୀତ ଆଉ ଗ୍ରୀଷମ ମଧରେ
ବସନ୍ତ ହିଁ ସନ୍ଧିକ୍ଷଣ
ସୁଖର ଜୀବନ ଅଟେ କ୍ଷଣସ୍ଥାୟୀ
ଦୁଃଖଥାଏ ସବୁଦିନ ।
ଅଳପ ଦିନର ଅତିଥି ବସନ୍ତ
ଏଇ ଆସି ଚାଲିଯାଏ
ଥାଏ ଯେତେଦିନ ଏ ମହୀମଣ୍ଡଳେ
ସଭିଙ୍କର ମନ ମୋହେ ।

■■■

ୟୁନିଟ୍ -୯, ଭୁବନେଶ୍ୱର

# ଋତୁରାଜ ବସନ୍ତ

ଡ. ପ୍ରିୟମ୍ବଦା ସାମଲ



ଅତି ରସମୟ ବସନ୍ତ ସମୟ
ବିବିଧ ବର୍ଣ୍ଣାଳୀ ଧରି
ସୁବାସେ ମୋହିତ ବୃକ୍ଷ ସୁଶୋଭିତ
ଋତୁରାଜ ଅବତରୀ ।
ଚଳ ଚଞ୍ଚଳ ପ୍ରକୃତି ବୃକ୍ଷଲତା
ପରିବେଶ ଅପରୂପ
ମୃଦୁ ମଳୟର କାଉଁରୀ ସ୍ପର୍ଶରେ
ତନୁମନ ଉଲ୍ଲସିତ ।
ପ୍ରକୃତି ବିତରେ ପ୍ରେମରାଗ ସତେ
ହସି ଉଠେ ବସୁନ୍ଧରା
ନବ ଯଉବନେ ତରୁଲତା ହସେ
ମହ ମହ ବାସ୍ନା ଭରା ।
ପ୍ରେମର ରାଗିଣୀ ଗାଏ ଋତୁ ରାଜ
ଅଳସ ଭାଙ୍ଗେ ପତ୍ରରେ
ଆମ୍ବ ବକୁଳର ଭୁରୁ ଭୁରୁ ବାସ୍ନା
ତାର କାଉଁରୀ ସ୍ପର୍ଶରେ ।
ମଧୁମୟ ମିଠା ବାସ୍ନା ମନ କିଣେ
କୋଇଲିର କୁହୁ ସ୍ୱରେ
ଓଦା ଦୂର୍ବାଦଳ ନବ କିଶଳୟେ
ଆଶା ନବୀନ ବୃନ୍ତରେ ।
ନବ ଯଉବନ ତରୁଲତା ଶୋଭେ
ମଧୁପର ମଧୁ ପାନେ
କାମିନୀ କେତକୀ ମଲ୍ଲୀ ବାସ ଛୁଟେ
ଋତୁ ରାଜ ଆଗମନେ ।
ମନ୍ଦ ମଳୟର ସୁରଭି ଝୁଲାରେ
ଋତୁ ରାଜ ଉପନୀତ
ଫଗୁର ରଙ୍ଗରେ ସାତରଙ୍ଗ ନେଇ
ଫଗୁଣ ଗାଏ ସଙ୍ଗୀତ ।



■■■

ନନ୍ଦନ ବିହାର, ଭୁବନେଶ୍ୱର

# ବସନ୍ତ ରାସ

ସ୍ୱର୍ଣ୍ଣଲତା ମହାପାତ୍ର



ଫଗୁଣ ମେଲିଛି ସୁଖ ପସରା
ସୁରଭି ପଖଳା ସୁନେଲି ଖରା ।
ହଳଦିବସନ୍ତ, ଗାଉଛନ୍ତି ପିକ
ବସନ୍ତର ଆଗମନୀ,
ମାଧବୀ,ମାଳତୀ, ମଲ୍ଲି ମହକରେ
ବାସୁଛି ଧରଣୀ ରାଣୀ ।



ରୋମାଞ୍ଚିତ ଭରା ପୁନେଇ ଜହ୍ନ
ପ୍ରେମରେ ଭିଜାଏ ମନ -କାନନ ।
ପ୍ରେମ ହିଁ ଅମ୍ଳାନ, ପ୍ରେମ ଦୀପ୍ତିମନ୍ତ,
ପ୍ରେମ ସୁମଧୁର ବାସ
ପ୍ରେମର ରଙ୍ଗରେ ରଙ୍ଗେଇ ଦେବାକୁ
କୃଷ୍ଣ ରଚିଥାନ୍ତି ରାସ ।

କି ସୁନ୍ଦର ଦିଶେ ଦୋଳ ବିମାନ
ତହିଁରେ ବିଜେ ଶ୍ରୀ ନନ୍ଦନନ୍ଦନ ।
ଭାବ ପ୍ରଣୟରେ ସର୍ବାଙ୍ଗ ସଜେଇ
ବିମାନେ ଆସନ୍ତି ଝୁଲି
ବସନ୍ତ ବିଳାସେ ରଙ୍ଗ ରୋଷଣୀରେ
ଫଗୁରେ ଦିଶନ୍ତି ନାଲି ।

ମହୁଆ ନିଶାରେ ପୀରତି ଝରେ
ମିଳନ ଆଶାରେ କଦମ୍ବ ମୂଳେ
ବୃଷଭାନୁ ଜେମା ରାଧିକା ସୁନ୍ଦରୀ
ଖେଳୁଛନ୍ତି ନାନା ରଙ୍ଗେ,
ହାତେ ପିଚକାରୀ ଅଙ୍ଗେ ରଙ୍ଗବୋଳି
ରଙ୍ଗିଆ କହ୍ନେଇ ସଙ୍ଗେ ।

■■■

ନୀଳାଦ୍ରୀ ବିହାର, ଭୁବନେଶ୍ୱର
ମୋ - ୯୦୪୦୬୮୮୦୧୨

# ରୂପସୀ ଋତୁ

ବାସନ୍ତୀ ବାରକ୍



ଧରା-ଅଗଣାରେ ଶୋଭାର ବିପଣି
କାନ୍ତିମୟ ରୂପକଳ୍ପ,
କମନୀୟ-ବିଭା  ରମଣୀୟ-ଆଭା
କବି-କଳ୍ପନା ବିକଳ୍ପ ।

ଅୟି-ପ୍ରକୃତିର   ରୂପ-ଆକୃତିରେ
କାନ୍ତିମୟ ବର୍ଣ୍ଣବିଭା,
ଆକାଶ ଅଙ୍ଗରେ ରଙ୍ଗର ରୋଶଣି
ଜହ୍ନ-ଜୋଛନାର ପ୍ରଭା ।

ସାଗର, ଅବନୀ,   ଅମ୍ବର,ବନାନୀ
ମଧୁଋତୁ-ବାସନ୍ତିକା,
ମଧୁ-ମକ୍ଷୀକାଙ୍କ   ମଧୁ-ଗୁଞ୍ଜନରେ
ପ୍ରଣୟର ପ୍ରହେଳିକା ।



ମନ-ଉପବନ   ରସାଳ କୁଞ୍ଜରେ
ଆମ୍ବ ବଉଳର ବାସ୍ନା,
ଫୁଲ-ଫଗୁଣର  ମଦନ-ବାଣରେ
ପ୍ରୀତି-ପ୍ରଣୟର ତୃଷ୍ଣା ।

କୋକିଳ-କଣ୍ଠର ମଧୁ-ମୂର୍ଚ୍ଛନାରେ
ବିମୋହିତ ଅନୁରାଗ,
ମଧୁ ମକ୍ଷୀକାଙ୍କ   ମଧୁ-ଗୁଞ୍ଜନରେ
ଅନ୍ତରଙ୍ଗ ଭାବାବେଗ ।

ମଧୁ-ମଳୟର  ପ୍ରୀତି-ଆଳୟରେ
ଚାରୁ ଚୋରା ଚଇତାଳି,
ତନୁ-ବଳୟର   ତନ୍ମୟ-ତୀର୍ଥରେ
ବସନ୍ତ-ରାସର ହୋଲି ।

■■■

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୭୭୭୩୫

# ଆମ୍ବ

ଶୁଭଶ୍ରୀ ସିଂ



ମହ ମହ ବାସନାରେ ପୁରି ଉଠେ ବନ
ନବ ପଲ୍ଲବର ଭରା ପ୍ରଥମ ଯୌବନ
ପଥିକ ପାଦ ଥପି ଲଭେ ସମ୍ମୋହନ
ସତେ କି ମର୍ତ୍ତେ ଉଭା ସ୍ଵଂୟ ଭଗବାନ
ଜାଣନ୍ତି ଜଗତେ ଜନେ ଅମୃତ ସେ ଆମ୍ୱ
ସବୁ ଫଳ ମଧ୍ୟେ ଶ୍ରେଷ୍ଠାସନ ତାର ନାମ
ଚେର ଠାରୁ ଅଗ ସବୁରେ ଥାଏ ମହତ୍ୱ
ପୂର୍ଣ୍ଣକୁମ୍ଭ ପାଇଁ ଲୋଡ ହୁଏ ଆମ୍ୱ ପତ୍ର
ଠାକୁର ପୂଜାରେ ବିଦ୍ୟମାନ ଶୁଭଦିନରେ
ଶୁଭ କର୍ମ ଶୁଭ ବେଳା ତା ବିନା ଅଧୁରା
ଆମ୍ୱକାଠେ ନିର୍ମିତ କେତେ ନିତ୍ୟ ବ୍ୟବହାର୍ଯ୍ୟ
ଆମ୍ୱ ବଉଳ ର ବାସେ ସମସ୍ତେ ଆକୃଷ୍ଟ
ସେହି ସୁସ୍ୱାଦୁ ଫଳ ପାଇ ସର୍ବେ ସନ୍ତୁଷ୍ଟ
ସ୍‌ବାଦ ପାଇଁ ସ୍ୱାସ୍ଥ୍ୟ ପାଇଁ ହିତକର ସେତ
କେଉଁ ପୂର୍ଣ୍ଣ ବଳେ ଆମ୍ୱ ଲଭେ ଶ୍ରେଷ୍ଠ ସ୍ଥାନ
ଦେବ ପୁଜା ପାଇଁ ହୁଏ ନିତ୍ୟ ପ୍ରୋୟଜନ
ଶୁଭ ତା ପତ୍ର, ଫୁଲ, ଫଳ ପୂର୍ଣ୍ୟ ଜୀବନ
ଦେବ କୃପାବଳେ ପାଏ ବିଭୁପାଦେ ସ୍ଥାନ ।



■■■

ଭୁବନେଶ୍ୱର
ମୋ - ୯୧୨୪୫୬୫୨୫୦

# ବସନ୍ତର ଆଗମନୀ

ବିନୋଦିନୀ ଗଉଡ଼



ବସନ୍ତ ଆସିଛି ଶିମିଳି ଫୁଲର
ପାଖୁଡ଼ାରେ ରଙ୍ଗ ଭରି
ପାଦପ ଦିଶୁଛି ସବୁଜ, ସୁନ୍ଦର
ନବ କିଶଳୟ ଧରି ।
ଚୋରା ଚଇତାଳି ତନୁମନ ଛୁଇଁ
ବହୁଅଛି ଥିରିଥିରି
କୋଇଲିର କୁହୁ ଆନମନା କରେ
ପ୍ରିୟ ମନେପଡ଼େ ଭାରି ।
ଦୋଳ ବିମାନରେ ଶ୍ରୀରାଧା ଗୋବିନ୍ଦ
ଖାଆନ୍ତି ଭୋଗ ଚାଟେରୀ
ଫଗୁ, ଅବିରରେ ହୋଲି ଖେଳ ହୁଏ
ହାତେ ଧରି ପିଚକାରୀ ।
କଳି ପାଶେ ଅଳି ଗୁଣୁଗୁଣୁ ହୋଇ
ଗୀତ ଗାଏ ମନଭରି
ଫୁଲର ପଣତ ବିଛେଇ ଧରିତ୍ରୀ
ହସେ ନବବଧୂ ପରି ।
ବସନ୍ତ ବିଭାସ ଫିକା ଫିକା ଲାଗେ
ଯୁଦ୍ଧର ସ୍ୱହରେ ଆଜି
ବରଷେ ବିତିଲା ୟୁକ୍ରେନ,ରୁଷରେ
କେତେ ଗଲେ ମରିହଜି ।
ଭୂମିକମ୍ପ ହେଲା କୋଠା ଭୁଷୁଡିଲା
ଧ୍ୱଂସ ସ୍ତୁପ ହେଲା ତୁର୍କୀ
ହଜାର ହଜାର ମଣିଷ ଶବରେ
ଶୋକ ପାଳୁଛି ଧରିତ୍ରୀ ।
ବର୍ଣ୍ଣିଳ ବସନ୍ତ ଅପୂର୍ବ ଦିଶୁଛି
ଇନ୍ଦ୍ରଧନୁ ରଙ୍ଗ ମାଖି
କାହାପାଇଁ ପୁଣି ବର୍ଣ୍ଣହୀନ ଋତୁ
ଲହୁ, ଲୁହ ତାର ସାକ୍ଷୀ ।



■■■


କ୍ୱାଟର୍ ନଂ – ଉ୧-୧ / ୧,ନିଉ ଗଭରନ୍ମେଣ୍ଟ
କଲୋନୀ, ଭୁବନେଶ୍ୱର
ଫୋନ୍ ନଂ – ୯୪୩୭୩ ୩୭୯୫୫



# ବୁଦ୍ଧିଜୀବୀ

ମୂଳ ହିନ୍ଦୀ ଲେଖକ : ରାଜେନ୍ଦ୍ର ରାଜନ
ଅନୁବାଦ : ଅଞ୍ଜଳି ଆଚାର୍ଯ୍ୟ

ଚିନ୍ତା କରନ୍ତି ସେ ଅସାଧାରଣ ଢଙ୍ଗରେ ।
କିଛିବି ଚିନ୍ତାକରିବା ପୂର୍ବରୁ ,
ସେ ଅନ୍ୟମାନଙ୍କ ସଂଗୃହୀତ ଚିନ୍ତାରୁ
ଗୁଡ଼ାଏ ତଥ୍ୟ ଜମା କରନ୍ତି ,
ପୁଣି ଚିନ୍ତା କରନ୍ତି ,
ଏମିତି ବିଶାଳ ଚିନ୍ତା କାହାପାଖରେ ଥିବ !
ଆଶ୍ଚର୍ଯ୍ୟ କଥା ଯେ ସେ ଦେଖନ୍ତି
ଅନ୍ୟମାନଙ୍କ ପାଖରେ ବି ତାଙ୍କର ଚିନ୍ତା
ଧନାଗାର ଭଳି ଜମା ହୋଇଛି ।
ଏହା ଦେଖି ପୁଣି ସେ ଚିନ୍ତାରେ ପଡିଯାଆନ୍ତି ।
ବର୍ତ୍ତମାନ ସେ ପ୍ରାଥମିକତା ଦେଇ
ଚିନ୍ତା କୁ ଚିନ୍ତା କରନ୍ତି ।
ଏହିପରି ଚିନ୍ତା କରୁ କରୁ
ସେ ଚିନ୍ତା କରନ୍ତି ,
ଖାଲିଟାରେ ଚିନ୍ତା କଲେ ହେବ କ'ଣ ,
କିଛି ନିଷ୍କର୍ଷ ହେବା କଥା ।
କ'ଣ କରିବାର ଅଛି
ଏହା ଉପରେ ପୁଣି ଚିନ୍ତା କରନ୍ତି ବହୁ ବେଳ
ତାପରେ ଯାଇ ପହଞ୍ଚନ୍ତି କୌଣସି ନିର୍ଣ୍ଣୟ ରେ ।
ସେହି ନିର୍ଣ୍ଣୟ ଉପରେ  ଯେବେ
ସେ ଅମଳ କରିବା ପାଇଁ ଚାହାନ୍ତି
ପୁଣି ଚିନ୍ତା କରନ୍ତି ,
ଏହା କରିବା ଦ୍ୱାରା ହେବ କ'ଣ ?
ଶେଷରେ ଚିନ୍ତା କରନ୍ତି,
ଯେତେବେଳେ ସମସ୍ତେ ଚିନ୍ତା କରିବେ
ସେତେବେଳେ ସେ ବି କରିବେ ।



■■■

ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର୍ ଭୁବନେଶ୍ୱର୍


# ତଥାପି ମୁଁ ମଣିଷ



ବସନ୍ତ ମାଝି

ତଥାପି ମୁଁ ମଣିଷ,
ମୋ ଭିତରେ ବିରାଜେ ଯଦ୍ଯପି ରକ୍ତବୀର୍ଯ୍ୟ ପଶୁର ରାଜତ୍ୱ
ନେ' - ଦେ' ର ହିସାବ କିତାବରେ ସରେନା ମୋ ଚଲାପଥ
ଦେହ ଆଉ ପେଟର କ୍ଷୁଧାରେ ଜଣେ ମୁଁ ଅନୁଭବୀ ନାୟକ
ମନ ଓ ହୃଦୟ ଭୋକର ଭୂମିରେ କାହିଁ ସତ୍ୟର ଆଲୋକ ?

ତଥାପି ମୁଁ ମଣିଷ ,
ମୋହ -ମାୟା ବେତାଳ କାନ୍ଧେଇ ଚଢେ ପ୍ରଶ୍ନିଳ ପାହାଚ
ହିଂସା, ଦ୍ୱେଷ ଅରକ୍ଷ ତାଣ୍ଡବ ରେ ସାତରଙ୍ଗ ସ୍ୱପ୍ନ ସଂକୁଚିତ
ରକ୍ତନଦୀ କରି ସନ୍ତରଣ, ପଚାରୁଛି ହେ ନର ନାରାୟଣ !
ମୋ ଭୂମିକା ,ଅଭିନୟେ କିବା ହେଲି ସଫଳ ଉତ୍ତରିତ ?



ତଥାପି ମୁଁ ମଣିଷ ,
ସାମ୍ନାରେ ନୃତ୍ୟରତ ବ୍ୟାଧି ,ଜରା - ମୃତ୍ୟୁ ଅବାରିତ
ସ୍ୱପ୍ନ ସାଥେ ବାସ୍ତବର ଉଚ୍ଛୁଳା ନଈରେ ଚଳାଏ ବୋଇତ
ରକ୍ତରଙ୍ଗ ଏକ ଜାଣି ତୋଳି ଦିଏ ପ୍ରାଚୀର ସଂଘାତ
ନର୍କକୁ ସମର୍ପି ଦିଏ ନିଜକୁ ପୁଣି କାହା ବାଟ କରେ କଣ୍ଟକିତ ।

ତଥାପି ମୁଁ ମଣିଷ ,
ଗୋଲକ ମୁଣ୍ଡାଇ କିଏ ହୁଏ ପ୍ରଜ୍ଞାଶୀଳ ପ୍ରଗାଢ଼ ବ୍ୟକ୍ତିତ୍ୱ
ସର୍ବେ ଭବନ୍ତୁ ସୁଖୀନ ମନ୍ତ୍ରେ ବିଶ୍ୱ ଦରଦରେ ହୁଏ ଅଭିମନ୍ତ୍ରିତ
ସୃଜନର ବେଣୁ କା ଓଠେ , କିଏ ପୁଣି ବିଞ୍ଚେ ହଳାହଳ
ଆଦିରୁ ଅନନ୍ତ କିଏ ହୁଅଇ ସନ୍ଧାନୀ ତୋଳି ହେଉଛି ପ୍ରଶ୍ନିଳ ।

ତଥାପି ମୁଁ ମଣିଷ ,
ଅନ୍ଧାରୀ ଭୂଖଣ୍ଡେ ମୋର ସତ୍ୟର ସାଧ ଓ ସାଧନା
ଲୁହ ସାଥେ ଲହୁ ପାନେ ଖୋଜେ ମାନବୀୟ ଆଶା ର ସାନ୍ତ୍ୱନା
ମୁଁ ପୁଣି ବାଟବଣା ହରାଇଛି ଘରଚାବି ନିଜସ୍ୱ ଠିକଣା
ହୃଦୟର ମହୋଦଧି ତଟେ ଲହରୀର କାନ୍ଦକୁ ବୁଝେନା ।

ପୁଣି ମୁଁ ତ୍ରିକାଳଦର୍ଶୀ,
ନାହିଁ ମୋର ପରାଭବ , ନାହିଁ କାହିଁ ଶେଷ ଅବଶେଷ
ମାନବିକ ଶୃଙ୍ଖଳରେ ମୂଲ୍ୟାୟନ ମୁକ୍ତି ଫୁଲ ହସ
ଜୀବନ ତ ଲୋଡ଼ଇ ଜୀବନ, ମଣିଷର ଆତ୍ମିକ ଆନ୍ତରିକତା
ଚାଲ ବଞ୍ଚିବା ମଣିଷର ନାମେ ଗାଇ ସାମ୍ୟ ସମନ୍ୱୟୀ ସ୍ୱାଗତିକା

■ ■ ■

ଏମ୍. ଆଇ. ଜି.(୧) ୧୯/୨ ,ହାଉସିଂ ବୋର୍ଡ କଲୋନୀ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୦୨
ମୋ :୯୪୩୭୮୭୨୧୯୨୫

# କଥା ପଦେ...

ପ୍ରଫେସର ବୀଣାପାଣି ତ୍ରିପାଠୀ



ତୁମ ନୀରବତା ମୋତେ ଆନମନା କରେ
ମୁଁ ଶୁଣେ ପ୍ରଚଣ୍ଡ କୋଳାହଳ
ସେ ନୀରବତା ରେ ,
ମୋ ମତେ

ତୁମକୁ ଅତିଷ୍ଠ କରେ କଥା ପଦେ ପାଇଁ
ତୁମେ ଆହୁରି ନୀରବି ଯାଅ
ମୋତେ ଛାଡି ବ୍ୟସ୍ତତା ରେ
ପଚାର, କଣ ଥାଏଯେ ଏ କଥା ପଦକରେ ??



ତୁମେ କଣ ଜାଣ ନାହିଁ
ପଦିଏ କଥାରେ ଝରେ ମହୁ ଝରଇ ଅମୃତ
ପଦକ ରେ ହଳାହଳ
ବିଦୀର୍ଣ୍ଣ ହୃଦୟ
ଅନ୍ଧ ପୁତ୍ର ଅନ୍ଧ
ମହାଭାରତ ର ସୂତ୍ରପାତ

କିଛି ବି କରିପାରେ ପଦେ
ଅଦିନେ ଫଗୁଣ ର ରଙ୍ଗ
କୋଇଲି ର କୁହୁ
ପଦକ ରେ ଲୁହ ନୁହେଁ ଝରିଯାଏ ଲହୁ

ତୁମ ପଦିଏ କଥା ରେ
ଖୋଲିଯାଏ ମୋ ଚେତନା ର ଆଖି
ମୋ ମନ ଝରକା
ଜୀବନ କୁ ଜିଇଁ ବାକୁ ଇଛା ହୁଏ ନୂଆ କରି
ଦୁରେ ଯାଏ ଯେତେକ ଆଶଙ୍କା

ପଦେ କଥା ଅମୃତ ର ଧାରା
ସେଇ ପଦେ ବିସ୍ଫୋରଣ ଯୁଦ୍ଧ ର ଡାକରା
ଏଇ ପଦେ ପଦେ କଥା ପାଇଁ
କେତେ ଯୁଦ୍ଧ କେତେ ସନ୍ଧି
କେତେ ଶତ୍ରୁ କେତେ ବନ୍ଦୀ

କଥା ସିନା ଉଡିଯାଏ
ଶୂନ୍ୟ ଅବା ମହାଶୂନ୍ୟ ରେ
ଗାର ଟିଏ ଛାଡି ଯାଏ ହୃଦୟ ଛାତିରେ

■■■

ମଧୁବନ, ଢେଙ୍କାନାଳ

# ଗୋ ଧୂଳିର ବର୍ଣ୍ଣବିଭା

ମାନଗୋବିନ୍ଦ ବାରିକ୍





ଦିବା ଅବସାନେ ଦେବ ବିକର୍ତ୍ତନ
ତେଜିଲେଣି ସିଂହାସନ,
ପ୍ରାଚୀ ଆକାଶରେ ପ୍ରତୀତ ହେଲାଣି
ଚନ୍ଦ୍ରମା-ସ୍ନିଗ୍ଧ କିରଣ।

ପ୍ରତୀଚୀ ଗଗନେ ଅସ୍ତ-ଆଦିତ୍ୟର
ଚାରୁ ସ୍ୱର୍ଣ୍ଣମୟୀ ଆଭା,
ବାରୁଣୀ- ଆଶାରେ ଅରୁଣ କଷାୟ
ବିକଶିତ ବର୍ଣ୍ଣ ବିଭା।

ପୂର୍ବ ଅନ୍ତରୀକ୍ଷେ ପ୍ରକାଶ ହେଲାଣି
ନିଶାକର ଶୁଭ୍ର ଜ୍ୟୋତି।
ନିଷ୍ପ୍ରଭ ହେଲାଣି କ୍ଳାନ୍ତ-ଅଂଶୁମାନ
ତେଜଦୀପ୍ତ-ସୌମ୍ୟକାନ୍ତି।

ମୁଗ୍ଧ ଗୋଧୂଳିର ଚାରୁ ବର୍ଣ୍ଣାଳୀରେ
ଉଦ୍ଭାସିତ ଚିତ୍ରାଙ୍କନ,
ସାୟନ୍ତନୀ ଶୋଭା କାନ୍ତି ମନଲୋଭା
ବିଭାସିତ ଦୃଶ୍ୟାୟନ।

ଗୋଗୋଷ୍ଠ ବାହୁଡା ଗୋଧନ ଗହଳେ
ଗ୍ରାମପଥେ ଉଡେ ଧୂଳି,
ଦିବସ ଶେଷରେ ନୀଡଫେରା ପକ୍ଷୀ
କଣ୍ଠରେ ବୃନ୍ଦ କାକଳି ।

ଶୁଭ୍ର-ଚନ୍ଦ୍ରମାର ଶୀତଳ-ରଶ୍ମିରେ
ହସେ ସସାଗରା ଧରା ,
ସନ୍ଧ୍ୟା ଆକାଶର ଶୁଭ୍ର-ଜୋଛନାରେ
ତାରକା ରଙ୍ଗ ପସରା।

ଗୈରିକ ବସନା ସନ୍ଧ୍ୟା-ଦିଗାଙ୍ଗନା
ସୌନ୍ଦର୍ଯ୍ୟର ପରିଭାଷା,
ନିଶାକର ବିଧୁ- ମୁଖୀ କୁମୁଦିନୀ
ପ୍ରାଣେ ପ୍ରୀତିର ପ୍ରତ୍ୟାଶା।

ଗୋଧୂଳି ଲଗନେ ବଧୂଲି ଗଗନେ
ବିକଶିତ ଚନ୍ଦ୍ରାବତୀ,
ସିମନ୍ତିନୀ ବଧୂ ଜାଳି ସଞ୍ଜବତୀ
ପୂଜେ ମାତା ବୃନ୍ଦାବତୀ।

ଦିବ୍ୟ ଦେବାଳୟୁ ମୂର୍ଚ୍ଛନା ତୋଳଇ
ପୁଣ୍ୟ ଶଙ୍ଖ,ଘଣ୍ଟା ଧ୍ୱନି,
ଆଳତି,ନୈବେଦ୍ୟ ନାମ-ସଂକୀର୍ତ୍ତନେ
ଅମିୟ ଓଁକାର ଧ୍ୱନି।

ମଗ୍ନ-ଗୋଧୂଳିର ପ୍ରଣୟ-ଲଗ୍ନରେ
ଅପରୂପା ସାୟନ୍ତିନୀ,
ସୌମ୍ୟ-ସୁଷମାର ରୂପ ଲାବଣ୍ୟରେ
ବ୍ରିଡାବତୀ ସୀମନ୍ତିନୀ।

■■■

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧ ,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୭୬୭୩୫

# ଅନ୍ତଃକରଣର ଶୁଦ୍ଧି

ଡ. ପ୍ରବୀଣା ପରିଡ଼ା



ରକ୍ତ, ମାଂସ ଗଢା
ମାନବ ଶରୀର
ମୋହ ମାୟା ଘେରା
ଛାୟାର ପୁର।
ବାହ୍ୟ କାନ୍ତିର ଉପଶମରୁ
ଅନ୍ତଃକରଣ ଶୁଦ୍ଧି
ଉପଲବ୍ଧି ଯେବେ,
ମନ, ବୁଦ୍ଧି, ଚିତ୍ତ, ଅହଂକାର
ଅଦୃଶ୍ୟ ସତ୍ତା ଛପି ରହି
ଖେଳେ ଲୁଚକାଳି
ମଳିନ ଚର୍ମ ଆସ୍ତରଣ
ଉଚ୍ଛେଦ ପରେ
ନବୀନତାର ଆହ୍ୱାନ
ପ୍ରକଟିତ ହୁଏ
ନୂତନ ଆଭା ପଥ ଦେଖାଏ,
ବୁଢିଆଣୀ ଜାଲରେ ଛନ୍ଦାୟିତ
ଛକାପଞ୍ଝା ଜୀବନେ,
ଶୁଣିବାକୁ ହେବ ବିବେକର
ମୋହ ଶୂନ୍ୟ ଦିଗ,
ମଙ୍ଗ ଧରି ଚାଲିବାକୁ ହେବ
ଆନନ୍ଦର ମାର୍ଗ ।।

■■■



ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଫୋନ୍ ନଂ – ୮୮୯୫୫୪୭୭୬

# ଫୁଲେଇ ଫଗୁଣ

ବିପିନ୍ ମହାନ୍ତି



ଫୁଲେଇ ଫଗୁଣ ଅଗଣାରେ ମୋର
ବସାଇଛି ଫୁଲ ହାଟ
ଅଝଟ ଶ୍ରାବଣ ନାଚିଛି ଦୁଆରେ
ପ୍ରୀତିପାଇଁ କରି ହଟ ।

ନୀଳ କଇଁ ମୋତେ ଦେଇଛି ଇସାରା
ଜହ୍ନକୁ ଯିବ ସେ ଭୁଲି,
କରିବାକୁ ପ୍ରୀତି ଦେଲେ ମୁଁ ସମ୍ମତି
ଥରୁଟେ ତା' ସାଥେ ଖାଲି,
ହେଲେ ଗିରୀ ତୁମ ତଳେ ଯେତେ ପ୍ରେମ
ଜୀବନ ବି ଲାଗେ ଛୋଟ ।



ତୁମ ପ୍ରେମ ଗୋରୀ ପାରିଜାତ ପରି
ସ୍ୱର୍ଗର ଅମୃତ ସମ,
କେମିତି ଲେଖିବି ଭାଷାରେ ମୁଁ ତାକୁ
ଅନୁଭବ ଯା' ର ନାମ,
ଛୁଇଁଲେ ଫଗୁଣ, ଚାହିଁଲେ ଶ୍ରାବଣ
ଯା' ଦେହେ କରନ୍ତି ନାଟ ।

■■■

ପ୍ଲଟ୍ ନଂ - ୩୩, ଗଡ଼ମହାବୀର ବିହାର,
ଗ୍ୟାରେଜ୍ ଛକ, ଭୁବନେଶ୍ୱର -୭୫୧୦୦୨
ମୋ :୯୮୭୧୧୪୪୯୯୧



# ଲୋକ୍ ଚିହ୍ନବାର୍ ଟା ଶିଖ

(କୋଶ୍‌ଲୀ କବିତା)

**ସରୋଜ କୁମାର ଶତପଥୀ**

ଇ ସମାଜ ନେ ଅଛନ୍ କେତେ ଯେ ଲୋକ୍
ଚିହ୍ନି ନାଇଁ ପାରୁଁ ଆମେ
ଏନ୍ତା ଉଫ୍‌ଲିଆ କଥା କହେବେ ଯେ
ବେହେଲି ଯିବା ଝନେ ।।

ସମାଜ ସେବା କରୁଛୁଁ ବଲି
ଲୋକ୍ କେ ଦେଖେଇ ହେସନ୍
ଆର୍ ଭିତ୍‌ରେ ଭିତ୍‌ରେ ଗୋଡ଼୍ ଘିଚାଘିଚି
କାମ୍ ଥି ମାତି ଥିସନ୍ ।।



ପର୍‌ହର୍ ଚୁଗ୍‌ଲି ଛକ୍ କେ ଛକ୍
କରୁଥିସନ୍ ବୁଲି ବୁଲି
ଆର୍ ନିଜର୍ ପର୍‌ସଂସା ନିଜେ କରି କରି
ଯାଉଥିସନ୍ ଫେନ୍ ଫୁଲି ।।

ଚାହା ଦୁକାନେ, ପାନ୍ ଦୁକାନେ
ଆର୍ ପିପଲ୍ ଗଛର୍ ତଲେ
ଦୁନିଆ ଯାକର୍ ଚୁଗ୍‌ଲି ଚାଲ୍‌ସି
ସବୁଦିନ୍ ସଞ୍ଜବେଲେ ।।

ପର୍‌ହର୍ ପର୍‌ସଂସା, ପର୍‌ହର୍ ଉନ୍ନତି
ଦେଖି ଯିଏ ଅହଁକିରିଆ ହେସି
ରାଗ୍ ରିସ୍‌ମି ଗହ୍ଳରା ଭିତ୍ ରେ
ସେ ଏକା ବୁଡ଼ି ମର୍‌ସି ।।

■■■

ପ୍ଲଟ୍ ନଂ -୨୯୮୯, ନାଗେଶ୍ୱରଟାଙ୍ଗୀ,
ଭୁବନେଶ୍ୱର -୭୫୧୦୦୨
ମୋ : ୯୯୩୭୧୨୮୫୪୭

# ଅସଲ ଚେହେରା

ମୋହନ ମଜୀଠିଆ



ନିର୍ଦ୍ଦୋଷ ହେବାଟା ବି
ଯେ ଏକ ଅପରାଧ,
ଏକଥା ବୁଝିବାରେ
ଜୀବନ ବିତିଗଲା...
ଅଜଣା ଅଚିହ୍ନା
ଲୋକ କିଛି
ମୋ ଜୀବନରେ ଆସି
ଅତି ଆପଣାର
କରିଗଲେ ମୋତେ ...
ଭଲ ହେଲା ପ୍ରଭୁ,
ଜୀବନରେ ମୋ'ର
ଏମିତି ବିଷମ ପରିସ୍ଥିତି
ସୃଷ୍ଟ କରିଦେଲ,
ତୁଟିଗଲା ମୋ' ମନର
ସେଇ ଭ୍ରମ ଯେ,
ମୋ'ର ନିଜର ବୋଲି
ଅନେକ ଅଛନ୍ତି ...
କିଛି ନିଜ ଲୋକ କିନ୍ତୁ
ବୁଝେଇଦେଇ ଗଲେ,
ବାସ୍ତବରେ କିଏ ନିଜର
ଆଉ କିଏ ପର ...
ମୋ' ଆଖିରୁ ଏବେ
ଭ୍ରମର ଅନ୍ଧପୁଟୁଳି
ଖୋଲିଯାଇଛି,
ଜଳ ଜଳ ହୋଇ
ଦିଶିଯାଉଛି ସବୁ
ମୁଖା ଭିତରର
ଅସଲ ଚେହେରା !!



■■■

କଟକ
ମୋ : ୯୯୩୭୧ ୭୩୦୨୦

# ଫଗୁଣ ଲୋ

**ଗୀତା ପଟ୍ଟନାୟକ**





ଫଗୁଣ ଲୋ ତୋର ବାଟ ଚାହିଁ ଚାହିଁ
ଦିନ ମୋର ଯାଏ ଚାଲି,
କେବେ ଆସିଲୁ ନି ମୋ ଦୁଆର ଦେଇ
ଗଲୁ କାହିଁ ବାଟ ଭୁଲି ।

ରଙ୍ଗ ବେରଙ୍ଗରେ ନାନା ସୁମନରେ
ସଜେଇ ହୋଇଛି ଧରା,
ତୋ ପରଶ ପାଇ ଉଲ୍ଲସିତ ମହୀ
ଦିଶୁ ଅଛି କେଡେ ତୋରା ।

ନବ ପଲ୍ଲବରେ ପଲ୍ଲବିତ ତରୁ
ସୁଶୋଭିତ ବନ ଭୂଇଁ,
କୋକିଳ କୁଜନ ଶୁଭେ ଘନ ଘନ
ମଳୟ ଆସଇ ବହି ।

ଦୂରୁ ଭାସିଆସେ ଫୁଲର ମହକ
ତୋ ବାରତା ଗୀତି ଗାଇ,
କେଉଁ ଅପରାଧ କରିଛି ଫଗୁଣ
ମୋ ପାଶେ ଆସିଲୁ ନାହିଁ ।

■■■

ଅବସର୍ ପ୍ରାପ୍ତ ଶିକ୍ଷୟିତ୍ରୀ
ଆଦର୍ଶ ବିହାର୍
ମୋ-୭୯୭୮୯୦୨୩୭୩

# ରାଜାରାଣୀ କଥା

ଯଶୋବନ୍ତ ସେଠୀ



ଏବେ ବି ତୋ' ହଁ ର ପ୍ରତିଧ୍ୱନି
ଗୁଞ୍ଜରିତ ହୁଏ ମୋ' କାନ ପାଖରେ
ବିଶ୍ୱାସ ଓ ଅବିଶ୍ୱାସର ଦୋଛକିରେ ଗୁଆ, ସିନ୍ଦୂର
ଅରୁଆଚାଉଳ, ଛିଣ୍ଡା ଛାଞ୍ଚୁଣୀ, କୁଲା ଡାଲା
ମନ୍ଦାରଫୁଲ ସମର୍ପି ପାଣିଛଡେଇ ଆସିଲା ପରେ ।

ମାରଣା ଗାଈ ବି ବାଟ ଛାଡିଦିଏ ,
ସମ୍ବେଦନଶୀଳ ହୋଇ ଆହା ଚୁ ଚୁ କରେ
ସେ ବି କାଳେ ବଶୀଭୂତ ଥିଲା
ତୋ' ହଁ ର ଚନ୍ଦ୍ରବନ୍ଦନୀରେ ।



ଏବେବି ପଞ୍ଚାମୃତରେ ଦେହ ମୋର ପଖାଳୁ ପଖାଳୁ
ନା ର ମଳିସବୁ ଅଡି ବସନ୍ତି
ଦେଖିବାକୁ ତୋ' ହଁ ମାନଙ୍କର ହାଜିରା ଆଉଥରେ
ମୋ'ଠି ଛାଡିଯାଇଥିବା ତୋ' ଦୈନିକ
ଉପସ୍ଥାନ ଖାତାରେ ।
ତତେ କେମିତି ବୁଝେଇବି କହ
ଆତ୍ମହତ୍ୟା କରିଥିଲେ କେତେ ଯେ ଈଶ୍ୱର
ତୋ'ର ସେଇ ଗୋଟିଏ ହଁ ରେ !

ଏବେବି ନାଚିଯାଏ ଆଖିଆଗରେ
ସେଇ ଯେଉଁ ଶେଷଥର ଖୋଜିଥିଲି
ହଁ ମାନଙ୍କର ରାଣୀକୁ
ନୂଳ ମୁକୁଟ ପିନ୍ଧି ହାତୀପିଠିରେ ବସି
ହଲି ଝୁଲି ଆସୁ ଆସୁ ତମ ଗାଁ ରାସ୍ତାରେ
ଉଁଚା ପିଣ୍ଡା ଉପରୁ ଉହୁଙ୍କି ଯେବେ ଦେଖୁଥିଲୁ
ଅନ୍ୟ ଝିଅଙ୍କ ଭିଡ ଭିତରେ ।

କିଛି ମୁହୂର୍ତ୍ତ ପାଇଁ ହୁଏତ ପଡିଯାଇଥିବୁ ଦ୍ୱନ୍ଦରେ
ଓଢଣୀ ଟାଣି ବସିଛି କିଏ ସେ
ମୋ' ଅତୀତର ରାଜାଙ୍କ କୋଳରେ
ମନେ ମନେ ହୁଏତ ତଉଲିଥିବୁ
ମୋ'ଠୁ ବେଶି ହଁ କଣ ତା'ଠି ଥାଇପାରେ !

■■■

୩ ଆର୍/ ୨, ମ୍ୟୁଜିୟମ୍ ଅଞ୍ଚଳ
ବି.ଜେ.ବି ନଗର, ଭୁବେନଶ୍ୱର



# ଛାୟା

ମନୋରମା ମିଶ୍ର



ଶିଳାରୁ ଶାଳଗ୍ରାମ
ହେବାକୁ ଚାହିଁ ନଥିଲି
ଚାହିଁ ନଥିଲି
ପର୍ଣ୍ଣରୁ ପାଦପ ହେବି
ଅସମ୍ପୂର୍ଣ୍ଣ ମୂର୍ତ୍ତିଟିଏ ଥିଲି
ଥିଲି ଅସ୍ଫୁଟ କୁସୁମଟିଏ ॥

ସମୟାନ୍ତରେ ପାଲଟିଯାଇଛି
ତୁମ ବିକଳ୍ପ ବିହୀନ କାୟାର
ଅବିଚ୍ଛିନ୍ନ ଅନୁବର୍ତ୍ତୀ ଛାୟାଟିଏ ॥

ତୁମେ ଅନ୍ଧାରକୁ ମୁହାଁଇଲେ
ମୁଁ ଏକାକାର ହୁଏ
ତୁମେ ଆଲୋକରେ ଅବତୀର୍ଣ୍ଣ ହେଲେ
ମୁଁ ମନ୍ତ୍ରମୁଗ୍ଧ ପରି
ପୁନଶ୍ଚ ସାକାର ହୋଇଯାଏ...॥

■■■

ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ - ୮୭୬୩୭୦୦୭୦୪

# ଆଲୁଅ ଅନ୍ଧାର

ବିଶ୍ୱମିତ୍ରା ମିଶ୍ର



ବଞ୍ଚିବାର କଳା ମୋର ସହଜାତ
ମୋତେ ତ ଜଣା ଅଛି
ଏହି ଚକ୍ରବ୍ୟୁହ ଭେଦିବାର
ତେଣୁ ମୁଁ ଲୋଡେ ନାହିଁ ମୋତେ
ସମ ବିଷମ ବାହୁର ସାହାରା,
କଣ ଲୋଡ଼ା ପରସ୍ପରକୁ ଛୁଇଁ ବାର
ମୋ ପାଖରେ ରହିଛି ବ୍ୟୁହଭେଦୀ ଆଖି
ଭଲପାଇବାର ନିର୍ଜୀବ ଦଲିଲର ସାକ୍ଷୀ
ଆକାଶରେ ଜମାଟ ବାନ୍ଧୁଥିବା
କଳାମେଘଙ୍କର ଶୋଷ
ଭାଙ୍ଗି ପଡିବା ପୂର୍ବରୁ ଦୁର୍ଗର ଦମ୍ଭ
ଉଡିବା ପୂର୍ବରୁ ଚେତନାର ହଂସ
ତୁମେ ଥରେ ପତେଇ ଦିଅ ପାପୁଲି
ଓଜାଡି ଦେବି ତହିଁରେ ମୋର
ଜୀବନର ସାଇତା ଅମୃତ ଭଣ୍ଡାର ।
କଳା କିଟିମିଟି କମନୀୟ ଅନ୍ଧାର ପେଡିରୁ
ଈଶ୍ୱରଙ୍କ ଜଟାଜୁଟରୁ କିବା ନଖର କୋଣରୁ
ଉତୁରି ଥିବି ନିରତ ପ୍ରବାହେ
ବାସ୍, ଏଇତ ଜୀବନର ଶୁଷ୍କ ଚଲାପଥେ
ଆଲୋକ ଓ ଅନ୍ଧାର ର ଲୁଚାଛପା ଖେଳ ।



■■■

କଟକ



# ଭୋଦେଇ କିଆ

ବସନ୍ତ କୁମାର ଦାସ



ମୁଁ ପରା ତୋ ସ୍ମୃତି ଭୋଦେଇ କିଆ ...
ତୋ ମନ ଅଜଣା ଗୋହିରୀ କେଦାରେ
          ଅଚିହ୍ନା ଆଦେଖା ହୋଇଛି ଠିଆ,
କାଳେ ଦିନେ ଫେରି ଆସିବୁ ମୋ ପାଶେ
          ଦେଇଯିବୁ ତୋର ପହିଲି ଛୁଆଁ ।।

ତୋ ମନ ବନରେ ଜଳୁଛି ମୁଁ ଏତେ
ଝରାଫୁଲ ଧୂପ ପରି
ଜାଣେନି ମୋ ବାସ ଛୁଇଁଛି କି ତତେ
ଯେବେ ଆସୁ କେବେ ଫେରି ।
ଅଭିମାନ ତୋର ଭୁଲିବା ଗହଣା
          ଖେଳୁଥିବୁ କେତେ ଛଳନା ନୂଆ ।।

ତୁ ମୋ ଜୀବନେ ଅଳକାନନ୍ଦା ମୁଁ
ତୋ ତୁଠର ଘାସଫୁଲ,
ନାଉରୀର କହ କିବା ଯାଏ ଆସେ
କରୁଥାନ୍ତା ମୋର ମୁଲ ।
ତୁ ପରା ସାଗର ଶୋଷ ଚିହ୍ନିନେଲୁ
          ହୃଦୟରେ ମୋର ବିଧୁର ନିଆଁ ।।

■■■

ମୋ - ୭୦୦୮୬୯୩୯୦୩

# ନୂତନ ଓ ପୁରାତନ

ଶମ୍ଭୁନାଥ ରାଉଳ



ମୂହୁର୍ତ୍ତ ମୂହୁର୍ତ୍ତ ସଂଯୋଗରେ
ଦିନ ମାସ ବର୍ଷର ଉତ୍ପତ୍ତି ହୁଏ
ସବୁ ବର୍ଷ ନୂଆ ପୁଣି ସବୁ ପୁରୁଣା
ସେ ଇଂରାଜୀର ପୂଆ ବର୍ଷ ହେଉ
କିମ୍ବା ସେ କୌଣସି ଭାଷା, ରାଜ୍ୟ,
ଦେଶ କିମ୍ବା ମହାଦେଶ ।
ନୂଆ ପୁରୁଣା କେବଳ ସଂଖ୍ୟା ସଂଖ୍ୟାର
ପରିଚୟ
ହିସାବ ରଖିବା ପାଇଁ
ବ୍ୟକ୍ତିଗତ, ସାମାଜିକ, ରାଜନୈତିକ
ଏବଂ ପରେ ପୁଣି
ଐତିହାସିକ କି ପୌରାଣିକର
ପରିଚୟ ନେଇ ଠିଆହୁଏ
ଆମ ସାମ୍ନାରେ ।
ତଥାପି ଆମେ ଉଲ୍ଲସିତ ହେଉ
ନୂତନର ଆଶା ନେଇ
ଅପେକ୍ଷା କରିଥିବା ଆଶାର
ଆକାଂକ୍ଷାର ସମ୍ଭାବନା ପାଇଁ
ଦୁଃଖର ବଳୟରୁ ପାର ହେଇ
ସୁଖର ଛାୟାରେ
ଆଶ୍ରୟ ନେବା ପାଇଁ
ଆଉ ସୁଖର ବଳୟକୁ ଆହୁରି
ତ୍ୱାରାନ୍ୱିତ କରିବା ପାଇଁ
ସୁଖ ଆଉ ଦୁଃଖ
ମଣିଷ ଜୀବନର ଅବିଚ୍ଛେଦ୍ୟ
ଅରେଦ୍ୟ ରହସ୍ୟ
ଦେବତା ହେଲେ ବି ଭୋଗିବାକୁ ପଡେ ଏଠି
ସେଠି ନୂଆ ପୁରୁଣାର
ପାର୍ଥକ୍ୟ ନଥାଏ
କେତେବେଳେ ଆସେ କେତେବେଳେ ଯାଏ
ଠିକଣା ନଥାଏ ।
ତଥାପି ଆଶା ହିଁ ମଣିଷର
ଅମୂଲ୍ୟ ସମ୍ପଦ, ବଞ୍ଚିବାର ମହୌଷଧୀ
ସେଇ ଆଶାର କି ଅମୃତ ବାରିରେ
ସ୍ୱର୍ଣ ପାଇଁ ଆମେ ପ୍ରତିବର୍ଷ
ସ୍ୱାଗତ କରିଥାଉ ନୂନତନ ବର୍ଷର ।



■■■

ଇନ୍ଦିରାଗାନ୍ଧୀ ହାଉସିଂବୋର୍ଡ଼ କଲୋନୀ,
ନୂଆଗାଁ ପେଟ୍ରୋଲ୍ ପମ୍ପ ନିକଟ
ସାମନ୍ତରାପୁର, ଭୁବନେଶ୍ୱର-୨

# ଅଦିନ ମଳୟ

**ବିଜୟଲକ୍ଷ୍ମୀ ପଟ୍ଟନାୟକ**





ତୁମେ ଅଦିନ ମଳୟ ପରି ଯେବେ
ଆସିଲ ଜୀବନେ ମୋର
କେବେ ଭାବି ମୁଁ ନ ଥିଲି ପ୍ରିୟ
ତୋଳିନେବ ମୋତେ ଧରି କର ।

ମୁଁ ତ ଦଗ୍ଧ ଏକ ଫୁଲବନ
ତମେ ସିଞ୍ଚିଲ ପ୍ରଣୟ ବାରି
ଶତ ଦଂଶନ ଚୁମି ନେଲ
ମୋତେ ପ୍ରିୟତମା ତୁମ କରି ।

କେତେ ସାନ୍ଦ୍ର ନିବିଡ଼ ଭାବେ
ତମେ ଚୋରିକଲ ମନ ମୋର
କେବେ ଦେଖିନି ତୁମକୁ ଥରେ
କେବେ ପାଇନି ଛୁଆଁ ତୁମର ।

ଏବେ ତଥାପି କାହିଁକି ତୁମେ
ଏତେ ଆକର୍ଷିତ କର ମୋତେ
ଥରେ କଥା ହେଲେ ତୁମ ସାଥେ
ମନ ଶାନ୍ତ ହୋଇଯାଏ ସତେ ।

କେବେ ଭାବିତ ନ ଥିଲି କେହି
ଆଉ ଆସିବେ ମନ ଅରଣ୍ୟେ
କେହି ହୃଦୟ ବିଛାଇ ଦେବେ
ମନ ମୋହିବେ ତାଙ୍କ ପ୍ରଣୟେ ।

କେବେ ଆଶଙ୍କା ଆସଇ ମନେ
ଏତେ ଭାଗ୍ୟ ହେଲାକି ମୋହର
କରୁଣା କରିବେ  କି ପ୍ରଭୁ ମୋତେ
ସତେ ପାଇବି ସ୍ନେହ ତାଙ୍କର ।

ତୁମେ ସେହି କି ଯାହାର ଲାଗି
ମୁଁ ଯେ ଅପେକ୍ଷାରେ ରହିଥିଲି
ମୋର ଜୀବନ ଯନ୍ତ୍ରଣା ଯେତେ
ସବୁ ପିଇ ପିଇ ବଞ୍ଚିଗଲି !

ମୋର ଅଧା ଲେଖା ଚିଠି ପଢ଼ି
ତୁମେ ବିଭୋର ହୋଇଲ ଏତେ
ପୁରା କରିବାକୁ ଦିଅ ସଖା
ପାଇଯିବି ପାରିଜାତ ହାତେ ।

■■■

ପ୍ଲଟ୍ ନଂ -୪୬୧୯/୨୧, ପୋଖରୀପୁଟ ଭିଲେଜ୍,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୧୬

# ଘର

ନିହାରିକା ରାୟ ବରାଳ





ବର୍ଷାଭିଜା ଆକାଶର
ଇନ୍ଦ୍ରଧନୁ ପରି
ମୁଁ ଅପେକ୍ଷା କରିଚି ତମକୁ
ତମେ ଆସିବ
ଆଲୋକରେ, ଆତ୍ମୀୟତାରେ
ଏବଂ କେବଳ ଝୁଲିବ
ମୋ ଫାଟକର
ନାମଫଳକଟିଏ ହୋଇ...
ତା'ରି  ପରିଚୟର
 ସ୍ୱୀକୃତିରେ ହିଁ
ମୁଁ ବଞ୍ଚିବି ଓ ବଞ୍ଚେଇ ରଖିବି
ଆମ ପ୍ରେମକୁ
ଯାହା ନାଁ ହେବ  'ଘର'
ତମର - ମୋର
ଆମ ଦୁହିଁଙ୍କର ।

■■■

ବି-୧୦, ପ୍ରତିଭା ଏନ୍‌କ୍ଲେଭ୍ ,
ବିଜେବି ନଗର, ଭୁବନେଶ୍ୱର-୧୪

# ମୁଗ୍ଧ ପ୍ରେମିକ

ସିଦ୍ଧାର୍ଥ କୁମାର ମହାପାତ୍ର



ସରସୀ ଜଳର    ନୀଳକଇଁ ତୁମେ
ମୁଁ ନୀଳ ଗଗନ ଶଶୀ
ପାବନ ପ୍ରେମର    ମୁଗ୍ଧ ପ୍ରେମିକ ଟି
ଚାହିଁଛି ତୁମକୁ ହସି ।
ଅଜାଡ଼ି ପାରେ ମୁଁ    ଶୀତଳ ଜୋଛନା
ତୁମରି ତନ୍ଦ୍ରା ଦେହେ
ମାଗେ ତା ବଦଳେ    ପ୍ରେମର ବାସ୍ନା
ମୋ ଶୂନ୍ୟ ହୃଦୟ ଦେହେ ।
ଖୋଜୁଥାଇ ନିତି    ଭାବି ପ୍ରିୟା ପ୍ରୀତି
ଝିଂକାରୀ ମାଦକ ସୁରେ
ହସୁଥାଅ ତୁମେ    ଅଳପ ଆୟୁଷେ
ଅଳସୀ ରାତିର ଧାରେ ।
ତୁମେ ନୀଳ ଜଳେ    ମୁଁ ଗଗନ କୋଳେ
କାହିଁଥାଅ କେତେ ଦୂରେ
ଶାଶ୍ୱତ ପ୍ରେମର    ଏ ଯେ ପରିଭାଷା
ଆତ୍ମିକ ପ୍ରେମର ଦ୍ୱାରେ ।
ସରିଯାଏ ରାତି    ଲିଭିଯାଏ ବତୀ
ଦେଖିନି ଉଦାସ ମୁଖ
ମୋ ରୂପା କିରଣେ    ଭିଜି ହୃଦ ମନେ
ପାଉ ଚିରନ୍ତନ ସୁଖ ।
ତୋ ବିନା ମଳିନ    ରଙ୍ଗିଲା ସପନ
ତମସା ର ଶୂନ୍ୟ କୋଳେ
ମିଳେନାହିଁ ଶାନ୍ତି    ସନ୍ତୋଷ ତୃପତି
ବାରିଦ ମରୁତ ମେଳେ ।
ଚୁପି ଚୁପି କରି    ବଉଦ ଫାଙ୍କରେ
ଯେବେ ଆସେ ଗୋପନରେ
ଖିଲି ଖିଲି ହସି    ସରସୀ ରେ ଭାସି
ଚାହିଁଥାଉ ନୀରବରେ ।
ଶୀତଳ ପରଶ    ଦିଏ ତ ଉଲ୍ଲାସ
ହାସଦୀପ୍ତ ତବ ମୁଖେ
ମେଘ ତାରା ସାଥେ    ଖେଳେ ଶୂନ୍ୟପଥେ
ତନ୍ମୟ ଜନମେ ବୁକେ ।

■■■



ଶିକ୍ଷକ, କଣ୍ଟିଲୋ, ନୟାଗଡ
ମୋ: ୯୮୫୩୦ ୩୭୧୭୨

# ମୁଁ ପୁଣି ଫେରି ଆସେ

ଜାହ୍ନବୀ ଚୌଧୁରୀ



ସୂର୍ଯ୍ୟ ଡୁବିଯାଆନ୍ତି
ଅକାତରେ ଛଳଛଳେଇ ଯାଏ
ମୋର ଦୁଇଆଖି
ଅସରନ୍ତି ଶୂନ୍ୟସ୍ଥାନ ହୁଏ
ଡେଣାହୀନ,ପକ୍ଷହୀନ ମୁଲକରୁ
ମୁଁ ପୁଣି ଫେରି ଆସେ !!

ଶାଖାପ୍ରଶାଖେ ବିଜୁଳି ଚମକିଯାଏ
ଆତ୍ମା ମୋର ପ୍ରସ୍ତୁତ ନଥାଏ
ଅଣଚାଶ ପବନରେ
ପତ୍ରଝଡାର ମୁହୂର୍ତ୍ତ ବାହିଆଣେ
ମୁଁ ପୁଣି ଫେରି ଆସେ !!

ଅନୁରାଗର ଆଲେଖ୍ୟ ମୁଁ ପୋଛିଦିଏ
ସ୍ୱପ୍ନସବୁ ବହିଆସି
ମିଶିଯାଆନ୍ତି ମୋ ଆଖିରେ
ବେଦନାସିକ୍ତ ଗହନ ଅନ୍ଧାରେ
କାହାକୁ ମନେ ମନେ ଖୋଜେ
ଶୂନ୍ୟ ଆକାଶର ଛାତିରେ
ମୁଁ ପୁଣି ଫେରି ଆସେ !!

■■■



ଭୁବନେଶ୍ୱର
ମୋ : ୯୪୩୮୧୮୪୭୯୫

ଇ-ପତ୍ରିକା
ନବମ ସଂଖ୍ୟା, ୧ ମାର୍ଚ୍ଚ ୨୦୨୩

# ଅବତାର

ଜ୍ୟୋତିପ୍ରକାଶ ଗଡ଼ତ୍ୟା



କେଉଁ ମାୟା ତୁମ
କିପରି ପଭୁ ହେ !
ରହିଛ ତୁମେ
ମନ୍ଦିର ବେଢ଼ା ଭିତରେ
କେବେ ତ ମଉନ
ଅଦୃଶ୍ୟ ଲୀଳା ଯେ ତୁମର,
କୋଟି ଜନତାଙ୍କ ଭିଡ଼
ତୁମ ଦରଶନ ପାଇଁ
ସୃଷ୍ଟିର ପ୍ରାରମ୍ଭ
ପ୍ରଳୟ ପୁଣି ଯେ
ଦଶ ଅବତାର
ସନ୍ଦେଶ ମଣିଷ
ଜୀବନର କର୍ମ
ସତ୍ୟ, ଶାନ୍ତି ଓ କରୁଣା
ଦୟା ସାଗରର
ପ୍ରଭୁହେ ତୁମେ
ଅନ୍ତର୍ଯ୍ୟାମୀ, ସର୍ବବ୍ୟାପୀ
ତୁମ ଲୀଳା ଆଉ ଅବତାର ।

■■■



ସର୍ଗିଗୁଡ଼ା, ଟିଟିଲାଗଡ଼, ବଲାଙ୍ଗିର
ମୋ: ୯୭୫୮୮୭୭୫୫୨

# ସାଥି

ଯୋଗେଶ ମିଶ୍ର





କାଲି ମୁଁ ଦେଖିଲି ଜହ୍ନ କୁ
ଲାଗିଲା ତୁମ ମୁହଁ ପରି
ଯେମିତି ତୁମେ ମତେ ହିଁ ଦେଖୁଛ
ନିଷ୍ପାପ ନିଷ୍କଳଙ୍କ
ସରଳ ଶିଶୁର ଚାହାଣୀରେ
ଇଚ୍ଛା ହେଲା ଆଙ୍କନ୍ତି ତୁମ ଚିତ୍ରଟିଏ
କେଉଁଠୁବା ଆରମ୍ଭ କରିବି
ତୁମେ ତ ବ୍ୟାପିଛ ମାଟିରୁ ଆକାଶ
ବ୍ୟାପିଛ ଦେହରୁ ଦେହଳୀ
ଆଉ ଜୀବରୁ ଜୀବାଳୀ
କେଉଁଠୁ ଗାର ପକେଇବି
ତୁମେ ହିଁ ତ ଶୂନ୍ୟ ମହାଶୂନ୍ୟ
ନାଦ ବିନ୍ଦୁ ଅମୃତ ଅନନ୍ତ
ସକଳ ଜୀବର ଜୀବନ
ଇହକାଳ ପରକାଳର
ସଖା, ସାଥି ସହୋଦର ।

■■■

ଟିଟିଲାଗଡ଼, ବଲାଙ୍ଗିର
ପିନ୍-୭୬୭୦୩୩
ମୋ- ୮୯୧୭୩୯୬୩୪୮

# ଆହତ ସ୍ୱପ୍ନ

**ଯଜ୍ଞଦତ୍ତ ସାମନ୍ତରାୟ**



କେହି ଜଣେ ଦାର୍ଶନିକ କହିଥିଲେ
ନିଦ ରାଇଜର ସୀମାନ୍ତରେ
ଠିଆ ହେବା ପରେ
ମଣିଷ ଦେଖଇ ଅନେକ ସ୍ୱପ୍ନ ।
ସେ ବାସ୍ତବ ସ୍ୱପ୍ନ ହେଉ ଅବା
ଅବାସ୍ତବ ହେଉ ଅବା
ମନରେ ଜମାଟ ବାନ୍ଧିଥିବା
ଅନେକ ଆଶା ଓ ଭରସା ହେଉ
କେତେ ସଫଳ ହୁଏ ତ'
ଆଉ କେତେ ହୁଏ ବିଫଳ ।।
ଆଜିକାଲି ସ୍ୱପ୍ନ ଦେଖିବାକୁ
ଡରମାଡେ
ସ୍ୱପ୍ନ ଟା ବି ଡରୁଛି
ମୋ ପାଖକୁ ବାରମ୍ବାର ଆସିବାକୁ
ତମେ ଏମିତି ସ୍ୱପ୍ନଟାକୁ
କାହିଁକି ବ୍ୟସ୍ତ କରୁଛ ଯେ ?
ମୋ ହୃଦୟ ପ୍ରେକ୍ଷାଳୟେ
ମୋ ସ୍ୱପ୍ନର ରୂପେଲି ପରଦା ଉପରେ
ଶୁଭୁଅଛି ତମର ନିଭୃତ ସଂଳାପ
ଦିଶୁଅଛି ତମର ମୃତ ପଦ ଚିହ୍ନ
ମୁ ଏଠି ବସି ବସି
ଉପଭୋଗ କରେ
ତମର ସେ କାନ ଫଟା ଅଟ୍ଟହାସ୍ୟ
ପ୍ରଶ୍ନ କରୁଛି ନିଜ ପାଇଁ ନିଜେ
ତମେ କ'ଣ ?
ଦେବୀ ନା ଦାନବୀ ??
ଏତିକିବେଳେ କେଉଁ ଏକ
ବିଜନ ଗହନ ବନରୁ
କୋଇଲି ଗାଉଛି
ପ୍ରିୟା ! ପ୍ରିୟା ! ପ୍ରିୟା !!



■■■

ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪

# ମନେ ପଡ଼ିଯାଅ ତୁମେ

ବୀରେଶ୍ୱର ମହାନ୍ତି



ନା ସଞ୍ଜ ନା ସକାଳ
ନା ଥାଏ ବେଳକାଳ
ଘନାଟିଆ କୁହୁଡ଼ି ଅବା ଶ୍ରାବଣର ଧାରା
ନିଦାଘ ତାତି ଅବା ବସନ୍ତର ଶୀତଳ ସମୀରା
ମନେ  ପଡିଯାଅ ତୁମେ
ଅଭିପ୍ସା ଜାଗେ ମନେ
ଲଭିବାକୁ ତୁମ ମଧୁ ଭରା ସ୍ୱର୍ଶ ।।



ଶଙ୍ଖ ମଲମଲ ରାଜ ଉଆସରେ
ଅବା ମୋ ଗାଁର  ପୋଖରୀ ହୁଡାରେ
ଶିମିଳିପାଳର ଘଞ୍ଚ ବନାନୀ ମଧ୍ୟରେ
ନିର୍ଜ୍ଜନ ମରୁଭୂମିର ଉତ୍ତପ୍ତ ବାଲୁକା ରାଶିରେ
ସର୍ବତ୍ର ତୁମ ଗନ୍ଧେ ସୁଗନ୍ଧିତ
ତୁମ ସୌରଭରେ ସୁବାସିତ
ମନେ ପଡିଯାଅ ତୁମେ
ଅଭିପ୍ସା ଜାଗେ ମନେ
ଲଭିବାକୁ ତୁମ ମଧୁଭରା ସ୍ୱର୍ଶ ।।

ଯେବେ କେବେ ନିରୋଳା କ୍ଷଣରେ
ଅବା ପ୍ରିୟ ବନ୍ଧୁଙ୍କ ମେଳରେ
ଭିଜେ ମନ ତୁମରି ରୂପରେ
ଅବର୍ଣ୍ଣନୀୟ ସେ ରୂପ
ବହୁ ରୂପର ସମାହାର
କେବେ ମିଠା କେବେ ଫିକା
ଫଗୁଣରେ ରଙ୍ଗ ଉଡେ
ବସନ୍ତରେ ପତ୍ର ଝଡ଼େ
ମନ ମତୁଆଲା ହୁଏ
ମନେ ପଡିଯାଅ ତୁମେ'
ଅଭିପ୍ସା ଜାଗେ ମନେ
ଲଭିବାକୁ ତୁମ ମଧୁଭରା ସ୍ୱର୍ଶ ।।

■■■

ସି – ୧୦୫, ଶୁଭମ୍ ରୟାଲ,
ଘାଟିକିଆ, ଭୁବନେଶ୍ୱର
ମୋ.- ୯୯୩୮୬୧୫୬୭୧

# ଗାଆଁ କୁ ମୁଁ ଯାଇଥିଲି

ପୁଷ୍ପଲତା ମିଶ୍ର



सहर ରେ ରହି ଚିଟା ଲାଗୁଥିଲା
ଗାଆଁ କୁ ଗଲି ମୁଁ ବୁଲି,
ଗାଆଁ ରେ ପହଂଚି ଦୋଛକି ରାସ୍ତା ରୁ
ବାଟ ମୁଁହି ଗଲି ଭୁଲି ।।
ମୋର ଗାଆଁ ଦାଣ୍ଡ ଥିଲା ଧୂସରିତ
ଆବଡା ଖାବଡା ହୋଇ,
ସେହି ବାଟ ଟା ରେ ପାଦ ଗଲା ଖସି
ଦେଖୁ ତାର ରୂପ ଛଇ ।।
ଗାଆଁ ପୋଖରୀ ର ଗାଧୁଆ ତୁଠ ରେ
ଭାଉଜ ମାନଙ୍କ ମେଳି,
ନାହିଁ ଆଉ ସେହି ପୋଖରୀ ତୁଠ ଲୋ
ନାହି ମୋ ବୋଉ ର ଗାଳି ।।
ବର ଗଛ ମୂଳେ ମାଆ ମର୍ଚ୍ଛିଆଣୀ
ପାଉଥିଲେ ତହି ପୂଜା,
ସେଠି ହୋଇଅଛି ବିଶାଳ ମନ୍ଦିର
ଉଡ଼େ ଫର ଫର ଧ୍ୱଜା ।।
ସେ ଗାଆଁ ର ବାଳୀ ଓଷା ବ୍ରତ ଭୁଲି
ଓଠ କରି ନାଲି ନାଲି,
ହାଇ ହିଲ ପିନ୍ଧି ବାଟ ଚାଲୁଛନ୍ତି
ହେବେ କି ବିଦେଶୀ ବାଳି ।।
ହାତ ତ ଲଙ୍ଗଳା ପାଦ ତ ଲଙ୍ଗଳା
ମଥା କରିଛନ୍ତି ଖାଲି,
ମୁଣ୍ଡ ରେ ତ ମାରି ଯୋଡ଼ା ଯୋଡ଼ା କ୍ଲିପ
ଚାଲୁଛନ୍ତି ଝୁଲି ଝୁଲି ।।
ଚାଷ ବାସ ସବୁ ଚୂଲିକି ଗଲାଣି
ମାଗଣା ଚାଉଳ ଖାଇ,
ଗୁହାଳ କେଉଁଠି ନ ଦେଖିଲି ମୁହିଁ
ନାହିଁ ତ ବଳଦ ଗାଈ।।
ଏହି ସବୁ ଦୃଶ୍ୟ ଦେଖି ଦେଲି ଯେବେ
ମୁଣ୍ଡ ଗଲା ମୋର ଘୂରି,
ପଳାଇ ଆସିଲି ମୁଁହି ସହର କୁ
ଲୋତକ ପଡୁଛି ଝରି ।।



■■■

ଭୁବନେଶ୍ୱର
ମୋ- ୯୩୩୮ ୨ ୯୪୬୫୭

# ଆର କିଏ ?

(କୋଶ୍‌ଲୀ କବିତା)

**ନୀରଜ ଦାଶ ଶର୍ମା**




ସଲ୍‌ଖା, ସଲ୍‌ଖାବୁ କେତେ ?
ଗାଡ୍, ଖାଲ୍, ଯାହାକେ ଯେତେ ।
ପଲା, ପଲାବୁ କେତେ ?
ମକ୍‌ରା ଜାଲ୍ ଯାହାକେ ଯେତେ ।

ସଲ୍‌ଖାବୁ ଯଦି ପଲାବା କିଏ ?
ପଲଉକେ ସଲ୍‌ଖାବା କିଏ ?
ପଲାବୁ ଯଦି ସଲ୍‌ଖାବା କିଏ ?
ସଲ୍‌ଖଉକେ ସଲ୍‌ଖାବା କିଏ ?

ସଲ୍‌ଖଉ ଡର୍‌ହା, ପଲାମିଁ ପଲାମିଁ,
ପଲଉ ଡର୍‌ହା, କେନ୍ କେ ପଲାମିଁ ?
ତୁଇ ସେ ପଲଉ, ତୁଇ ତ' ସଲ୍‌ଖଉ,
ସଲ୍‌ଖାବା ଆସି ଆର୍ କିଏ ?

■■■



ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,
ହରିଦ୍ୱାର, ଉତ୍ତରାଖଣ୍ଡ,
ମୋ-୭୦୦୮୭ ୫୮୯୯୬

# ମୋର୍ ବାପାର୍ ଜନମ୍ ଦିନ୍

(କୋଶ୍‌ଲୀ କବିତା)

ପ୍ରଜ୍ଞା ଦର୍ଜୀ ମହାପାତ୍ର



ଶୋର୍  ପଡ଼୍‌ସି
ମାର୍ଚ୍ଚ ମାସର୍ ଛ' ତାରିଖ୍
କେତେ ଉସତ୍ ଆନନ୍ଦ୍ ଥି
ମନଉଁ ଥିଲାଁ ତମର୍ ଜନମ୍ ଦିନ୍
ସକାଲ୍ ସକାଲ୍ ଘଁଟାସୁନୀ ଗୁଡ଼ି ଥି ମୁଡିଆ ମରା,
ଫେର୍ ସଞ୍ଜ୍‌ବେଲେ କେକ୍ କଟା
ଆର୍  ହୋଟେଲ୍ ଖିଆ,
ହେଲେଁ,
ଗଲା ଦୁଇ ବଛ୍‌ରୁଁ ଉଝାଲ୍ ହେଇଗଲା
ସେ ଦିନ୍ ଆମର୍ ଜୀବନ୍ ରୁଁ ସତେ,
ଯେନ୍ ଦିନୁଁ ବାପା ତମେ ଛାଡ଼ି ଗଲ ମତେ...
ଇ' ଜନ୍‌ମେ ଜନ୍‌ମି ଥିଲିଁ
ତମର୍ ଝି' ହେଇକରି
ମୁଇଁ ଥିଲି ତମର୍ ଲାଗି ସରଗର୍ ପରୀ  ।
ମୋର୍ ଲାଗି ଯାହା ତମେ କରିଛ ଗୋ ବାପା
ଛାତି ଛାତେଁ କୋହ ଭରି କରୁଛେଁ ସୁର୍‌ତା
ଜନମ୍ ମରନ୍ ବିଧିର୍ ବିଧାନ୍ ନାଇଁନ ଆମର୍ ହାତେ
ଆର ଜନ୍‌ମେ ମୋର ପୁଅ ହେବ ଜଗିଥିମି ସତେ
ଆଏଜ୍  ତମର୍ ଜନମ୍ ଦିନ୍ ଥି
ଜାଲି ଗୁଟେ ବତୀ
ମାଁ ଘଁଟାସୁନୀ ତତେ କରୁଛେଁ ବିନ୍‌ତି
ଯେତେ ଥର୍ ଜନମ୍ ଦେବୁ ମତେ ମୁନୁଷ୍ କରି
ବାପା କେ ମୋର୍ ଜନମ୍ ଦେବୁ ମୋର୍ ପୁଅ କରି ।


■■■

ଦର୍ଜୀ କମ୍ପ୍ଲେକ୍ସ, ମେନ୍ ରୋଡ଼୍, ଟିଟିଲାଗଡ଼,
ମୋ : ୭୯୭୮୭୫୩୪୪୦

# ହାରିବିନି

କବିତା ନାୟକ





ବାପା କହୁଥିଲେ ଶୁଣ ମୋ' ପାଗଳୀ
ହାର୍ ଠୁ କେବେତୁ ହାରିବୁନି
ହାରିଗଲା ପରେ ହାରିବାର କଷ୍ଟେ
ଜମା ଆଉ ଜିତି ପାରିବୁନି ।
ହାର୍ ପଛେ କିଛି ହଜି ଯାଇ ପୁଣି
ଉଠି ଚାଲିବାର ଶକ୍ତି ଥାଏ
ହାର୍ କୁ ହରାଇ ଆଗକୁ ଚାଲିଲେ
ହାରିଯାଇ ହାର୍ ଲୁଚିଯାଏ ।
ଛଳରେ ଯଦିବା ହାରିଯାଇ କିଏ
ଫଳାଫଳ କରେ ଚୁରମାର
ସଠିକ ନିର୍ଯ୍ୟାସ ବାହାରିବ ଶୁଣ୍
ହାର୍ ହାରି ଫେରିଯିବ ଘର ।

■■■

ଏମ୍. ଆଇ. ଜି. – ୨, ୭୭/୪
ଓ.ଏସ୍.ଏଚ୍.ବି. କଲୋନୀ, ଭୁବନେଶ୍ୱର – ୧୭
ମୋ : ୭୭୩୫୯୧୬୧୧୧

# ବନ୍ଧୁର ବନ୍ଧୁତା

ସ୍ମିତା ରଥ

ବନ୍ଧୁର ବନ୍ଧୁତା...
ଅତୁଟ ସମ୍ପର୍କ
ଆଶାର ଆଲୋକ
ଦୀପ ର ଶିଖାସେ
ଅଲିଭା ଆଭାର
କର୍ପୂର ଶଳିତା
ବନ୍ଧୁର ବନ୍ଧୁତା ।।

ଆଦାନ ପ୍ରଦାନ
ଭାବର ମନର
ସମ୍ପର୍କ ରଜ୍ଜୁର
ବନ୍ଧନ ଦୃଢ଼ତା
ନିଃସ୍ୱାର୍ଥପରତା
ବନ୍ଧୁର ବନ୍ଧୁତା ।।

ଅମ୍ଳାନ ଶାଶ୍ୱତ
ଚିର ଉଜ୍ଜିବିତ
ପବିତ୍ର ମହାନ
କୃଷ୍ଣ ସୁଦାମା ଙ୍କ
ବନ୍ଧୁତ୍ୱର ଗାଥା
ବନ୍ଧୁର ବନ୍ଧୁତା ।।

ଜାତି ବର୍ଣ୍ଣ ଭାଷା
ଯେତେ ଅନେକତା
ବନ୍ଧୁତ୍ୱ ର ସୀମା
ନମସ୍ୟ ସର୍ବଦା
ଲଂଘେ ବିଭିନ୍ନତା
ବନ୍ଧୁର ବନ୍ଧୁତା ।।



ନୂଆଦିଲ୍ଲୀ

# ଅଲିଖିତ ଚୁକ୍ତି

ଡ. ମନୋରଞ୍ଜନ ବିଷୋୟୀ



ତୁମକୁ ସବୁ ବନ୍ଧନରୁ
ମୁକ୍ତ କରୁଛି
ଅଲିଖିତ ଚୁକ୍ତିର
ସର୍ତ୍ତ ଅନୁସାରେ ।
ତୁମଠାରୁ ଦୂରେଇ ଯିବାକୁ
କଥା ଦେଇସାରିବା ପରେ
ସବୁ ଯନ୍ତ୍ରଣାକୁ
ସାଇତି ଦେଇଛି
ନିବୁଜ ଶବ୍ଦମାନଙ୍କ ଭିତରେ ।
ଏବେ ସେ ଶବ୍ଦକୁ ନେଇ
ଏତେ ପ୍ରୀତିପୂର୍ଣ୍ଣ
କବିତା ଲେଖୁଛି ଯେ,
ସତେ ଯେମିତି
କିଛି ଘଟଣା
ଘଟି ନାହିଁ ମୋ ଜୀବନରେ ।

■■■



ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

# ମାଁ ବାପ୍

ଅଲକା ଦାଶ୍





ମା' ବାପ୍ ବଲି
ଦୁଇଟା ପଦ୍ କେ
ହାର ମାନିଗଲି ମୁଇଁ,
କେନ୍ କାଲର୍ ଇଟା
ସୃଷ୍ଟିର୍ ସର୍ଜନା ଯେ
ଖୁଜ୍ ଲେ ନାଏଁ ପାଉଁ କାହିଁ ।
ଅଧରାତି ବି ଛୁଆ
ସୁର୍ ଲି ଫୁଟାଲେ
ମା ବଲେ କାଁ ହେଲୁ
ବାପ୍ ବଲେ ବେଟା
ଦମ୍ ଧର୍ ତୁଇଁ
ମୁଇଁ ଅଛେଁ କେତେ ଭାଲୁ ।

■■■

ସୁଲ୍ ସୁଲିଆ, ବରଗଡ଼

# ଦୁଃଖୀ

କରିସ୍ମା ତ୍ରିପାଠୀ



ନା ମୁଁ ନାୟକ, ନା ମୁଁ ନାୟିକା
ନ ଜାଣି ଅଭିନୟ ଆଜି କରୁଛି ନାଟକ
ନା ମୁଁ ଗାୟକ , ନା ମୁଁ ଗାୟିକା
ନ ଜାଣି ଛାନ୍ଦ ଆଜି ଗାଉଛି ମୁଁ ଗୀତ
ନା ମୁଁ ଲେଖକ, ନା ମୁଁ ଲେଖିକା
ମନର ଆବେଗେ ଆଜି ଲେଖେ ମୁଁ କବିତା...
ନା ମୁଁ ଚିତ୍ରଶିଳ୍ପୀ, ନା ମୁଁ ନୃତ୍ୟଶିଳ୍ପୀ
ଜଣା ନାହିଁ ମତେ ଓଡିଶୀ କଥକଲି,
ହେଲେ ପାଦ ରେ ଘୁଙ୍ଗୁର ପିନ୍ଧି
ନାଚୁଛି ମୁଁ ତା ଥେଇ, ତା ଥେଇ...
ମୁଁ ଅଟେ ଗୋଟେ ଦୁଃଖୀ,
ଇଚ୍ଛା ହେଉଛି ସବୁ କରି ଯିବାକୁ,
ନ କରିପାରି ଜୀବନେ କିଛି,
ସମୟ ଦେଇଛି ମୁଁ ହାରି
ସେଇ କଥା ଏକାନ୍ତରେ ବସି ଭାବେ ଆଜି
କି ଭୁଲ କରିଦେଲି ଅତୀତରେ,
ଯାହାର ପଶ୍ଚାତାପ ନାହିଁ ।



■■■

ଭୁବନେଶ୍ୱର
ମୋ :୭୦୦୮୨୭୨୧୩୫

# ଯୁଦ୍ଧର ବେଳ ଏ ନୁହେଁ

ଭୁବନେଶ୍ୱର ବିଶି



ଯୁଦ୍ଧର ବେଳ ଏ ନୁହେଁ
ଆସ ବନ୍ଧୁ ବସି କଥା ହେବା,
ମିମାଂସା କରିବ,
ଯୁଦ୍ଧର ବେଳ ଏ ନୁହେଁ ।
ଯାହା ହରାଇଲ ଯାହା ବି ପାଇଲ
ଏତିକି ହିଁ ଥିଲା ସାର,
ବେଶୀ ପାଇବାକୁ ମନ ବଳାଇଲେ
ହେବ ସବୁ ଛାରଖାର ।
ଯୁଦ୍ଧ କରିବ ଭିଡ଼ାଭିଡ଼ି ହେବ
ରକତ ବହିବ ତମ
ଆହୁରି ହାରିବ କଅଣ ଜିତିବ
କରମ ହେଲା କି ବାମ ?
ତମେ ହରାଇଲ, ମୁଁ ହରାଇଲି
ଯିତିଲା ଏଠି ଯେ କିଏ ?
ଆମ ପଛେ ଠିଆ ଯେଉଁମାନେ ଥିଲେ
ସେମାନଙ୍କର କିସ ଯାଏ ?
ଧନ, ମାନ, ଯଶ, ସଖା ସହୋଦର,
ଶବୁ ହରାଇବା ମୋହେ
ଆସ ଆସ ସଖା ମିମାଂସା କରିବା
ଯୁଦ୍ଧର ବେଳ ଏ ନୁହେଁ ।



■■■

ରେଳବାଇ କଲୋନୀ,
ଜୟପୁର, ଓଡ଼ିଶା -୭୬୪୦୦୨
ମୋ - ୭୫୮୭୪୪୫୮୦୩

# ପବିତ୍ର ବନ୍ଧନ

ନିକୁଞ୍ଜ କୁମାର ଘୋଷ



ବିବାହ ବନ୍ଧନେ ଦୁଇଟି ଆତ୍ମାର
ଏକ ହୁଏ ଦୁଇ ମନ
ଅଚିହ୍ନା ହୃଦୟ ମିଳନରେ ଆସେ
ଏଠି ପବିତ୍ର ବନ୍ଧନ ॥

ଜୀବନ ରାସ୍ତାରେ ସାଥୀ କଲି ପ୍ରିୟେ
ସିନ୍ଦୁର ଟୋପାଟେ ଦେଇ
ନିଜଠୁ ନିଜର କରି ଦେଇ ପ୍ରିୟେ
ଶଂଖା ଦେଇଛି ପିନ୍ଧାଇ ॥

ସାକ୍ଷୀ ତ ରଖିଛି ଅଗ୍ନି ଦେବତାଙ୍କୁ
ସାତ ଫେରା ଦେଲି ବୁଲି
ଆସୁ ପଛେ ଯେତେ ବାଧାବିଘ୍ନ ସବୁ
ନ ଯିବ କେବେ ମୁଁ ଭୁଲି ॥

ଧରିଛି ହାତ ମୁଁ ଛାଡିବିନି କେବେ
ପ୍ରତିଜ୍ଞା କରିଛି ମୁହିଁ
ପବିତ୍ର ବନ୍ଧନ ଅତୁଟ ରଖିବି
ସଭିଙ୍କୁ ଦେଉଛି କହି ॥



■■■

ମାଧବପୁର, ଜଳେଶ୍ୱର - ୭୫୬୦୩୨
ମୋ - ୮୧୪୪୮୫୧୦୪୫



# ନୈବେଦ୍ୟ ପ୍ରଭୁଙ୍କୁ

ଶ୍ରୀମତୀ ଗୋପା ଦାଶ



ଶୁଭ ସକାଳର ମଙ୍ଗଳ ଆଳତୀ
ଦର୍ଶନେ ଭୁଲେ ସର୍ବଦୁଃଖ,
ତୁମ ଚକାଆଖି ଫୁଲ ନାକଚଣା
ଆଳତୀ ପ୍ରଦୀପେ
ମନେ ମୋ ଅମାପ ସୁଖ ।

ସିଂହଦ୍ୱାରେ ତୁମେ ଗୁମୁଟ ଠାକୁର
ପତିତଜନଙ୍କ ନାଥ,
ପତିତପାବନ ନାମନେଇ ମୋର
ଆରମ୍ଭ ସକାଳ ଚଳଚଞ୍ଚଳ ହସ୍ତ ।

ତୋରଣ ଲକ୍ଷ୍ମୀଙ୍କ ଓଢଣୀ ଭିତରେ
ମା' ତୁମେ ସର୍ବକଲ୍ୟାଣୀ,
ଅପୁର୍ବ ଘୋଡରେ ନାଲି ଓଢଣୀରେ
ଜଗତକୁ ଦେଖ ଶ୍ରୀମନ୍ଦିର ସାଆନ୍ତାଣୀ ।

ଆଜିର ଦିନଟି ସର୍ବଶୁଭ ହେଉ
ଆହେ ଜଗତର ନାଥ,
ସର୍ବଶାନ୍ତି ସୁଖେ ଦିନ ପାହିଯାଉ
ମିନତୀ ତୁମକୁ କାଳିଆ ସାଆନ୍ତ ।

ସୁର୍ଯ୍ୟୋଦୟ ହେଲା ନବପ୍ରଭାତରେ
ଶୁଭେ ଶୁଭକାକଳି ସ୍ୱର,
ଆକାଶଟା ଦିଶେ କେଡେ ମନୋରମ
ସୁନେଲି ସୂର୍ଯ୍ୟର ରକ୍ତିମଆଭାର ।

ଉଡିଯାନ୍ତି ପକ୍ଷୀ ଡେଣା ମେଲିଦେଇ
ମନପକ୍ଷୀପରି ଆକାଶବୁକୁରେ,
ଉଛୁଳେ ମନ୍ଦିର ଘଣ୍ଟ ଧୂପଦୀପ
ଶୁଭ ହୁଳହୁଳି ଶବଦରେ ।

ମଙ୍ଗଳ ଆଳତୀ ଦର୍ଶନକରି
ଭକ୍ତ ହୋଇଯାଏ ଧନ୍ୟ,
ହିନ୍ଦୁଧର୍ମରେ ଓଡ଼ିଆ ପ୍ରାଣର
ସଂସ୍କୃତି ଓ ପରମ୍ପରା ଅନନ୍ୟ ।

ଶୁଭସକାଳର ଶଙ୍ଖଧ୍ୱନୀ ମଧ୍ୟେ
ମଧୁର ତୁମଅମୃତନାମ,
ତୁଣ୍ଡେ ମୋର ଥାଉ ଅମୃତବାଣୀ
ହସ୍ତେ ମୋ ଅମୃତକର୍ମ ।

କେବେ ମସ୍ତକେ ଦିଏ ଦୁର୍ଲଭ ତୁଳସୀ
କେବେ ତୁମ ପାଦେ ମୋର ମଥା,
ଶ୍ରୀଗୀତଗୋବିନ୍ଦ ତୁଣ୍ଡରୁ ମୋ ଶୁଣ
କର୍ଣ୍ଣମୋର ଶୁଣୁ ତୁମ ଅମୃତକଥା ।

ଦିନ ପାହିଯାଉ ନଦୀ ବହିଯାଉ
ସଂସାର ଡ଼ଙ୍ଗା ମୋ ହେଉପାରି,
ସ୍ୱର୍ଗରଥେ ବସି ତୁମ ସ୍ୱର୍ଗଧାମ
ଜୀବନ ରାସ୍ତା ମୋ ହେଉପାରି।

■■■

କଟକ

# ପ୍ରେୟସୀ ଗୋ ତୁମେ

ପୀତାମ୍ବର ଭୋଇ





ପ୍ରେୟସୀ ଗୋ ତୁମେ ପ୍ରେମ-ଆକାଶରେ
ସ୍ମୃତିଭିଜା-ଜହ୍ନ ରାତି
ହସରେ ତୁମର ଆନନ୍ଦ ଜୁଆର
ଚାଲିରେ ପଦୁଅଁ ଫୁଟି ।
ତୁମ ଚାହାଣିରେ ହୃଦୟ ତରଳେ
କାମଶର ଦହେ ତନୁ
ନାଲି ଅଳତାର ପାଦ ରୁଣୁଝୁଣୁ
ଅନୁରାଗ ଆଣେ ମନୁ
ତୁମକୁ ପାଇମୁଁ ଧନ୍ୟ ହୋଇଅଛି
ଲଭିଛି ଅସୀମ ପ୍ରୀତି ।
ଆମ ମିଳନର ମଧୁ ଯାମିନୀରେ
ହସନ୍ତି ଆକାଶେ ତାରା
ଫଗୁଣର ମୃଦୁ ମଳୟ ବହଇ
ପୁଷ୍ପେ ସୁବାସିତ ଧରା
ମଧୁମୟ ଏଇ ପ୍ରକୃତି କୋଳରେ
ଗାଇବା ଜୀବନ-ଗୀତି ।
ଆଜି ଅଛୁଁ କାଲି ଥିବା କି ନଥିବା
ହେ ମୋର ଜୀବନ-ସାଥୀ
ଦୁଃଖେ, ସୁଖେ ଆମେ ଜୀବନ ଜିଇଁବା
ନ ଆଣି ମନରେ ଭିତି
ସେ ବିଶ୍ୱନିୟନ୍ତା ରଖିବେ ଆମକୁ
ଶରଣ ଯିବା ତା' କତି ।

■■■

ଭୁବନେଶ୍ୱର
ମୋ : ୯୪୩୭୫୫୩୬୪୭

# “ଇ ପତ୍ରିକା” ର ଫେବୃୟାରୀ ସଂଖ୍ୟା ଉନ୍ମୋଚନ ଏବଂ କବିତା ପାଠୋତ୍ସବ ସମୟର କିଛି ସ୍ମୃତି

## ୦୫.୦୨.୨୦୨୨ (ରବିବାର)













Publisher :
**Newtra Creations**
Plot No - 5, Jayadev Nagar,
Bhubaneswar - 751002
www.newtracreations.com

NEWTRA CREATIONS
Horizon of Creativity